ମୋପାସାଁ କାହାଣୀ

୨

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା ସଂଖ୍ୟା-୪୬

ମୋପାସାଁ କାହାଣୀ

[ଦ୍ୱିତୀୟ ଖଣ୍ଡ]

ଅନୁବାଦକ :

ଅଧ୍ୟାପକ ଶ୍ରୀଧର ଦାସ

ଗ୍ରନ୍ଥ ମନ୍ଦିର

Digitized by srujanika@gmail.com

ପ୍ରକାଶକ :

ଅଭିରାମ ମହାପାତ୍ର
ଗ୍ର ନ୍ଥ ମ ନ୍ଦି ର
କଟକ ୨ : ବ୍ରହ୍ମପୁର

ମୁଦ୍ରକ :

ପୂର୍ଣ୍ଣଚନ୍ଦ୍ର ଦାଶ
ଅ ନ୍ନ ଦା ପ୍ରେ ସ
ତୁଳସୀପୁର : କଟକ-୮

ପ୍ରଥମ ମୁଦ୍ରଣ :

ଫେବୃୟାରୀ, ୧୯୭[illegible]

ମୂଲ୍ୟ :

ଟ ୭-୫୦

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠା
୧ । ବ୍ୟର୍ଥ ଜୀବନ A Little Walk 371	୧
୨ । ଯମରାଜା The Devil 231	୧୧
୩ । ସାଇମନର ବାପା Simon's Papa 253	୨୨
୪ । ବାରବୁଲା A Vagabond 138	୩୬
୫ । ସମସ୍ୟାର ସମାଧାନ Complication 722	୪୩
୬ । ପ୍ରତିହିଂସା Revenge 713	୬୩
୭ । ଜଣେ ରେଳଯାତ୍ରୀର ବିବରଣ A Traveller's Tale 975	୭୪
୮ । ମୋ ବନ୍ଧୁଙ୍କ ପରିବାର A Family 208	୮୩
୯ । ନକଲି ଅଳଙ୍କାର The False Gems 523	୯୨
୧୦ । ମୃତବ୍ୟକ୍ତିର ଶଯ୍ୟାପାର୍ଶ୍ୱରେ Beside A Dead Man 787	୧୦୩
୧୧ । ପାଗଳୀ The Mad Woman 271	୧୧୦
୧୨ । ଅନ୍ଧ The Blind Man 764	୧୧୬

Digitized by srujanika@gmail.com

ବ୍ୟର୍ଥ ଜୀବନ

ବୃଦ୍ଧ ମି: ଲେଭ୍ରାସ୍ ହେଉଛନ୍ତି ମେସର୍ସ ଲେବ୍ରୁଜ ଏଣ୍ଡ କମ୍ପାନୀର ଏକାଉଣ୍ଟାଣ୍ଟ । ଅଫିସ କାମ ସାରି ସେ ଯେତେବେଳେ ଦୋକାନରୁ ବାହାରି ଆସିଲେ, ସେତେବେଳେ ଅସ୍ତଗାମୀ ସୂର୍ଯ୍ୟ-କିରଣରେ କିଛି ସମୟପାଇଁ ତାଙ୍କ ଆଖି ଝଲସିଗଲା । ଦୋକାନର ପଛପଟେ ଗୋଟାଏ କୋଠରିରେ ବସି ସେ ଦିନସାରା ଗ୍ୟାସ ଆଲୁଅରେ କାମ କରୁଥିଲେ । ଅଗଣାରୁ ସେ କୋଠରିଟା ଗୋଟାଏ ଗର୍ତ୍ତର କୂପଭଳି ଦିଶେ । ଏହି ଗ୍ରେଟ ଅନ୍ଧାରୁଆ କୋଠରିରେ ସେ ଗୁଳିଶି ବର୍ଷ ହେଲା କାମ କରି ଆସିଛନ୍ତି । ଏହା ଏତେ ଅନ୍ଧାରୁଆ ଯେ ଖରାଦିନେ ଅଳ୍ପ କେତୋଟି ଦିନ ଛାଡ଼ିଦେଲେ ବର୍ଷର ଅନ୍ୟସବୁ ଦିନେ ଏଥିରେ ବତି ବା ଗ୍ୟାସ୍ ଆଲୁଅ ଜାଳି କାମ କରିବାକୁ ହୁଏ ।

କୋଠରିଟି ସନ୍ତସନ୍ତିଆ ଓ ଥଣ୍ଡା । ଏଥିରୁ ସବୁବେଳେ ନର୍ଦ୍ଦମାର ଗନ୍ଧପରି ଗୋଟାଏ ଉତ୍କଟ ଗନ୍ଧ ବାହାରୁଥାଏ ।

ଗତ ଗୁଳିଶି ବର୍ଷ ହେଲା ମି: ଲେଭ୍ରାସ୍ ପ୍ରତିଦିନ ସକାଳ ଆଠଟାବେଳୁ ସନ୍ଧ୍ୟା ସାତଟା ପର୍ଯ୍ୟନ୍ତ କାର୍ଯ୍ୟ କରନ୍ତି । ସେ ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ; ବରାବର ନିଜ ଚଉକିରେ ବସି ହିସାବଖାତା ଆଗରେ ପକାଇ କାମ କରୁଥାନ୍ତି ।

ଏବେ ତାଙ୍କର ବର୍ଷକୁ ଦରମା ତିନି ହଜାର ଫ୍ରାଙ୍କ୍ । ଗୁଳିଶି ବର୍ଷତଳେ ପ୍ରଥମେ କମ୍ପାନୀର କାମରେ ଯୋଗ ଦେଲାବେଳେ ତାଙ୍କର ବେତନ ଥିଲା ବର୍ଷକୁ ପନ୍ଦରଶହ ଫ୍ରାଙ୍କ । ଏତେ କମ୍ ବେତନରେ

Digitized by srujanika@gmail.com

ଗୋଟିଏ ପରିବାର ଚଳାଇବା ଅସମ୍ଭବ ହୋଇଥିବାରୁ ସେ ଚିରକୁମାର ବ୍ରତ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଜୀବନରେ ତାଙ୍କର କିଛି ସୁଖ ନଥିଲା; ତେଣୁ ତାଙ୍କର କିଛି ଉଚ୍ଚ ଅଭିଳାଷ ମଧ୍ୟ ନ ଥିଲା । ତଥାପି ଏପ୍ରକାର ଅପରିବର୍ତ୍ତିତ, ସୀମାହୀନ କାର୍ଯ୍ୟରେ ବ୍ୟାକୁଳ ହୋଇ ସେ ବେଳେବେଳେ ଚିନ୍ତା କରୁଥିଲେ, "ବର୍ଷକୁ ପାଞ୍ଚହଜାର ଫ୍ରାଙ୍କ ମିଳନ୍ତା କି ଜୀବନଟା ସୁଖରେ କଟିଯାନ୍ତା ।" କିନ୍ତୁ ତାଙ୍କ ଜୀବନରେ ସେହି ମାସିକ ବେତନ ଛଡ଼ା ସେ ଆଉ କିଛି ପାଇ ନଥିଲେ କି ତାଙ୍କ ଜୀବନ କେବେହେଲେ ସୁଖରେ କଟି ନଥିଲା ।

ତାଙ୍କ ଜୀବନରେ କୌଣସି ଉତ୍ତେଜନା, କି କୌଣସି ଦୁଃସାହସ ବା କାମପ୍ରବୃତ୍ତି ଦେଖାଯାଇ ନଥିଲା; ଏପରିକି ସେ କୌଣସି ଆଶାକୁ ମନରେ ସ୍ଥାନ ଦେଇ ନଥିଲେ । ପ୍ରତ୍ୟେକ ଲୋକ କୌଣସି ନା କୌଣସି ଉଚ୍ଚ ଅଭିଳାଷର ସ୍ୱପ୍ନ ଦେଖିଥାଏ; କିନ୍ତୁ ସେଭଳି ସ୍ୱପ୍ନ ତାଙ୍କ ଅନ୍ତରରେ କେବେ ଦେଖାଯାଇ ନଥିଲା ।

ତାଙ୍କୁ ଏକୋଇଶ ବର୍ଷବେଳେ ସେ ଲେବ୍ଲୁଜ ଏଣ୍ଡ କମ୍ପାନୀରେ ଯୋଗ ଦେଇଥିଲେ; ଗୁଳିଶ ବର୍ଷପରେ ଏବେ ମଧ୍ୟ ସେ ସେଇଥିରେ ଅଛନ୍ତି । ତାଙ୍କୁ ଗ୍ରୁଡ଼ପାର ନାହାନ୍ତି ।

ଏହି ଦୀର୍ଘ ଚାଳିଶ ବର୍ଷ ମଧ୍ୟରେ ତାଙ୍କ ଜୀବନରେ ତିନୋଟି ମାତ୍ର ବଡ଼ ଘଟନା ଘଟିଯାଇଛି । ୧୮୫୬ ମସିହାରେ ତାଙ୍କ ପିତାଙ୍କର ଓ ୧୮୫୯ ମସିହାରେ ତାଙ୍କ ମାତାଙ୍କର ମୃତ୍ୟୁ ଘଟିଥିଲା । ୧୮୬୮ ମସିହାରେ ଘରବାଲା ଅଧିକ ଭଡ଼ା ଦାବ କରିବାରୁ ତାଙ୍କୁ ବସା ବଦଳାଇବାକୁ ହୋଇଥିଲା ।

ପ୍ରତିଦିନ ରାତିରେ ଶୋଇବାକୁ ଗଲାବେଳେ ସେ ଆଲାର୍ମ ଘଣ୍ଟାରେ ଚାବିଦେଇ ରଖୁଥିଲେ । ଠିକ୍ ଛଅଟାବେଳେ ଘଣ୍ଟା

Digitized by srujanika@gmail.com

ବାଜୁଥିଲା ଓ ସେ ବହୁଣାରୁ ଉଠିପଡ଼ୁଥିଲେ । ତ୍ରିଶ ବର୍ଷ ଭିତରେ ଦୁଇଥର ମାତ୍ର ଏହାର ବ୍ୟତିକ୍ରମ ହୋଇଥିଲା; ଥରେ ୧୮୬୭ ମସିହାରେ ଓ ଆଉ ଥରେ ୧୮୭୪ ମସିହାରେ । ଘଣ୍ଟାର କଳ କୌଣସି କାରଣରୁ ବିଗିଡ଼ି ଯାଇଥିବାରୁ ଏହି ଦୁଇଥର ବ୍ୟତିକ୍ରମ ଘଟିଥିଲା । ବହୁଣାରୁ ଉଠିଲାପରେ ସେ ଘର ଓଳାଉଥିଲେ, ଚଉକି ଟେବୁଲ ଝାଡ଼ୁଥିଲେ ଓ ପୋଷାକ ପିନ୍ଧୁଥିଲେ । ଏହି କାମ କରିବାକୁ ତାଙ୍କୁ ଠିକ୍ ଦେଢ଼ଘଣ୍ଟା ଲାଗୁଥିଲା ।

ସାଢ଼େ ସାତଟାବେଳେ ସେ ବସାରୁ ବାହାରୁଥିଲେ ଓ ଲହର ଦୋକାନରୁ ଗୋଟିଏ ରୁଟି କିଣୁଥିଲେ । ତ୍ରିଶ ବର୍ଷ ମଧ୍ୟରେ ସେହି ଦୋକାନ ରହିଥିଲେ ହେଁ ଏଗାର ଜଣ ଦୋକାନଦାର ଯାଇଥିବାର ସେ ଦେଖିଛନ୍ତି । ରୁଟି ଖାଇସାରି ସେ କାର୍ଯ୍ୟସ୍ଥଳକୁ ଯାଇ କାମରେ ଲାଗୁଥିଲେ ।

ତାଙ୍କର ଅଫିସ ଘରଟି ସଂକୀର୍ଣ୍ଣ, ଅନ୍ଧାରୁଆ । କାନ୍ଥରେ ଯେଉଁ କାଗଜ ଲାଗିଥିଲା, ତାହା ତ୍ରିଶ ବର୍ଷ ହେଲା ରହିଛି । ଏହି ଘରେ ତାଙ୍କ ଜୀବନର ତ୍ରିଶଟି ବର୍ଷ ଗତ ହେଲାଣି । ପ୍ରଥମେ ସେ ଯେତେବେଳେ ମି: ବ୍ରୁମେଣ୍ଟଙ୍କର ସହକାରୀ ହୋଇ କାର୍ଯ୍ୟ ଆରମ୍ଭ କରିଥିଲେ, ସେତେବେଳେ ସେ ବାଇଶ ବର୍ଷର ସୁସ୍ଥ, ସବଳ ଯୁବକ । ତାଙ୍କର ଆଶା ଥିଲା, ସେ ଜୀବନରେ ଉନ୍ନତି କରିବେ; ଉନ୍ନତି କରିଛନ୍ତି ମଧ୍ୟ । ଏଥିରୁ କିଛି ଅଧିକ ଆଶା ସେ ରଖି ନଥିଲେ ।

ଜୀବନଯାତ୍ରାରେ ଲୋକେ ନାନା ଅପ୍ରତ୍ୟାଶିତ ଘଟଣାର, ପ୍ରେମର ସୁଖମୟ ବା ଦୁଃଖମୟ ପରିଣତିର, ଦୁଃସାହସିକ କାର୍ଯ୍ୟାବଳୀର ସ୍ମୃତି ଧାରଣ କରିଥାନ୍ତି; କିନ୍ତୁ ମି: ଲେଭ୍ରିଉଙ୍କର ସେପରି କିଛି ନଥିଲା । ତାଙ୍କ ପକ୍ଷରେ ସବୁ ଦିନ, ସବୁ ମାସ, ସବୁ ବର୍ଷ

Digitized by srujanika@gmail.com

ସମାନ ! ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଉଠିବା, ନିର୍ଦ୍ଦିଷ୍ଟ ସମୟରେ ଖାଇବା, ନିର୍ଦ୍ଦିଷ୍ଟ ସମୟରେ ଅଫିସକୁ ଯିବା, ନିର୍ଦ୍ଦିଷ୍ଟ ସମୟରେ ଅଫିସରୁ ଆସି ଖାଇବା ଓ ଶୋଇବାକୁ ଯିବା-ଏହା ହିଁ ଥିଲା ତାଙ୍କର ଦୈନିକ କାର୍ଯ୍ୟ । ଏଥିରେ କିଛି ପରିବର୍ତ୍ତନ ଘଟୁ ନଥିଲା; ତାଙ୍କ ଚିନ୍ତାଧାରାରେ ମଧ୍ୟ କିଛି ପରିବର୍ତ୍ତନ ହୋଇ ନଥିଲା ।

ତାଙ୍କ ବସା ଘରେ ପିତାଙ୍କ ଅମଳରୁ ଥିବା ଅଇନାରେ ସେ ଏକସମୟରେ ନିଜ ମୁହଁର ସୁନ୍ଦର ନିଶ ଓ କୁଞ୍ଚିତ କେଶ ଦେଖୁଥିଲେ । ଏବେ ସନ୍ଧ୍ୟାବେଳେ ସେ ସେହି ଅଇନାରେ ନିଜର ଧଳା ନିଶ ଓ ଚନ୍ଦା ମୁଣ୍ଡକୁ ଦେଖୁଛନ୍ତି । ଚାଳିଶଟି ବର୍ଷ ଚାଲିଯାଇଛି; ଏହାର କୌଣସି ସ୍ମୃତି ମଧ୍ୟ ନାହିଁ; ଏପରିକି ପିତାମାତାଙ୍କ ମୃତ୍ୟୁର ଦୁଃଖଛଡ଼ା ଆଉ କୌଣସି ଦୁଃଖମୟ ଘଟଣାର ସ୍ମୃତି ମଧ୍ୟ ତାଙ୍କ ମନରେ ନାହିଁ ।

ଆଜି ମି: ଲେଭ୍ରସ୍ ଅଫିସରୁ ବାହାରିଲେ; କିନ୍ତୁ ଅନ୍ୟାନ୍ୟ ଦିନମାନ ସିଧା ଘରକୁ ଚାଲିନଯାଇ ରାସ୍ତାରେ ଛିଡ଼ା ହୋଇଗଲେ । ଅସ୍ତୋନ୍ମୁଖ ସୂର୍ଯ୍ୟଙ୍କର ରକ୍ତିମ କିରଣ ତାଙ୍କ ଆଖିକୁ ଝଲସାଇ ଦେଲା । ତାଙ୍କର ଇଚ୍ଛା ହେଲା, ଖାଇବା ପୂର୍ବରୁ ସେ ଟିକିଏ ବୁଲିଯିବେ ।

ସେ ସଦର ରାସ୍ତାକୁ ଚାଲିଗଲେ । ରାସ୍ତାର ଦୁଇ ପାଖରେ ବଡ଼ ବଡ଼ ଗଛ । ଗଛମାନଙ୍କରେ ଫୁଲ ଭରି ରହିଛି । ବସନ୍ତ ଋତୁର ସନ୍ଧ୍ୟା; ଶୀତ ନାହିଁ କିମ୍ବା ଅତିରିକ୍ତ ଉତ୍ତାପ ନାହିଁ । ଏପରି ଅବସ୍ଥାରେ ମନୁଷ୍ୟର ଅନ୍ତରରେ ଜୀବନର ଗୋଟାଏ ମାଦକତା ଆସେ ।

ବାର୍ଦ୍ଧକ୍ୟସୁଲଭ ମନ୍ଦ ଗତିରେ ମି: ଲେଭ୍ରସ ଚାଲିବାକୁ ଲାଗିଲେ । ରାସ୍ତାରେ ଜନସ୍ରୋତ ଆସୁଛି, ଯାଉଛି । ଜଗତ ଆନନ୍ଦ-ମୟ, ବାୟୁ ପ୍ରୀତିକର । ମି: ଲେଭ୍ରସ୍ଙ୍କ ଚକ୍ଷୁରେ ଆନନ୍ଦର ଦୀପ୍ତି ।

Digitized by srujanika@gmail.com

ସେ ପାର୍କରେ ପଦାର୍ପଣ ବୁଲିବାକୁ ଲାଗିଲେ । ମନ୍ଦ ମଧୁର ପବନର ସ୍ପର୍ଶରେ ସେ ଯୌବନର ସରସତା ଅନୁଭବ କଲେ ।

ଆକାଶ ରକ୍ତିମବର୍ଣ୍ଣ ଧାରଣ କରି ସୁବର୍ଣ୍ଣମୟ ନିହ୍ଲପରି ବୋଧ ହେଉଥିଲା । ପାର୍କର ପ୍ରାନ୍ତଭାଗରେ ଥିବା ବଳସ୍ତମ୍ଭଗୁଡ଼ିକ ଏହି ସୁବର୍ଣ୍ଣମୟ ବର୍ଣ୍ଣବଳୟରେ ଗୋଟିଏ ବିରାଟ ବୃକ୍ଷପରି ଦେଖାଯାଉଥିଲା । ମି: ଲେହାମ୍ ଏହି ସ୍ବଚ୍ଛନ୍ଦ ନିକଟରେ ପହଞ୍ଚିଲାବେଳକୁ କ୍ଷୁଧା ଅନୁଭବ କଲେ । ସେ ଗୋଟିଏ ହୋଟେଲକୁ ଯାଇ ଉଦରଶାନ୍ତି କଲେ ।

ସେ ହୋଟେଲର ସାମନାରେ ଫୁଟପାଥ୍ ଉପରେ ବସି ଖାଇଲେ । ସେଦିନ ସେ ଯାହା ଖାଇଲେ ତାହା ପୂର୍ବରୁ କେବେ ଖାଇ ନଥିଲେ । ଭୋଜନ ପରେ ସେ କଫି ଓ କିଛି ମଦ୍ୟ ପାନ କଲେ । ଜୀବନରେ ଏଥିପୂର୍ବରୁ ସେ କଫି ପିଇ ନଥିଲେ ।

ହୋଟେଲର ପଇସା ଦେଇ ସେ ଖୁବ୍ ଆନନ୍ଦ ଅନୁଭବ କଲେ । ତାଙ୍କ ମନରେ ଏକପ୍ରକାର ଉତ୍ତେଜନା ଜାତ ହେଲା । ସେ ମନକୁ ମନ କହିଲେ, "ଆଃ ! ଏ ରାତି କି ଚମତ୍କାର ! ପବନର ସ୍ପର୍ଶ କି ମଧୁର ! ଏହିପରି ବୋଟାନିକ ପର୍ଯ୍ୟନ୍ତ ଗଲେ ଖୁବ୍ ଭଲ ଲାଗିବ ।"

ସେ ପୁଣି ଚାଲିଲେ । ଅଜ୍ଞାତସାରରେ ତାଙ୍କ ତୁଣ୍ଡରୁ ଗୋଟିଏ ଗୀତ ବାହାରି ପଡ଼ିଲା । ଏହି ଗୀତଟି ସେ ତାଙ୍କ ପଡ଼ୋଶୀ ଘରର ଏକ ଝିଅଠାରୁ ଶୁଣି ମନେ ରଖିଥିଲେ ।

ସେ ବାରମ୍ବାର ସେହି ପ୍ରେମ ଗୀତଟି ଗାଇବାରେ ଲାଗିଲେ । ବାହାର ଅନ୍ଧକାର ସମଗ୍ର ପାଶ୍ରସ ସହରକୁ ଆଚ୍ଛନ୍ନ କରି ଆସୁଥିଲା । ମି: ଲେହାମ୍ ବୋଟାନିକ ଆଡ଼କୁ ଚାଲିଲେ । ରାସ୍ତାରେ ସେ କେତେ

Digitized by srujanika@gmail.com

ଘୋଡ଼ାଗାଡ଼ି ଦେଖିଲେ । ପ୍ରତି ଗାଡ଼ିର ବତି ଦୁଇଟି ଯୋଡ଼ିଏ ଜୋଖାଏଁ ଆଖିପରି ଦେଖାଯାଉଥିଲା । ଗୋଟିକ ପରେ ଗୋଟିଏ ଗାଡ଼ି ଚାଲିଥାଏ । ପ୍ରତି ଗାଡ଼ିରେ ଜଣେ ପୁରୁଷ ଓ ଜଣେ ସ୍ତ୍ରୀ । ସେମାନେ ମଧୁର ଆଳାପରେ ରତ; କେଉଁଠାରେ ପରସ୍ପର ଆଲିଙ୍ଗନରେ ଆବଦ୍ଧ । ଗାଡ଼ିଗୁଡ଼ିକ ଗୋଟିକ ପରେ ଗୋଟିଏ ମି: ଲେଭାସ୍‌ଙ୍କୁ ଅତିକ୍ରମ କରିଗଲେ । ତାଙ୍କୁ ବୋଧହେଲା, ସତେ ଅବା ତାରକା-ଚ୍ଛାଦିତ ଆକାଶତଳେ ପ୍ରେମିକ-ପ୍ରେମିକାମାନଙ୍କର ଏକ ଶୋଭାଯାତ୍ରା ଚାଲିଛି । ନାତିଶୀତୋଷ୍ଣ ବାୟୁ ସେମାନଙ୍କର ଚୁମ୍ବନ ବହନ କରି ଚାଲିଗଲା ପରି ମନେ ହେଲା ।

ମି: ଲେଭାସ୍ ଚାଲି ଚାଲି କ୍ଳାନ୍ତ ହୋଇ ପଡ଼ିଥିଲେ । ସେ ଗୋଟିଏ ବେଞ୍ଚ ଉପରେ ବସିପଡ଼ି ଏହି ଦୃଶ୍ୟ ଦେଖିବାକୁ ଲାଗିଲେ ।

ହଠାତ୍ ଜଣେ ସ୍ତ୍ରୀଲୋକ ଆସି ତାଙ୍କ ପାଖରେ ବେଞ୍ଚ ଉପରେ ବସିଗଲା । ମି: ଲେଭାସ୍‌ଙ୍କୁ ସମ୍ବୋଧନ କରି ସେ କହିଲା, "ପ୍ରିୟ !" ମି: ଲେଭାସ କୌଣସି ଉତ୍ତର ଦେଲେନାହିଁ । ତହୁଁ ସେହି ସ୍ତ୍ରୀଟି କହିଲା, "ପ୍ରିୟ ! ମୁଁ ତୁମର ହୋଇ ରହିଥିବି ।"

ମି: ଲେଭାସ୍ କହିଲେ, "ତୁମେ ଭ୍ରମରେ ମୋତେ ଅନ୍ୟ କେହି ବୋଲି ମନେ କରିଛ ।" ସ୍ତ୍ରୀ ଲୋକଟି ତାଙ୍କୁ ଆଲିଙ୍ଗନ କରିବାକୁ ବାହାରିଲା । ମି: ଲେଭାସ ଉଠିପଡ଼ି ପୁଣି ଚାଲିବାକୁ ଲାଗିଲେ । ଶହେ ଗଜ ନ ଯାଉଣୁ ଆଉ ଜଣେ ସ୍ତ୍ରୀଲୋକ ତାଙ୍କୁ ଠିକ୍ ସେହିପରି ଡାକିଲା । ସେ ଧୈର୍ଯ୍ୟଧରି ନପାରି କହିଲେ, "ତୁମେ ଏ କୁତ୍ସିତ ବ୍ୟବସାୟ କାହିଁକି କରୁଛ ?" ସ୍ତ୍ରୀ ଲୋକଟି ସ୍ୱର ବଦଳାଇ ଦେଇ କହିଲା, "ମୁଁ ମନ ସୁଖରେ ଏ କୁକାର୍ଯ୍ୟ କରୁନାହିଁ । ଏହା ଭଗବାନ ଜାଣନ୍ତି ।"

Digitized by srujanika@gmail.com

ମି: ଲେଖସ୍ କହିଲେ, "ତେବେ କାହିଁକି କରୁଛ ?" "ମୋର ଭାଗ୍ୟ ଖରାପ । କୌଣସି ଉପାୟରେ ମୋତେ ବଞ୍ଚିବାକୁ ହେବ ।" ରମଣୀଟି ଏହି ଉତ୍ତର ଦେଇ ଚାଲିଗଲା ।

ମି: ଲେଖସ୍‌ଙ୍କ ମନ ଅସ୍ଥିର ହୋଇ ଉଠିଲା । ସଂସାର ତାଙ୍କୁ ଅସହ୍ୟ ବୋଧହେଲା । ସେ ଗୋଟାଏ ବେଞ୍ଚ ଉପରେ ବସିପଡ଼ିଲେ । ଗାଡ଼ି ପରେ ଗାଡ଼ି ଚାଲିଛି । ସେହି ଦୃଶ୍ୟ; ଯୁବକ-ଯୁବତୀଙ୍କର ସେହି ପ୍ରେମସମ୍ଭାଷଣ, ସେହି ଆଲିଙ୍ଗନ ।

ସେ ଭାବିଲେ, "ମୁଁ ଏଠାକୁ ଆସି ନଥିଲେ ଭଲ ହୋଇଥାନ୍ତା ।"

ଏହି ପ୍ରେମର ଅଭିନୟ—ବାସ୍ତବ ଆନ୍ତରିକ ହେଉ ବା ଅର୍ଥଗତ ହେଉ—ତାଙ୍କ ମନରେ ଗଭୀର ଆନ୍ଦୋଳନ ସୃଷ୍ଟି କଲା ।

ମି: ଲେଖସ୍ ଜୀବନରେ ପ୍ରେମ କଅଣ ଅନୁଭବ କରି ନ ଥିଲେ । ଦୀର୍ଘ ଷାଠିଏ ବର୍ଷର ଜୀବନକାଳ ମଧ୍ୟରେ ସେ ଦୁଇ ତିନି ଜଣ ରମଣୀଙ୍କୁ ଜାଣିଥିଲେ; ତାହା ପୁଣି ଦୈବାତ୍ ଆକସ୍ମିକ ଭାବରେ । କୌଣସି ରମଣୀଙ୍କ ସହିତ ପରିଚିତ ହେବାକୁ ବା ତାଙ୍କର ସାନ୍ନିଧ୍ୟ ଲାଭ କରିବାପାଇଁ ସେ କେବେ ଚେଷ୍ଟା କରି ନଥିଲେ । ତାଙ୍କର ଆର୍ଥିକ ଅବସ୍ଥା ଯେପରି ସେଥିରେ ସେ କୌଣସି ବିଳାସ-ବାସନାକୁ କେବେହେଲେ ମନରେ ସ୍ଥାନ ଦେଇ ନଥିଲେ । ତାଙ୍କର ଜୀବନ ଅନ୍ୟମାନଙ୍କ ଜୀବନ ପରି ନୁହେ; ତାଙ୍କ ଜୀବନ ଅନ୍ଧକାରମୟ, ନୀରସ, ଶୂନ୍ୟ ।

ଜଗତରେ କେତେ ଲୋକ ହତଭାଗ୍ୟ ହୋଇ ଜନ୍ମିଥାନ୍ତି । ସେମାନଙ୍କ ଭାଗ୍ୟରେ ଚିରନ୍ତନ ଯନ୍ତ୍ରଣା ଲେଖାଥାଏ; ଜୀବନରେ କିଛି ବୈଚିତ୍ର୍ୟ ନଥାଏ । ସେମାନଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁ କେବଳ ଯନ୍ତ୍ରଣାମୟ । ଆଗରେ କିଛି ନାହିଁ,

Digitized by srujanika@gmail.com

ଚଛରେ କଛୁ ନାହିଁ, ଗୃହଅଭ୍ୟନ୍ତର ଶୂନ୍ୟ । ସେମାନଙ୍କର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁଦିନ ସମାନ । ମିଃ ଲେଭ୍ରସ୍ ସେଇମାନଙ୍କ ଭିତରୁ ଜଣେ ବୋଲି ଉପଲବ୍ଧି କରିପାରିଲେ ।

ଗାଡ଼ି ପରେ ଗାଡ଼ି ଚାଲିଛି । ପ୍ରତି ଗାଡ଼ି ଭିତରେ ସେହି ଦୃଶ୍ୟ । ମିଃ ଲେଭ୍ରସ୍‌ଙ୍କର ଧାରଣା ହେଲା, ସଂସାରର ଲୋକେ ଆନନ୍ଦରେ ମତ୍ତ ହୋଇ ଚାଲିଛନ୍ତି, କେହି ଏକାକୀ ନୁହେଁ । ଜଗତରେ ସେହି ଏକମାତ୍ର ସଙ୍ଗୀହୀନ । ଏ ପର୍ଯ୍ୟନ୍ତ ସେ ଏକାକୀ ଜୀବନ କଟାଇ ଆସିଛନ୍ତି । କାଲି ଆସିବ, ପଅରଦିନ ଆସିବ । ସେ ସେହିପରି ଏକାକୀ ରହିଥିବେ । ଜଗତରେ ଏକମାତ୍ର ସେ ନିଃସଙ୍ଗ, ସମ୍ପୂର୍ଣ୍ଣ ଏକାକୀ ।

ସେ ଉଠି ଚଢ଼ି କେତେ ପାଦ୍‌ ଚାଲିଲେ । ଭୀଷଣ କ୍ଳାନ୍ତ ବୋଧ ହେଲା । ସେ ଗୋଟିଏ ବେଞ୍ଚ ଉପରେ ପୁଣି ବସି ପଡ଼ିଲେ ।

କାହାକୁ ତାଙ୍କର ଅପେକ୍ଷା ? ଅପେକ୍ଷା କରିବା ପାଇଁ ଜଗତରେ ତାଙ୍କର ନିଜର କେହି ନାହାନ୍ତି । ସେ କଅଣ ଆଶା କରୁଛନ୍ତି ? ନା, ତାଙ୍କ ଜୀବନରେ କୌଣସି ଆଶା ନାହିଁ । ସେ ଚିନ୍ତା କଲେ, "ଏ ବୟସରେ କେତୋଟି ପୁଅ ଝିଅ ଥାଆନ୍ତେ ? ସନ୍ଧ୍ୟାବେଳେ କାମରୁ ଘରକୁ ଆସିଲାବେଳେ ସେମାନଙ୍କର ଆନନ୍ଦ କୋଳାହଳ କେତେ ଆନନ୍ଦ ଦେଉଥାନ୍ତା ? ପୁରୁଷ ଯେଉଁମାନଙ୍କର ଜନ୍ମଦାତା, ସେଇମାନଙ୍କ ସ୍ନେହ, ଆଦର, ନିରର୍ଥକ ଗଳ୍ପ, ହସ, କାନ୍ଦ ମଧ୍ୟରେ ବୃଦ୍ଧ ହେବାରେ କି ଆନନ୍ଦ ? ସେମାନେ ମନୁଷ୍ୟର ଅନ୍ତରରେ ଅମୃତ ଢାଳି ଦେଉଥାନ୍ତି; ନୈରାଶ୍ୟରେ ସାନ୍ତ୍ୱନା ଦେଉଥାନ୍ତେ ?

ନିଜର ଶୂନ୍ୟ କୋଠରି କଥା ତାଙ୍କ ମନେ ପଡ଼ିଗଲା । ସେ କୋଠରିରେ ତାଙ୍କ ଛଡ଼ା ଅନ୍ୟ କାହାର ପାଦ ପଡ଼ିନାହିଁ । ଏହି

Digitized by srujanika@gmail.com

ଚିନ୍ତା ତାଙ୍କ ହୃଦୟକୁ ଅଧିକାର କଲା । ଅଫିସ ଘର ଯେପରି ରହିବା କୋଠରି ମଧ୍ୟ ସେହିପରି ଯନ୍ତ୍ରଣାଦାୟକ ମନେ ହେଲା ।

ଅନ୍ୟ କେହି କେବେ ସେ କୋଠରିକୁ ଆସିନାହାଁନ୍ତି; କାହାରି ଭିତରର କଥା ସେ କୋଠରି ଶୁଣିନାହିଁ; ମନୁଷ୍ୟର ଭାଷାରେ ଏ କୋଠରି କେବେ ପ୍ରତିଧ୍ୱନିତ ହୋଇନାହିଁ । ଏ କୋଠରିଟି ମୂକ, ବଧିର, ଜଡ଼ । ଘରର ଲୋକ ଯେପରି ହୃଦୟ, ବୋଧହୁଏ ଘର ମଧ୍ୟ ସେହିପରି ହୋଇଥାଏ । ଯେଉଁ ଘରେ ସୁଖୀ ପରିବାର ଥାଆନ୍ତି, ସେ ଘର ଆନନ୍ଦମୟ । ମି: ଲେଭ୍ରସ୍‌ଙ୍କ କୋଠରିଟି ଠିକ୍ ତାଙ୍କର ଜୀବନ ପରି ନିରାନନ୍ଦମୟ, ବିଷାଦମୟ, ଯେଉଁଥିରେ ହର୍ଷର ଆଲୋକ ରେଖା କେବେ ପଡ଼ିନାହିଁ, କମ୍ଭା ପଡ଼ିବ ନାହିଁ । ଏବେ ସେହି କୋଠରିକୁ ଫେରିଯିବାକୁ ହେବ, ଅନ୍ୟଦିନ ପରି ନୈମିତ୍ତିକ କାର୍ଯ୍ୟ କରି ଶୋଇବାକୁ ହେବ, ଏହା ଚିନ୍ତାକଲାକ୍ଷଣି ସେ ନିଜକୁ ନିତାନ୍ତ ଅସହାୟ ମନେ କଲେ । ନା, ଏ ଅଭିଶପ୍ତ କୋଠରିଠାରୁ ଦୂରକୁ ଚାଲିଗଲେ ରକ୍ଷା ।

ସେ ହଠାତ୍ ଉଠିପଡ଼ି ଚାଲିଲେ, ଲକ୍ଷ୍ୟହୀନ ଭାବରେ । ବାଟ ପାଖରେ ଗୋଟାଏ ବୁଦା ଦେଖାଗଲା । ସେ ତାହାରି ପାଖେ ଘାସ ଉପରେ ବସିଗଲେ ।

ଚାରିପାଖେ ସେ ଗୋଟାଏ ଶବ୍ଦ ଶୁଣିଲାପରି ଅନୁଭବ କଲେ । ଉପରେ, ତଳେ, ପାଖରେ, ଦୂରରେ ସବୁଆଡ଼େ ସେହି ଶବ୍ଦ । ସେ ଶବ୍ଦଟି ନାନା ଶବ୍ଦର ମିଶ୍ରଣରେ ଉତ୍ପନ୍ନ । ସେ ମନେକଲେ, ଏ ହେଉଛି ପାରିସନଗରୀର ନିଶ୍ୱାସ; ପାରିସ ନିର୍ଜୀବ ନୁହେଁ; ତାର ଜୀବନ ଅଛି ।

× × ×

Digitized by srujanika@gmail.com

ଏହି ଘଟଣାର ପରଦିନ ସକାଳେ ସୂର୍ଯ୍ୟ ଉଇଁଲେ । ବୋଲୋନର ରାଜପଥ ସୂର୍ଯ୍ୟାଲୋକରେ ଝଲମଲ ହୋଇଗଲା । କେତୋଟି ଗାଡ଼ି ତାହା ଉପରେ ଚାଲିଗଲା । କେତେଜଣ ଯୁବକ ଘୋଡ଼ାରେ ଚଢ଼ି ସେହି ରାସ୍ତା ଉପରେ ଚାଲିଗଲେ ।

ଜଣେ ଯୁବକ ଓ ଜଣେ ଯୁବତୀ ହାତ ଧରାଧରି ହୋଇ ରାସ୍ତାର ଏକ ପାର୍ଶ୍ୱରେ ଯାଉଥିଲେ । ହଠାତ୍ ଯୁବତୀ ଜଣକ ରାସ୍ତାର ଏକ ପାର୍ଶ୍ୱକୁ ଅନାଇ ଗଛଡାଳରେ କିଛି ଓହଳିଥିବାର ଦେଖି ଛିଡ଼ା ହୋଇଗଲେ । ସେ ସେହି ଗଛଆଡ଼କୁ ହାତ ଦେଖାଇ ଯୁବକକୁ କହିଲେ, "ଦେଖିଲ, ଯେଉଁଟା କଅଣ ଗଛରୁ ଓହଳିଛି ।" ଭୟରେ ସେ ଅଚେତ ହୋଇ ପଡ଼ିଲେ । ଯୁବକ ତାଙ୍କୁ ତଳେ ବସାଇଦେଲେ ।

ଲୋକେ ଦୌଡ଼ିଆସି ଗଛଡାଳରୁ ଓହଳୁଥିବା ଲୋକଟିକୁ ତଳକୁ ନେଇ ଆସିଲେ । କିନ୍ତୁ ତା ଦେହରେ ଜୀବନ ନଥିଲା । ଲୋକଟି ଦଉଡ଼ିଦେଇ ଆତ୍ମହତ୍ୟା କରିଥିବା ଜଣା ପଡ଼ିଲା ।

ଯଥାବିଧି ମୃତବ୍ୟକ୍ତିର ଶରୀର ଖାନତଲ୍ଲାସ କରାଗଲା । ତାର ପକେଟରୁ କେତେ କାଗଜ ବାହାରିଲା, ସେଥିରୁ ଜଣାଗଲା ଯେ ତାର ନାମ ମି: ଲେଭାସ୍, ସେ ମେସର୍ସ ଲେବ୍ରୁଜ ଏଣ୍ଡ କମ୍ପାନୀର ଆକାଉଣ୍ଟାଣ୍ଟ ।

ଡାକ୍ତରମାନେ ଏହି ଅପମୃତ୍ୟୁ ସମ୍ବନ୍ଧରେ ମତ ଦେଲେ— କୌଣସି ଅଜ୍ଞାତ କାରଣରୁ, ସମ୍ଭବତଃ ସାମୟିକ ମସ୍ତିଷ୍କ ବିକୃତ ହେତୁରୁ ଲୋକଟି ଦଉଡ଼ିଦେଇ ଆତ୍ମହତ୍ୟା କରିଅଛି ।

Digitized by srujanika@gmail.com

ଯମରାଜା

ଘର ଭିତରେ ବୁଢ଼ୀ ଗୋଟାଏ ଖଟଣା ଉପରେ ପଡ଼ିଛି; ତାର ଏକ ପାଖରେ ଡାକ୍ତର ଓ ଅନ୍ୟ ପାଖରେ ତାର ପୁଅ । ବୁଢ଼ୀର ଶେଷମୁହୂର୍ତ୍ତ ଉପସ୍ଥିତ । ସେ ମୃତ୍ୟୁର ଆଗମନକୁ ଅପେକ୍ଷା କରି ନିଷ୍ପନ୍ଦ ଚକ୍ଷୁରେ ସେ ଦୁହିଁଙ୍କୁ ଚାହିଁଛି । ବୁଢ଼ୀର ବୟସ ୯୨ ବର୍ଷ; ସାଧାରଣ ମଣିଷର ପରମାୟୁଠାରୁ ସେ ଆହୁରି ବେଶି ବଞ୍ଚିଛି; ସଂସାରର ସବୁକାର୍ଯ୍ୟ ତାର ସରିଛି । ସେ ମରିବାକୁ ପ୍ରସ୍ତୁତ ।

ଜୁଲାଇ ମାସର ବର୍ଷାନ୍ତରିତ ସୂର୍ଯ୍ୟକିରଣ ଝରକାବାଟେ ଘରର ମାଟି ମେଜିଆ ଉପରେ ପଡ଼ୁଛି । ଏହି ମେଜିଆ ଉପରେ ବୁଢ଼ୀର ପୂର୍ବପୁରୁଷଙ୍କର ପାଦ ପଡ଼ିଆସିଛି । ବେଳେବେଳେ ଧାନ କିଆରୀର ଗନ୍ଧ ପବନରେ ଭାସିଆସି ଘରେ ପଶିଯାଉଛି । ଝିଣ୍ଟିକା-ମାନେ ଘର ଚାରିପାଖେ ଝିଁ ଝିଁ ଶବ୍ଦରେ ଘରଟିକୁ ମୁଖରିତ କରୁଅଛନ୍ତି ।

ଡାକ୍ତର ଉଚ୍ଚସ୍ୱରରେ କହିଲେ, "ହେନୋରି, ତୁମ ମାଆର ଏଭଳି ଅବସ୍ଥା; ତୁମେ ତା ପାଖ ଛାଡ଼ି କୁଆଡ଼େ ଯିବ ନାହିଁ । ଯେକୌଣସି ମୁହୂର୍ତ୍ତରେ ତାର ମୃତ୍ୟୁ ହୋଇପାରେ ।"

ହେନୋରି ଚାଷୀ ଲୋକ, ବେଳ କାଳ ଜାଣି ଚାଷ କାମ ନ କଲେ ସର୍ବନାଶ । ସେ ନିତାନ୍ତ ଦୁଃଖିତ ହୋଇ କହିଲା, "କିନ୍ତୁ ଆଜି ଯାଇ ବିଲରୁ ଧାନ ନ ଆଣିଲେ ଚଳିବ ନାହିଁ । ତିନି ଚାରିଦିନ ହେଲା କଟା ହୋଇ ତଳେ ପଡ଼ିଛି । ଆଜି ପାଗ ମଧ୍ୟ ଖୁବ୍ ଭଲ ଅଛି । ମାଆ, ତୁ କଅଣ କହୁଛୁ ?"

Digitized by srujanika@gmail.com

ବୁଢ଼ୀର ଲୋଭ କମ୍ ନୁହେ। ତାର କଥା କହିବାର ଶକ୍ତି ନଥିଲା। ସେ ଆଖିର ସଙ୍କେତ ଓ ମୁଖର ଭଙ୍ଗୀ ଦ୍ୱାରା ପୁଅକୁ ଜଣାଇଦେଲା, "ତୁ ଯା, ଧାନ ବୋହି ଘରକୁ ନେଇ ଆସିବୁ। ମୁଁ ମଲାବେଳେ ତୁ ନଥିଲେ କ୍ଷତି ନାହିଁ।"

କିନ୍ତୁ ଡାକ୍ତର ଟିକେ ଦୋହାଡ଼ି କରି କଡ଼ା ସ୍ୱରରେ କହିଲେ, "ତୁମେ ମନୁଷ୍ୟ ନା ପଶୁ? ମୁଁ ତୁମକୁ ଛାଡ଼ିଦେବି ନାହିଁ। ତୁମକୁ ଏଇଠାରେ ରହି ବୁଢ଼ୀକି ଜଗିବାକୁ ହେବ। ଯଦି ଧାନ ଆଣିବା ନିତାନ୍ତ ଦରକାର ଥାଏ ଓ ତୁମେ ଯିବ, ତାହାହେଲେ ଆଗେ ଯାଇ ରୁପର୍ଟର ଭାରିଯାକୁ ଡାକିଆଣ। ସେ ବୁଢ଼ୀ ପାଖେ ଜଗି ରହିବ। ତୁମକୁ ଏହା ନିଶ୍ଚୟ କରିବାକୁ ହେବ। ନୋହିଲେ ତୁମର ଯେତେବେଳେ ରୋଗ ହେବ, ସେତେବେଳେ ମୁଁ ଆଉ ପଚାରିବି ନାହିଁ। ଏକୁଟିଆ ପଡ଼ି କୁକୁର ପରି ମରିବ।"

ହନୋରା ଖୁବ୍ ଚେଙ୍ଗା ଓ ବଳୁଆ; କେବଳ ଦେହଟି ସରୁ। ସେ କଅଣ କରିବ ସ୍ଥିର କରିପାରିଲା ନାହିଁ। ଏକ ପକ୍ଷରେ ଡାକ୍ତରଙ୍କ ଧମକ, ଅନ୍ୟ ପକ୍ଷରେ ପଇସା ପାଇଁ ଲୋଭ। ସେ ବହୁତ ଭାବି ଭାବି ଡାକ୍ତରଙ୍କୁ ପଚାରିଲା, "ରୋଗୀର ସେବା କରିବା ପାଇଁ ରୁପର୍ଟର ଭାରିଯା କେତେ ଟଙ୍କା ନିଏ?"

ଡାକ୍ତର ବିରକ୍ତ ହୋଇପଡ଼ି କହିଲେ, "ସେ କେତେ ନେବ, ମୁଁ କିପରି ଜାଣିବି? ସେ ଯେତେ ସମୟ ରହିବ, ତା ଉପରେ ତାର ମଜୁରି ନିର୍ଭର କରେ। ଯାଅ, ମଜୁରି ବିଷୟରେ ତା ସଙ୍ଗରେ କଥା ତୁଟାଅ। ମୋର କହିବାର ଉଦ୍ଦେଶ୍ୟ, ଯାଇ ତାକୁ ଏଇ ଘଣ୍ଟାକ ଭିତରେ ନେଇଆସ।"

ହନୋରା ରୁପର୍ଟର ଭାରିଯାକୁ ଡାକିଆଣି ମା ପାଖରେ ଛାଡ଼ିଦେଇ ଧାନ ଆଣିବାକୁ ଯିବ ବୋଲି ସ୍ଥିର କଲା। ସେ ଡାକ୍ତରଙ୍କୁ

Digitized by srujanika@gmail.com

କହିଲା, "ଆଜ୍ଞା, ରାଗ କରୁଛନ୍ତି କାହିଁକି ? ମୁଁ ଯାଉଛି, ତାକୁ ଡାକିଆଣି ମାଆ ପାଖରେ ରଖି ମୋ କାମକୁ ଯିବି ।"

ହେନେରି ବାହାଣ୍ଡ ଗଳାଟିକୁ ଉଚ୍ଚ କରି କହିଲେ, "ସାବଧାନ ହେନେରି, ମୁଁ ରଗିଲେ କାହାରି ନୁହେଁ । ଜାଣିଥାଅ, ଏ ଖେଳଘର କଥା ନୁହେଁ; ମଣିଷର ଜୀବନ ନେଇ ଆମର କାରବାର ।"

ହେନେରି ଫେରିପଡ଼ି ମାଆକୁ କହିଲା, "ମାଆ, ଡାକ୍ତର ଯେତେବେଳେ କହୁଛନ୍ତି, ମୁଁ ଯାଉଛି; ରୁପର୍ଟର ସ୍ତ୍ରୀକୁ ଆଣି ଆସିବି । ତୁ ସେତେବେଳ ଯାଏ ଥିବୁ ।"

ରୁପର୍ଟର ସ୍ତ୍ରୀ ଧୋବଣୀ କାମ କରେ । ତାହା ସାଥିରେ ସେ ସୁବିଧା ମିଳିଲେ ଆଉ ଗୋଟିଏ କାମ କରେ । ଆଖପାଖରେ କେହି କେହି ବେମାର ପଡ଼ିଲେ ସେ ସେମାନଙ୍କ ରୋଗୀର ସେବା କରେ । ରୋଗୀ ମରିଗଲେ ତାକୁ କବର ଦିଆଯିବାଯାଏ ଜଗିରହେ । ମଡ଼ା ପାଇଁ କନା ସିଇଁ ଖୋଲଣି ତିଆରି କରେ । ଏହିପରି ମଲାଲୋକଙ୍କ ପାଇଁ କାମ ସରିଗଲେ ସେ ଜୀଅନ୍ତା ଲୋକଙ୍କ ପାଇଁ ପୋଷାକ ସଫା କରି ଇସ୍ତ୍ରୀ ଦିଏ । ତାର ଚେହେରାଟି ଅଦ୍ଭୁତ । ତାର ଅଣ୍ଟାଠାରୁ ଉପର ଅଂଶଟି ନଇଁପଡ଼ି ଗୋଡ଼ ସହିତ ଗୋଟିଏ ସମକୋଣ କରିଥାଏ । ହୁଏତ ପୋଷାକ ଇସ୍ତ୍ରି କଲାବେଳେ ନଇଁ ନଇଁ ତାର ଦେହ ଏପରି ହୋଇଥିବ । ଦେହର ଚମଡ଼ା ଓହଳି ପଡ଼ିଥାଏ । ସମସ୍ତଙ୍କ ପ୍ରତି ତାର ଈର୍ଷା । ବୁଢ଼ୀ ହୋଇଥିଲେ ସୁଦ୍ଧା ତାର ଲୋଭ ଖୁବ୍ ବେଶି । ଶହ ଶହ ଲୋକଙ୍କର ମରଣ ଯନ୍ତ୍ରଣା ଦେଖି ଦେଖି ତାର ସ୍ୱଭାବ ଏପରି ହୋଇଥିଲା ଯେ କେହି ମରଣ ଯନ୍ତ୍ରଣାରେ ଛଟପଟ ହେବାର ଦେଖିଲେ ସେ ଏକପ୍ରକାର ଦାନବୀୟ ଆନନ୍ଦ ଅନୁଭବ କରୁଥିଲା । କିଏ କେଉଁଠି ମଲା, ମଲାବେଳେ ତାହାର କି ପ୍ରକାର ବିକୃତି ହୋଇଥିଲା, ସେ ତାହାର ମୃତ୍ୟୁ ସମ୍ପର୍କରେ

Digitized by srujanika@gmail.com

କଅଣ କରିଥିଲା, ଏହିସବୁ ଗଳ୍ପ କହିବା ତାର ପ୍ରଧାନ ଆମୋଦ ଥିଲା । ଏ ପ୍ରକାର ଗଳ୍ପଛଡ଼ା ଅନ୍ୟ କୌଣସି ଗଳ୍ପ ତା ମୁହଁରୁ କେହି ଶୁଣି ନଥିଲେ ।

ହନୋରି ତା ଘରେ ପହଞ୍ଚିଲାବେଳକୁ ସେ ପୋଷାକରେ ଦେବାପାଇଁ ମଣ୍ଡ ତିଆରି କରୁଥିଲା । ହନୋରି ନମସ୍କାର କରି କହିଲା, "ମାଉସି, ଭଲ ଅଛ ?"

ସେ ବୁଲାପଡ଼ି ହନୋରିକି ଦେଖି କହିଲା, "ହଁ ଭଲ, ଖୁବ୍ ଭଲ । ତୁ କପରି ଅଛୁ ?"

ହନୋରି ଉତ୍ତର କଲା, "ମୁଁ ଖୁବ୍ ଭଲ ଅଛି ; ମାତ୍ର ମୋ ମାଆର ଦେହ ବଡ଼ ଖରାପ ।"

"ତୋ ମାଆର ଦେହ ଖରାପ ?"

"ହିଁ, ମୋ ମାଆର ।"

"ତାର କଅଣ ହୋଇଛି ?"

"ହୋଇଛି କଅଣ ପଚାରୁଛ ? ତାର ପ୍ରାଣ ବାହାରିଯିବା ଉପରେ ।"

ରୁପର୍ଟର ଡରିଯା ମୁଣ୍ଡରୁ ହାତ ବାହାର କରିଆଣି ଖୁବ୍ ସହାନୁଭୂତି ଦେଖାଇ କହିଲା, "ତାର ଅବସ୍ଥା ଏତେ ଦୂର ହେଲଣି ?"

"ଡାକ୍ତର କହୁଛନ୍ତି ଯେ ବୁଢ଼ୀ କାଲି ସକାଳଯାଏ ରହିବ ନାହିଁ ।"

"ତାହାହେଲେ ତ ଅବସ୍ଥା ନିଶ୍ଚୟ ସାଙ୍ଘାତିକ ।"

ହନୋରି ଅସଲ ପ୍ରସ୍ତାବଟା ଜଣାଇବା ଆଗରୁ କିଛି କଥାବାର୍ତ୍ତା କରିବାକୁ ଚାହିଁଲା । କିନ୍ତୁ କି ପ୍ରକାର କଥାବାର୍ତ୍ତା ଆରମ୍ଭ କରିବ ସ୍ଥିର କରି ନପାରି କହିଲା, "ମାଉସି, ମୋ ମାଆର ଶେଷଯାଏ ପାଖରେ ରହିବାପାଇଁ କେତେ ନେବ ? ତୁମେ ତ ଜାଣ,

Digitized by srujanika@gmail.com

ମୁଁ ଗରିବ । ବ୍ଲକରଣୀଟାଏ ରଖିବାକୁ ବଳ ନାହିଁ । ବୁଢ଼ୀକୁ ଏତେ ବସ୍ୟସରେ ବି କାମ କରିବାକୁ ହେଉଥିଲା । କାମ କରିକରି ସେ ଏପରି ହେଲା । ସେ ଏକୁଟିଆ ଦଶ ଜଣଙ୍କର କାମ କରୁଥିଲା । ଆଜିକାଲି ତାଭଳି ଟାଣୁଆ କାମିକା ମଣିଷ ଦେଖା ଯାଉନାହାନ୍ତି ।”

ହ୍ୟୁପର୍ଟର ଷଣ୍ଡଯା ଗମ୍ଭୀର ହୋଇ କହିଲା, “ବୁଝିଲୁ ବାପ, ମୋର ଦୁଇ ପ୍ରକାର ମଜୁରି ଅଛି । ଧନୀଙ୍କ ପାଇଁ ଦିନବେଳା ସକାଶେ ଦୁଇ ଫ୍ରାଙ୍କ, ରାତି ସକାଶେ ତିନି ଫ୍ରାଙ୍କ; ଗରିବଙ୍କ ପାଇଁ ଏହାର ଅଧା । ତୁ ଏହି ଅଧା ରେଟରେ ଦେବୁ, ଦିନ ସକାଶେ ଏକ ଫ୍ରାଙ୍କ, ରାତି ପାଇଁ ଦୁଇ ଫ୍ରାଙ୍କ ।”

କିନ୍ତୁ ହନୋରି ତା ମାଆ କଥା ଭଲକରି ଜାଣେ । ତାଭଳି ଟାଣୁଆ ଏକଜାଗିଆ ସ୍ତ୍ରୀଲୋକ ଦେଖାଯାନ୍ତି ନାହିଁ । ସେ ଭାବିଲା, ଡାକ୍ତର ଯାହା କହନ୍ତୁ ନା କାହିଁକି, ବୁଢ଼ୀ କେତେ ଦିନ ଯୁଝିବ କହିହେବ ନାହିଁ । ହୁଏତ ଆହୁରି ଗୋଟିଏ ସପ୍ତାହ ବଞ୍ଚିପାରେ । ତାହା ହେଲେ ବହୁତ ଖରଚ ପଡ଼ିଯିବ । ତେଣୁ ସେ କହିଲା, “ନା, ମୁଁ ଦିନ ହିସାବରେ ଦେବି ନାହିଁ । ବୁଢ଼ୀର ଜୀବନ ଯିବାଯାକେ ରହିବ । କେତେ ନେବ କୁହ । ଡାକ୍ତର କହୁଛନ୍ତି ସେ ସେ ଖୁବ୍ ଶୀଘ୍ର ମରିଯିବ । ଯଦି ତାହା ହୁଏ ତୁମର ଲାଭ, ମୋର କ୍ଷତି । କିନ୍ତୁ ଯଦି ବୁଢ଼ୀ ଆଜି କାଲି ଦିନେ ଦୁଇଦିନ ରହେ, ତେବେ ମୋର କିଛି ଲାଭ ହେବ, ତୁମର କିଛି କ୍ଷତି ହେବ । ଯାହା ହେଉ, କିଛି ସ୍ଥିର କରିଦିଅ ।”

ହ୍ୟୁପୋର୍ଟର ଷଣ୍ଡଯା ତା ଜୀବନରେ ଏପରି ଦରଦାମ କେବେ କରି ନଥିଲା । ସେ ବିସ୍ମିତ ହୋଇ ହନୋରିର ମୁହଁକୁ ଚାହିଁଲା । ସେ ଭାବିଲା, ଯଦି ବୁଢ଼ୀଟା ଆଜି ମରିଯାଏ, ତେବେ ବେଶ୍ ଲାଭ ହେବ, ଡାକ୍ତର କଥା ଠିକ୍ । ପୁଣି ଟିକିଏ ପରେ ଭାବିଲା, ଏହାର କଥାରେ

Digitized by srujanika@gmail.com

କପରି ବିଶ୍ୱାସ କରିବ ? ଡାକ୍ତର କଅଣ କହନ୍ତି କିଏ ଜାଣେ ? ତେଣୁ ସେ କହିଲା, "ମୋର ମଜୁରି ବିଷୟରେ ମୁଁ ବର୍ତ୍ତମାନ କିଛି କହିପାରିବି ନାହିଁ । ଆଗ ମୁଁ ଯାଇ ମା'ଙ୍କ ଅବସ୍ଥା ଦେଖେଁ । ତାହାପରେ କହିବି ।"

ହନୋରି ଏହି ପ୍ରସ୍ତାବରେ ରାଜି ହୋଇଗଲା ।

ରୁପର୍ଟର ଘରଯା ହାତ ଧୋଇ ହନୋରି ସାଥିରେ ତା' ଘରକୁ ଚାଲିଲା । ବାଟରେ ଦୁହେଁ ନୀରବ ।

ଘର ଖୁବ୍ ନିକଟ ହେବାରୁ ହନୋରି କହିଲା, 'ମାଉସି, ଯଦି ଆମେ ଘରେ ପହଞ୍ଚିଲାବେଳକୁ କାମ ସରି ଯାଇଥିବ, ତେବେ କଅଣ ହେବ ?"—ହନୋରିର ଏହି ପ୍ରଶ୍ନର ପଚାରିବା ଭଙ୍ଗୀରୁ ଜଣାଗଲା, ସେ ଇଚ୍ଛା କରେ ଯେ ମାଆର ମୃତ୍ୟୁ ଯେତେ ଶୀଘ୍ର ହୋଇଯାଏ ସେତେ ଭଲ ।

ଦୁହେଁ ହନୋରିର ଘରେ ପହଞ୍ଚିଲେ । କିନ୍ତୁ ସେତେବେଳକୁ ବୁଢ଼ୀର ମରଣ ହୋଇ ନଥିଲା । ସେ ମୁହଁ ଉପରକୁ କରି ତୁଣ୍ଡା ବିଛଣା ଉପରେ ପଡ଼ିଥିଲା । ତାର ଆଙ୍ଗୁଠିଗୁଡ଼ାକ ଲମ୍ବ ଓ ସରୁ; କଙ୍କଡ଼ା ଗୋଡ଼ ପରି ଦିଶୁଥିଲା । ତାର ହାତ ଦୁଇଟି ଛନ୍ଦ ହୋଇ ରହିଥିଲା । ପ୍ରାୟ ଏକ ଶତାବ୍ଦୀର ପରିଶ୍ରମ ପରେ ସଂପ୍ରତି ଅବା ସେ ହାତ ଦୁଇଟି ବିଶ୍ରାମ ନେଉଥିଲେ ।

ବୁଢ଼ୀ ମରି ନଥିଲେ ହେଁ ମଲାପରି ପଡ଼ିଥିଲା । ରୁପର୍ଟର ଘରଯା ବିଛଣା ପାଖକୁ ଯାଇ କିଛି ସମୟଯାଏ ତାର ମୁହଁକୁ ଚାହିଁଲା; ନାଡ଼ି ଦେଖିଲା ଓ ଛାତିରେ ଟିପ ମାରି ପରୀକ୍ଷା କଲା । ତାର ନିଶ୍ୱାସର ଶବ୍ଦ ଶୁଣିଲା । ବୁଢ଼ୀ କଥା କହିପାରୁଛି କି ନା ଜାଣିବାପାଇଁ ସେ ତାକୁ କେତେକ ପ୍ରଶ୍ନ ପଚାରିଲା । ପୁଣି କିଛି ସମୟ ବୁଢ଼ୀର ମୁହଁକୁ ଚାହିଁ ସେ ଘରୁ ବାହାରି ଆସିଲା । ହନୋରି ତା ପଛେ ପଛେ

Digitized by srujanika@gmail.com

ଆସିଲା । ହନୋରର ବିଶ୍ୱାସ, ବୁଢ଼ୀ ସେହି ରାତିରେ ଚାଲିଯିବ । ସେ ପଚାରିଲା, "ମାଉସି, କଅଣ ଦେଖିଲ ?"

ରୁପର୍ଟର ଘରପା କହିଲା, "ବୁଢ଼ୀ ଆଜ ଦୁଇଦିନ କି ତିନିଦିନ ବଞ୍ଚିପାରେ । ତୁ ମୋତେ ମୋଟରେ ଛଅ ଫ୍ରାଙ୍କ ଦେବୁ ।"

ହନୋର ବିସ୍ମିତ ହୋଇ ଚିତ୍କାର କଲା, "ଛଅ ଫ୍ରାଙ୍କ ! ଛଅ ଫ୍ରାଙ୍କ କେଉଁଠି, ମୁଁ କେଉଁଠି ? ତୁମେ କଣ ବାୟାଣୀ ହେଲ ମାଉସି ? ମାଆ ଆଉ ପାଞ୍ଚଛଅ ଘଣ୍ଟା ବଞ୍ଚିବ କି ନା ସନ୍ଦେହ ।" କିଛି ସମୟ ପର୍ଯ୍ୟନ୍ତ ଦୁହିଁଙ୍କ ଭିତରେ ଏ ବିଷୟରେ ଖୁବ୍ ଉତ୍ତା-ଉତ୍ତର ଚାଲିଲା । ଶେଷକୁ ରୁପର୍ଟର ଘରପା ଚାଲିଯିବାକୁ ବସିଲା । ହନୋର ଦେଖିଲା, ବେଳ ଚାଲିଯାଉଛି । କଟା ଧାନ ଉଠାଇ ନ ଆଣିଲେ ନ ଚଳେ । ତେଣୁ ଅନ୍ୟ ଉପାୟ ନ ଦେଖି ସେ ଛଅ ଫ୍ରାଙ୍କ୍ ଦେବ ବୋଲି ରାଜି ହୋଇ କହିଲା, "ହେଉ, ମୁଁ ଛଅ ଫ୍ରାଙ୍କ୍ ଦେବି । କିନ୍ତୁ ଏହାଛଡ଼ା ଆଉ କିଛି ଦେବି ନାହିଁ । ଶବ କବରକୁ ଯିବା ପର୍ଯ୍ୟନ୍ତ ତୁମକୁ ରହିବାକୁ ହେବ ।"

ହନୋର ଧାନ କିଆରୀକୁ ଚାଲିଗଲା ଓ ରୁପର୍ଟର ଘରପା ରୋଗିଣୀ ପାଖେ ରହିଲା ।

ରୁପର୍ଟର ଘରପା କେବଳ ଲୁଗାସଫା କାମ ବା ରୋଗୀସେବା କାମକରେ ନାହିଁ । ସିଲେଇ କାମ ଓ ବୁଣିବା କାମ ମଧ୍ୟ ଜାଣେ । ରୋଗୀସେବା କାମ ସଙ୍ଗେ ନିଜପାଇଁ କିମ୍ବା ଅନ୍ୟ କାହାପାଇଁ ଏଭଳି କାମଦ୍ୱାରା ସେ ଆହୁରି କିଛି ଆୟ କରେ । ଅଥଚ ସେଥିପାଇଁ ଅଧିକା ସମୟ ଲାଗେନାହିଁ । ଦୁଇକାମ ଏକ ସଙ୍ଗରେ ଚାଲେ । ସେ ଏହିପରି କିଛି କାମ ସଙ୍ଗରେ ନେଇ ଆସିଥିଲା । ତେଣୁ ମରୁଥିବା ରୋଗିଣୀକୁ ଜଗିବା ଓ ସିଲେଇ ତାର ଏ ଦୁଇ କାମ ଏକ ସଙ୍ଗରେ ଚାଲିଲା ।

× × ×

Digitized by srujanika@gmail.com

ବେଳ ଗଡ଼ି ଆସିଲା । ଥଣ୍ଡା ପବନ ଝରକାବାଟେ ଆସିବାରୁ କାନ୍ଥରେ ଓହଳୁଥିବା କେତୋଟି କାଗଜ ଫଡ଼ ଫଡ଼ କଲା । ଝରକାରେ ଲଗିଥିବା ପରଦା ଉଡ଼ିବା ପରି ହେଲା ।

ବୁଢ଼ୀ ଅଚଳ ଅବସ୍ଥାରେ ଖଟରେ ପଡ଼ିଛି । ତାର ଆଖି ଦୁଇଟି ମେଲା । ତାର ମୃତ୍ୟୁ ନିକଟ; ସେ ମୃତ୍ୟୁକୁ ଅପେକ୍ଷା କରିଛି; କିନ୍ତୁ ମୃତ୍ୟୁ ଆସିବାରେ ବିଳମ୍ବ କରୁଛି । ଶ୍ୱାସବାୟୁ କଣ୍ଠ ପାଖରେ ରୁଦ୍ଧ ହେଉଛି । ଯେ କୌଣସି ମୁହୂର୍ତ୍ତରେ ଏହି ବାୟୁ ଏକବାରେ ବନ୍ଦ ହୋଇଯିବ, ବୁଢ଼ୀ ସଂସାରରୁ ବିଦାୟ ନେବ । ପୃଥିବୀର ଲୋକସଂଖ୍ୟାରୁ ଗୋଟିଏ କମିଯିବ; କିନ୍ତୁ ସେଥିପ୍ରତି କେହି ଦୃଷ୍ଟି ଦେବେ ନାହିଁ ।

ହନୋରି ସନ୍ଧ୍ୟାବେଳକୁ କାମରୁ ଫେରିଆସି ଘରଭିତରେ ପଶିଗଲା; ଦେଖିଲା, ମାଆର ପ୍ରାଣ ଯାଇନାହିଁ । ସେ ରୁପର୍ଟର ସ୍ତ୍ରୀକୁ ପଚାରିଲା, "ବୁଢ଼ୀ ଦେହ କିପରି ଅଛି ?" ହନୋରି ଏ ପ୍ରଶ୍ନର କୌଣସି ଉତ୍ତର ଆଶା କରି ନଥିଲା । ବୁଢ଼ୀ ରୋଗରେ ପଡ଼ିବାଦିନୁ ସେ ସହସ୍ରବାର ଏହି ପ୍ରଶ୍ନ ପଚାରିଥିବ । ସେ ରୁପର୍ଟର ସ୍ତ୍ରୀକୁ କହିଲା, "ମାଉସି, ତୁମେ ରାତିରେ ରହିବା ଦରକାର ନାହିଁ । ମୁଁ ଅଛି । କିନ୍ତୁ କାଲି ଭୋର ପାଞ୍ଚଟା ବେଳକୁ ଆସି ପହଞ୍ଚିଥିବ । ଯେପରି ଡେରି ନ ହୁଏ । ମୁଁ କାମକୁ ବାହାରି ଯିବି ।" ରୁପର୍ଟର ସ୍ତ୍ରୀ ଯାଉ ଯାଉ କହିଲା, "ହଁ, ଠିକ୍ ପାଞ୍ଚଟା ବେଳକୁ ଆସି ଯାଇଥିବି ।"

ଠିକ୍ ସକାଳ ପାଞ୍ଚଟା ବେଳକୁ ସେ ପହଞ୍ଚିଗଲା । ସେତେ-ବେଳକୁ ହନୋରି ଟିକିଏ ଜାଉ ନିଜ ହାତରେ ତିଆରି କରି ଖାଉଥିଲା । ରୁପର୍ଟର ସ୍ତ୍ରୀ ପଚାରିଲା, "ମାଆ କାଲି ରାତିରେ ମଲା ?" ହନୋରି ଉତ୍ତରକଲା, "ନା, ମରିନାହିଁ; ବରଂ କାଲିଠାରୁ

Digitized by srujanika@gmail.com

ଟିକିଏ ଭଲ ଅଛି ।" ଏତିକି କହି ସେ ହାତ ଧୋଇ କାମକୁ ବାହାରି ଗଲା ।

ରୁପର୍ଟର ହଠାତ୍ ମନରେ ଚିନ୍ତା ପଶିଗଲା । ସେ ବୁଢ଼ୀର ଖଟ ପାଖକୁ ଯାଇ ତାକୁ ଭଲରୂପେ ଚାହିଁଲା । ଅବସ୍ଥାରେ କିଛି ପରିବର୍ତ୍ତନ ଦେଖି ପାରିଲା ନାହିଁ । ଆଗଭଳି ବୁଢ଼ୀ ଅଚଳ ଅବସ୍ଥାରେ ପଡ଼ିଛି; ଆଖି ଦୁଇଟାରେ ଜଳଜଳ କରି ଚାହିଁଛି; ହାତରେ ଖଟର ଗଦିକୁ ମୁଠାଇ ଧରିଛି । ତଣ୍ଟି ପୂର୍ବ ଦିନ ପରି ଘଡ଼ ଘଡ଼ ହେଉଛି । ରୁପର୍ଟର ଭରସା ହବଲା—ବୁଢ଼ୀ ଏହିପରି କେତେଦିନ ପଡ଼ିବ କିଏ ଜାଣେ ? ଦୁଇଦିନ ଚାରିଦିନ ଏପରିକି ଆଠ ଦଶଦିନ ପର୍ଯ୍ୟନ୍ତ ଏଇ ଅବସ୍ଥାରେ ବଞ୍ଚି ରହିପାରେ । ସେ ଯେତେ ଲୋକଙ୍କ ମୃତ୍ୟୁ ଶଯ୍ୟାରେ ଜଗିଥିଲା, କେହି ତାକୁ ଏଭଳି କ୍ଷତିରେ ପକାଇ ନଥିଲେ । ସେ ରାଗରେ ଜଳି ଉଠିଲା ।

ଅନ୍ୟ ଉପାୟ ନ ଦେଖି ଖଟ ପାଖରେ ବସି ସେ ତାର ସିଲାଇ କାମରେ ଲାଗିଲା । ମଝିରେ ମଝିରେ ସେ ବୁଢ଼ୀର ମୁହଁ ଆଡ଼କୁ ଚାହୁଁଥାଏ । କିଛି ସମୟ ପରେ ହନୋରି ଖାଇବାକୁ ଆସିଲା । ସେ ଭାରି ଖୁସି ଥିଲାପରି ଜଣାଗଲା । ସୁବିଧାରେ ଧାନତକ ଘରକୁ ଆଣୁଥିବାରୁ ତାର ଆନନ୍ଦ ।

ଏଣେ ରୁପର୍ଟର ଭରସାର ଧୈର୍ଯ୍ୟଚ୍ୟୁତି ଘଟି ଆସିଲା । ପ୍ରତି ମିନିଟ ତାକୁ ଏକ ଘଣ୍ଟା ପରି ଲାଗିଲା । ଯେତେ ବିଳମ୍ବ ହେଉଛି, ସେ ସେତେ କ୍ଷତିରେ ପଡ଼ୁଛି ବୋଲି ତାର ଧାରଣା ହେଲା । ତାର ମନ ହେଉଥାଏ, ସେ ଯାଇ ବୁଢ଼ୀର ଗଳାକୁ ଚିପିଦେଇ ଚିରଦିନ ଲାଗି ସେ ଘଡ଼ ଘଡ଼ ଶବ୍ଦଟାକୁ ବନ୍ଦ କରିଦିଅନ୍ତା । କିନ୍ତୁ ପରେ ପରେ ଏଭଳି କାର୍ଯ୍ୟର ବିଷମୟ ପରିଣାମ ତାର ମନକୁ ଆସୁଥାଏ, ପୋଲିସ, ଜେଲଖାନା ! କିଛି ସମୟ ଚିନ୍ତା କରି କରି ସେ ବିଛଣାର

Digitized by srujanika@gmail.com

ଖବ୍ ନିକଟକୁ ଯାଇ ବୁଢ଼ୀର କାନ ପାଖରେ କହିଲା, "ଯମ ଆସି ତୁମକୁ ଦେଖା ଦେଲଣି ?" ବୁଢ଼ୀ ଧୀର ସ୍ୱରରେ ଉତ୍ତର କଲା, 'ନା' ।

ବୁଢ଼ୀର ଦୁର୍ବଳ ମୁମୂର୍ଷୁ ହୃଦୟକୁ ଆହୁରି ତ୍ରସ୍ତ କରିବା ଉଦ୍ଦେଶ୍ୟରେ ସେ କହିବାକୁ ଲାଗିଲା, "ମନୁଷ୍ୟ ମରିବାର କିଛି ସମୟ ଆଗରୁ ଯମ ଆସି ତାକୁ ଦେଖାଦିଏ। ଯମ ଦେଖିବାକୁ କିପରି ଜାଣିଛ ? ତା ମୁଣ୍ଡରେ ଥାଏ ଗୋଟାଏ ବଡ଼ କଡ଼େଇ, ହାତରେ ଝାଡ଼ୁକାମୁଠା । ଆଉ ସେ ଗର୍ଜନ କରୁଥାଏ । ତାକୁ ଯିଏ ଦେଖିଲା, ସେ ମଲା ବୋଲି ଜାଣିବ । ତାକୁ ଦେଖିବାର ମିନିଟକ ଭିତରେ ପ୍ରାଣ ବାହାରିଯିବ । ତୁମେ ଶୁଣିଥିବ, ଏ ବର୍ଷ ଯେତେ ଲୋକ ମରିଛନ୍ତି, ସମସ୍ତେ—ଜୋସେଫନ୍ ଲୁଇଲାଲ, ସୋଫି, ସେରାଫିନ — ସମସ୍ତେ ଯମକୁ ଦେଖିଲା ପରେ ପରେ ମରିଛନ୍ତି ।"

ବୁଢ଼ୀର ମନ ଅସ୍ଥିର ହୋଇ ଆସିଲା । ସେ ବିଛଣାରେ ଛଟପଟ ହୋଇ ଖଟ ଉପରେ ହାତ ପିଟିବାକୁ ଲାଗିଲା । ଯମ କେଉଁଆଡ଼ୁ ଆସୁଥିବ, ଦେଖିବ ବୋଲି ସେ ଘରର ଏ ମୁଣ୍ଡରୁ ସେ ମୁଣ୍ଡଯାଏ ଦେଖିବାକୁ ଚେଷ୍ଟା କଲା ।

ଏଣେ ରୁପର୍ଟଭିଏୟା ସେଠାରୁ ଖସିଯାଇ କାନ୍ଥ ଆଲମାରିରୁ ଗୋଟାଏ ଚଦର ଆଣି ସେଥିରେ ନିଜ ଦେହକୁ ଘୋଡ଼ାଇ ଦେଲା; କଡ଼େଇଟାଏ ଆଣି ମୁଣ୍ଡ ଉପରେ ଉବୁଡ଼ାଇ ଦେଲା । କଡ଼େଇ ପଛପଟେ ତିନିଟା ଗୋଡ଼ ଥିଲା । ସେ ତିନିଟା ଶିଙ୍ଗପରି ଦେଖାଗଲା । ସେ ଡାହାଣ ହାତରେ ଗୋଟାଏ ଝାଡ଼ୁକାମୁଠା ଓ ବାଁ ହାତରେ ଗୋଟାଏ ବଡ଼ ଟିଣଡବା ଧରି ପ୍ରସ୍ତୁତ ହୋଇଗଲା । ଟିଣଡବାଟିକୁ ତଳେ ପକାଇ ଦେବାରୁ ଗୋଟାଏ ଖୁବ୍ ଶବ୍ଦ ହେଲା । ବୁଢ଼ୀ ଚମକି ପଡ଼ିଲା ।

Digitized by srujanika@gmail.com

ଏହାପରେ ରୂପଇର୍ଶ୍ୱରଯା ସେହି ଅଦ୍ଭୁତ ବେଶରେ ଗୋଟାଏ ଚଉକି ଉପରେ ଚଢ଼ିଗଲା । ମୁଣ୍ଡକୁ ଗୋଟାଏ ଟିଣପାତ୍ରରେ ଘୋଡ଼ାଇ ରଖି ସେ ବିଚିତ୍ର ଶବ୍ଦ କରିବାକୁ ଲାଗିଲା । ଡାହାଣ ହାତର ଖଡ଼ିକା ମୁଠାକୁ ସେ ବୁଢ଼ୀ ଆଡ଼କୁ ଦେଖାଇ ବୁଲାଉଥାଏ ।

ବୁଢ଼ୀ ଏ ଭୀଷଣ ଦୃଶ୍ୟ ଦେଖି ଓ ଶବ୍ଦ ଶୁଣି ଭୟରେ ପଳାଇବାପାଇଁ ପ୍ରାଣପଣେ ଉଦ୍ୟମ କଲା । ବହୁ କଷ୍ଟରେ ବିଛଣାରୁ ନିଜର ଦେହକୁ ଗୁଣ୍ଡ ପର୍ଯ୍ୟନ୍ତ ଉଠାଇଲା । କିନ୍ତୁ ଆଉ ଉଠିପାରିଲେ ନାହିଁ । ଲଥ୍‌କିନା ପୁଣି ବିଛଣା ଉପରେ ପଡ଼ିଗଲା । ଏହା ଫଳରେ ବୁଢ଼ୀର ପ୍ରାଣ ଛୁଟିଗଲା ।

ସଙ୍ଗେ ସଙ୍ଗେ ରୂପଇର୍ଶ୍ୱରଯା ଚଉକିରୁ ଓହ୍ଲାଇ ପଡ଼ି ଚଦର-ଟାକୁ ପୂର୍ବପରି କାନ୍ଥ ଆଲମାରିରେ, ଖଡ଼ିକାମୁଠାକୁ ଘରର କଣରେ, କଡ଼େଇକୁ ରୋଷେଇ ଘରେ ଓ ଟିଣପାତ୍ରକୁ ବାହାରେ ରଖିଦେଲା । ଏହାପରେ ସେ ବିଧିଅନୁସାରେ ଖଟପାଖକୁ ଯାଇ ବୁଢ଼ୀର ଡିମା ଆଖି ଯୋଡ଼ାକ ବୁଜି ଦେଲା; ଗୋଟିଏ ଥାଳିଆରେ ପବିତ୍ର ଜଳ ରଖି ସେଥିରେ ସିଞ୍ଚିବାପାଇଁ କେତୋଟି କୁଟା ପକାଇ ଥାଳିଆଟିକୁ ଖଟ ଉପରେ ରଖିଦେଲା । ଏସବୁ କାର୍ଯ୍ୟ ଶେଷକରି ସେ ପ୍ରାର୍ଥନା କରିବାକୁ ବସିଗଲା । ଶହ ଶହ ରୋଗୀଙ୍କ ମୃତ୍ୟୁପରେ ଏହି ପ୍ରାର୍ଥନା ବୋଲି ବୋଲି ସେ ଏହାକୁ ମୁଖସ୍ଥ କରିଥିଲା । ତେଣୁ ବହି ଖୋଜିବା ଦରକାର ନଥିଲା ।

ସନ୍ଧ୍ୟାବେଳକୁ ହନୋରି ଘରକୁ ଆସି ଦେଖିଲା, ରୂପଇର୍-ଶ୍ୱରଯା ପ୍ରାର୍ଥନା କରୁଛି । ସେଥିରୁ ସେ ଜାଣିପାରିଲା ଯେ ମାଆ ମରିଗଲାଣି । ସେ ହିସାବ କଲା, ରୂପଇର୍ଶ୍ୱରଯା ତିନଦିନ ଓ ଏକରାତି କାମ କରିଛି । ସାଧାରଣ ରେଟରେ ତାର ପ୍ରାପ୍ୟ ହେଉଛି ପାଞ୍ଚ-

Digitized by srujanika@gmail.com

ଫ୍ରାଙ୍କ । ତେଣୁ ସେ ଏକ ଫ୍ରାଙ୍କ ଠକେ ନେଲା । ଯାହା ହେଉ, ଧନୋର ଚୁକ୍ତି ଅନୁଯାରେ ଛଅ ଫ୍ରାଙ୍କ ଗଣିଦେଲା ।

ରୁପର୍ଟଭରଯା ମନେ ମନେ ଭାବିଲା, "ଭାବିଥିଲି, ଏ ବୁଢ଼ୀଟା ମୋତେ ଲୁଟିରେ ପକାଇ ଦେବ । କିନ୍ତୁ ବୁଢ଼ି ଟରେଚ କରାରୁ ଏକ ଫ୍ରାଙ୍କ ଲାଭ କଲି ।

ସାଇମନର ବାପା

ଘୋଷାଏ ବାଜିଲା । ସ୍କୁଲର ଖେଳଛୁଟି । ପିଲାମାନେ ବାହାରକୁ ଯିବାପାଇଁ ଦ୍ୱାରପାଖରେ ଠେଲାଠେଲି । ଅନ୍ୟଦିନ ପିଲାମାନେ ଅତି ଶୀଘ୍ର ବାହାରିପଡ଼ି ଘରକୁ ଖାଇବାପାଇଁ ଚାଲିଯାନ୍ତି; କିନ୍ତୁ ଆଜି ସେମାନେ ଘରକୁ ଚାଲି ନ ଯାଇ ସ୍କୁଲ ଘରଠାରୁ ଅଳ୍ପ ଦୂରରେ ଦଳଦଳ ହୋଇ ଛିଡ଼ା ହୋଇଛନ୍ତି ଓ ଫୁସ୍ ଫୁସ୍ କଥାବାର୍ତ୍ତା କରୁଛନ୍ତି । ଏହାର କାରଣ ହେଉଛି; ଲା ବ୍ଲାଞ୍ଚୋଟର ପୁଅ ସାଇମନ ଆଜି ନୂଆ ହୋଇ ସ୍କୁଲକୁ ଆସିଛି ।

ପିଲାମାନେ ସମସ୍ତେ ଆପଣା ଆପଣା ଘରେ ଲା ବ୍ଲାଞ୍ଚୋଟ ବିଷୟରେ କିଛି କିଛି ଶୁଣିଥିଲେ । ସେମାନଙ୍କର ମାଆମାନେ ତାକୁ ଘୃଣା କରୁନଥିଲେ; କିନ୍ତୁ ଟିକିଏ ନୀଚ ଦୃଷ୍ଟିରେ ଦେଖୁଥିଲେ ଓ ତା ପ୍ରତି ଅନୁକମ୍ପା ପ୍ରଦର୍ଶନ କରୁଥିଲେ । ପିଲାମାନେ ଏହା ଜାଣି-ପାରିଥିଲେ, କିନ୍ତୁ ଏଥିର କାରଣ ଆଦୌ ଜାଣିନଥିଲେ ।

Digitized by srujanika@gmail.com

ଏଥିପୂର୍ବରୁ ସେମାନେ ସାଇମନକୁ ଦେଖିନଥିଲେ, ଚିହ୍ନିବା ଦୂରର କଥା । ଏଥିର କାରଣ ହେଉଛି, ସାଇମନ କେବେ ରାସ୍ତାରେ ସେମାନଙ୍କ ସାଥିରେ ଖେଳିବାକୁ ଯାଉନଥିଲା । ସେମାନେ ବେଳେ-ବେଳେ ନଈକୂଳରେ ବୁଲନ୍ତି; କିନ୍ତୁ ନଈକୂଳରେ ସେମାନେ କେବେ ସାଇମନକୁ ଦେଖିନଥିଲେ । ତେଣୁ ତା ପ୍ରତି କାହାରି ସ୍ନେହ ନଥିଲା । ଏଥିମଧ୍ୟରେ ଚଉଦ ପନ୍ଦର ବର୍ଷର ପିଲାଟିଏ ପ୍ରଚାର କରିଦେଲା, "ସାଇମନକୁ ଚିହ୍ନିଛ ? ତାର ବାପା ନାହିଁ ।" ଏହି ସାମାନ୍ୟ କଥା ପିଲାଙ୍କ ଭିତରେ ପ୍ରଚାର ହୋଇଯିବା ଫଳରେ ସେମାନେ ଦଳଦଳ ହୋଇ ଆନନ୍ଦ ଓ ବିସ୍ମୟରେ ତାହାରି ଚର୍ଚ୍ଚା କରୁଥିଲେ । ସମସ୍ତଙ୍କ ତୁଣ୍ଡରେ ସେହି ଗୋଟିଏ କଥା— ସାଇମନର ବାପା ନାହିଁ ।

ସାଇମନର ବୟସ ସାତ ଆଠବର୍ଷ ମାତ୍ର । ତାର ମୁହଁଟି ଶୁଖିଲା, କିନ୍ତୁ ପୋଷାକପତ୍ର ପରିଷ୍କାର । ସେ ଟିକିଏ ଭୟାଳୁ ଓ ତାର ଢଙ୍ଗଢାଙ୍ଗ ଅନ୍ୟମାନଙ୍କଠାରୁ ଭିନ୍ନ । ସେ ଘରକୁ ମାଆ ପାଖକୁ ଯିବାବେଳକୁ ବାଟରେ ତାର ସାଥି ସ୍କୁଲ ପିଲାମାନେ ଦଳଦଳ ହୋଇ ତାକୁ ଘେରିଗଲେ । ସମସ୍ତେ ଫୁସ୍‌ଫୁସ୍ ହୋଇ ତାକୁ ଥଟ୍ଟା କରିବାକୁ ଲାଗିଲେ । ସେମାନେ ତା ଚାରିପାଖେ ଏପରି ଘେରିଗଲେ ଯେ ସେ ପଳାଇବାକୁ ବାଟ ପାଇଲା ନାହିଁ । ସେମାନେ ତା ଉପରେ କି ଅତ୍ୟାଚାର କରିବେ ସେ ଭାବି ପାରିଲା ନାହିଁ; ତାର ଅପରାଧ କଅଣ ସେ କଳ୍ପନା କରିପାରିଲା ନାହିଁ । ସେ ହତବୁଦ୍ଧି ହୋଇ ଠିଆ ହେଲା । ଯେଉଁ ବଡ ପିଲାଟି ସାଇମନର ବାପାନାହିଁ ବୋଲି ପ୍ରଚାର କରିଥିଲା, ସେ ସାଇମନର ଏ ଦୁରବସ୍ଥା ଦେଖି ଖୁବ୍ ଆହ୍ଲାଦିତ ହୋଇ କହିଲା, "ଆରେ, ତୋ ନାଆଁ କଅଣ ?"

Digitized by srujanika@gmail.com

ସେ ଉତ୍ତର କଲା, "ମୋ ନାଆଁ ସାଇମନ ।"

ବଡ଼ ପିଲାଟି ପୁଣି ପଚାରିଲା, "ସାଇମନ କଅଣ ?"

ସାଇମନ ଏପରି ପ୍ରଶ୍ନର ଅର୍ଥ ବୁଝି ନପାରି ପୁଣି କହିଲା, "ମୋ ନାଆଁ ସାଇମନ ।"

ବଡ଼ ପିଲାଟି ଠୋ ଠୋ ହସି କହିଲା, "ସାଇମନ ପାଛରେ ଆଉ କଅଣ ଥିବ ତ ! ଖାଲି ସାଇମନ କଅଣ ଗୋଟାଏ ନାଆଁ ?"

ସାଇମନ କାନ୍ଦ କାନ୍ଦ କହିଲା, "ମୋର ନାଆଁ ସାଇମନ ।"

ଅନ୍ୟ ପିଲାମାନେ ହସି ଉଠିଲେ । ବଡ଼ ପିଲାଟି ଗର୍ବ ଜଣାଇଲା ପରି ସମସ୍ତଙ୍କୁ ଶୁଣାଇ କହିଲା, "ଏବେ ଦେଖିଲ, ସଫା ଜଣାଗଲା, ଏ ପିଲାର ବାପା ନାହିଁ ।"

ସମସ୍ତେ ଚୁପ୍ ହୋଇଗଲେ । ଏପରି ଗୋଟାଏ ପୁରା ଅସମ୍ଭବ କଥା ଶୁଣି ସେମାନଙ୍କର ମୁଣ୍ଡ ବୁଲିଗଲା । ବାପା ନଥାଇ ଗୋଟାଏ ପିଲା ଆସିଲା କପରି ? ସେମାନେ ତାକୁ ଗୋଟାଏ ଅଦ୍ଭୁତ ଜୀବ ମନେ କଲେ । ସେମାନଙ୍କର ମନେ ପଡ଼ିଗଲା ତାର ମାଆ କଥା । ଲା ବାଞ୍ଛୋଉକୁ ସେମାନଙ୍କର ମାଆମାନେ କପରି ଦୟା ଦେଖାଉ-ଥିଲେ, ତାହା ସେମାନେ ଚିନ୍ତାକଲେ । କିଛି ସମାଧାନ କରି ପାରିଲେ ନାହିଁ ।

ସାଇମନ ଘୋର ବିପଦରେ ପଡ଼ିଥିଲା ପରି ମନେକଲା । ତାର ଗୋଡ଼ ଥରଥର ହୋଇ ଆସିଲା । ଗୋଟାଏ ଗଛକୁ ଆଉଜି ପଡ଼ିନଥିଲେ ସେ ନିଶ୍ଚୟ ତଳେ ପଡ଼ି ଯାଇଥାନ୍ତା । ସେ ବହୁତ ଚିନ୍ତାକଲା; କିନ୍ତୁ ତାର ସାଥିମାନଙ୍କୁ କୌଣସି ଉତ୍ତର ଦେଇପାରିଲା ନାହିଁ । ତାର ବାପା ନାହିଁ ବୋଲି ସେମାନେ ଯାହା କହୁଛନ୍ତି, ତାକୁ ସେ କି ଉପାୟରେ ଖଣ୍ଡନ କରିବ ? ଶେଷରେ ସେ ହତାଶ

Digitized by srujanika@gmail.com

ଭାବରେ କହିପକାଇଲା, "ହଁ ମୋର ବାପା ଅଛନ୍ତି।" ବଡ଼ପିଲାଟା ଛୁଡ଼ିବାର ପାତ୍ର ନୁହେଁ। ସେ ପଚାରିଲା, "ତୋର ବାପା କେଉଁଠି ଅଛି?" ସାଇମନ ନିରୁତ୍ତର ହୋଇ ରହିଲା। ତାର ବାପା କିଏ ସେ ନିଜେ ଜାଣେନା।

ପିଲାମାନେ ଏଥିରେ ଯେଉଁ ଆନନ୍ଦ ଅନୁଭବ କଲେ, ତାର ଏକମାତ୍ର ତୁଳନା ହୋଇପାରେ ଗୋଟିଏ ବଡ଼ କୁକୁଡ଼ା ଆଉ ବେଗିଣା ସାନ କୁକୁଡ଼ାକୁ ହାଣିବା ସହିତ। ଦୈବାତ୍ ଏହି ସମୟରେ ସାଇମନ ତାର ପଡ଼ୋଶୀ ଘରର ଗୋଟାଏ ପିଲାକୁ ଦେଖି ଡାକିଲା। ସେ ଗୋଟିଏ ବିଧବାର ପୁଅ। ସେ ପାଖକୁ ଆସିବାରୁ ସାଇମନ ତାକୁ ପଚାରିଲା; "ତୋର ବାପା ଅଛନ୍ତି?" ପିଲାଟି ଉତ୍ତରକଲା, "ହଁ, ମୋର ବାପା ଅଛନ୍ତି। ସାଇମନ ସାହସ କରି ପୁଣି ପଚାରିଲା, "କେଉଁଠି ଅଛନ୍ତି?"

ପିଲାଟି ଟିକିଏ ହେଲେ ଦବିନଯାଇ କହିଲା, "ମୋର ବାପା ମରିଯାଇ କବରଖାନାରେ ଶୋଇ ଅଛନ୍ତି।"

ସାଇମନର ବିରୋଧୀ ପିଲମାନେ ଆପଣା ଆପଣା ଭିତରେ କଥାବାର୍ତ୍ତା ହୋଇ ଯାହା କହିଲେ ତାର ସାରକଥା ଏହି ଯେ ବାପା ମରିଯାଇ କବରରେ ଥିଲେ ମଧ ତାର ବାପା ଅଛନ୍ତି, କିନ୍ତୁ ସାଇମନର ଆଦୌ ବାପା ନାହିଁ। ତେଣୁ ସେ ସମସ୍ତଙ୍କଠାରୁ ଅତି ହୀନ। ଯେଉଁ ପିଲାମାନେ ସାଇମନକୁ ଏପରି ବ୍ୟଙ୍ଗ ବିଦ୍ରୂପ କରି ଏତେ ବ୍ୟସ୍ତବସ୍ତ କରୁଥିଲେ, ସେମାନଙ୍କ ଭିତରୁ କାହାର ବାପ ବଦ୍‌ମାସ, କାହାର ବାପ ମଦୁଆ, କାହାର ବାପ ଚୋର, କାହାର ବାପ ତା'ଭାର୍ଯ୍ୟାଉପରେ ଅତ୍ୟାଚାର କରୁଥାଇ ପଛକେ, ସେମାନଙ୍କର ବାପ ଥିବାରୁ ସେମାନେ ସାଇମନଠାରୁ ଶ୍ରେଷ୍ଠ। ସେମାନେ ସାଇମନ ପାଖକୁ ଲଗିଆସି ତାକୁ ଚପି ଦେବାକୁ ଲଗିଲେ।

Digitized by srujanika@gmail.com

ଗୋଟିଏ ପିଲା ସାଇମନ ଦେହକୁ ଲଟିଯାଇ, ଜିଭ ବାହାର କରି ବଡ଼ ପାଟିରେ କହିଲା, "ସାଇମନର ବାପ ନାହିଁ; ସାଇମନର ବାପ ନାହିଁ ।"

ସାଇମନ ରାଗରେ ତା ମୁଣ୍ଡର ବାଳକୁ ଟାଣିଧରି ତା ଗୋଡ଼କୁ ଗୋଇଠା ଉପରେ ଗୋଇଠା ମାରିଲା । ସେ ପିଲାଟା ସାଇମନର ଗାଲକୁ କାମୁଡ଼ି ଧରିଲା । ଦୁହେଁଯାକ ଧରାଧରି ହୋଇ ତଳେ ପଡ଼ିଗଲେ । କିଛି ସମୟଯାଏ ମରାମରି ଚାଲିଲା । ଶେଷକୁ ସାଇମନ ହାରିଗଲା, ତାର ଦେହଯାକ ଖଣ୍ଡିଆ ହୋଇ ସେଥିରୁ ରକ୍ତ ବୋହିଲା । ତାର ପୋଷାକ ଚିରି ଛିଣ୍ଡିଗଲା । ଏଣେ ଦୁଷ୍ଟ ପିଲାଯାକ ତାର ଦୁର୍ଦ୍ଦଶା ଦେଖି ଆନନ୍ଦଧ୍ୱନି କଲେ । ସେ ତଳୁ ଉଠି ଦେହରୁ ଧୂଳି ଝାଡ଼ିହେଲା ବେଳକୁ ଜଣେ ପିଲା କହିଲା, "ଆରେ ସାଇମନ, ଯା, ଯା, ତୋ ବାପାଆଗରେ କହିବୁ ।"

ସାଇମନର ମନ ଦବିଗଲା । ସେ ଦୁର୍ବଳ; ତାର ଶତ୍ରୁମାନେ ବଳୁଆ, ପୁଣି ସଂଖ୍ୟାରେ ବେଶି । ଆହୁରି ମଧ୍ୟ ସେ ପିଲାମାନଙ୍କୁ କି ଉତ୍ତର ଦେବ ଭାବି ପାରିଲା ନାହିଁ । ତାର ଯେ ବାପା ନାହିଁ, ସେ କଥା ମିଛ ନୁହେ । ତାର ଆଖିରୁ ଲୁହଧାର ବୋହିଗଲା, ନିଶ୍ୱାସ ଢର ଧରିଲା ନାହିଁ । ତାର ଶତ୍ରୁମାନେ ଏହା ଦେଖି ମହା ଆନନ୍ଦରେ ଚିତ୍କାର କଲେ, ହାତ ଧରାଧରି ହୋଇ ତା ଚାରିପାଖେ ନାଚି ନାଚି ଗାଇ ବୁଲିଲେ—ସାଇମନର ବାପା ନାହିଁ ।

ହଠାତ୍ ସାଇମନ ରାଗରେ ପାଗଳପରି ହୋଇଗଲା । ସେ କାନ୍ଦିବା ବନ୍ଦକରି ତଳୁ ଗୁଡ଼ାଏ ଟେକା ଗୋଟାଇ ନେଇ ଶତ୍ରୁ-ଆଡ଼କୁ ଫିଙ୍ଗିଲା । ଦୁଇ ତିନିଟା ପିଲାଙ୍କ ଦେହରେ ଟେକା ବାଜିବାରୁ ସମସ୍ତେ ପଳାଇବାକୁ ଲାଗିଲେ । ସାଇମନର ଭୀଷଣ ମୂର୍ତ୍ତି ଦେଖି ସେମାନଙ୍କର ଭୟ ହେଲା । ସେମାନେ ତା ପାଖରେ ଆଉ ଦଣ୍ଡେ

Digitized by srujanika@gmail.com

ହେଲେ ରହିବାକୁ ସାହସ କଲେନାହିଁ । ସେମାନେ ପଳାଇ ଯିବାରୁ ସାଇମନ ପଡ଼ିଆ ଆଡ଼କୁ ଚାଲିଯାଇ ଭାବିଲା, "ଏତେ ଅପମାନ ସହିବାଠାରୁ ମରିଯିବା ଭଲ । ଯାଉଛି, ନଈରେ ବୁଡ଼ି ମରିବ ।"

ଆତ୍ମହତ୍ୟା କରିବାପାଇଁ ସେ ନିଷ୍ପତ୍ତି କରିବାର ଏକ କାରଣ ଥିଲା । ପ୍ରାୟ ଏକ ସପ୍ତାହ ତଳେ ଜଣେ ଭିକାରୀ ପେଟ ପୋଷିବାର ଉପାୟ ଦେଖି ନପାରି ନଈରେ ଡେଇଁପଡ଼ି ମରିଥିଲା । ସାଇମନ ସେହି ଭିକାରୀର ଶବକୁ ଦେଖିଥିଲା । ସେତେବେଳେ ଜଣେ ଲୋକ କହିଥିଲା, "ଲୋକଟା ମରିଯାଇଛି ।" ସେତିକିବେଳେ ଆଉ ଜଣେ କହିଥିଲା, "ସେ ମରିଗଲା ସତ; କିନ୍ତୁ ତାର ଦୁଃଖ ସରିଗଲା । ଏଣିକି ସେ ସୁଖରେ ରହିବ ।"

ସାଇମନ ଭାବିଲା, "ମୁଁ ନଈକୁ ଡେଇଁପଡ଼ି ମରିଗଲେ ତାହାରି ପରି ସୁଖରେ ରହିବି ।"

ସେ ନଈକୂଳ ପର୍ଯ୍ୟନ୍ତ ଯାଇ ଦେଖିଲା, ପାଣିର ସୁଅ ଚାଲିଛି । ସେଥିରେ ମାଛମାନେ ଖେଳୁଛନ୍ତି । ଗୋଟାଏ ଗୋଟାଏ ମାଛ ଉପରକୁ ଡେଇଁପଡ଼ି ଉଡ଼ୁଥିବା ପୋକ ବା ମାଛିଙ୍କୁ ଗିଳି ଦେଉଛନ୍ତି । ସାଇମନ ଏହି ଦୃଶ୍ୟ ଦେଖିବାରେ ଲାଗିଲା; ସେ ଏହି ଦୃଶ୍ୟରେ ଏକବାରେ ମଜ୍ଜିଗଲା । ମଝିରେ ମଝିରେ ତାର ମନେ ପଡ଼ିଯାଉଥାଏ—ମୋର ବାପା ନାହିଁ; ମୁଁ ନଈରେ ବୁଡ଼ି ମରିବ ।

ପାଗ ଭଲ ଥାଏ । ସୂର୍ଯ୍ୟକିରଣ ଦେହକୁ ଭଲ ଲାଗୁଥାଏ । ନଈର ପାଣି ଦର୍ପଣ ପରି ନିର୍ମଳ । ସାଇମନ କାନ୍ଦିକାନ୍ଦି ଥକି ଯାଇଥିଲା । ଏବେ ତାକୁ ଏତେ ଭଲ ଲାଗିଲା ଯେ ସେ ସେହି-ଠାରେ ଘାସ ଉପରେ ଶୋଇ ପଡ଼ିବାକୁ ମନ କଲା ।

Digitized by srujanika@gmail.com

ତା ଚୋଡ଼ ପାଖରୁ ଗୋଟାଏ ବେଙ୍ଗ ଡେଇଁପଡ଼ିଲା । ସେ ତାକୁ ଧରିବାକୁ ଚେଷ୍ଟାକଲା; କିନ୍ତୁ ବେଙ୍ଗଟା ତା ହାତରୁ ଖସିଗଲା । ସେ ତା ପଛେ ପଛେ ଦୌଡ଼ିଲା । ଦୁଇ ତିନଥର ସେ ବେଙ୍ଗକୁ ଧରିଲା; କିନ୍ତୁ ଧରିଲାମାତ୍ରେ ସେ ହାତରୁ ଖସିଯାଏ । ଶେଷକୁ ସେ ତା ପଛଗୋଡ଼ର ଗୋଟାଏ ଗୋଡ଼କୁ ଟାଣ କରି ଧରି ପକାଇଲା । ବେଙ୍ଗଟା ତାର ଆଗଗୋଡ଼ ଦୁଇଟା ଲମ୍ବାଇ ଡେଇଁ ପଡ଼ିବାକୁ ଚେଷ୍ଟାକଲା । ତାର ଏହି ବୃଥା ଚେଷ୍ଟା ଦେଖି ସାଇମନକୁ ହସ ମାଡ଼ିଲା ।

କିଛି ସମୟ ପରେ ସାଇମନର ଘର କଥା, ତା ମାଆ କଥା ମନେ ପଡ଼ିଲା । ସେ ପୁଣି କାନ୍ଦିବାକୁ ଲାଗିଲା । ସେ ଆଣ୍ଠୁଇ ପଡ଼ି ପ୍ରଭୁଙ୍କୁ ପ୍ରାର୍ଥନା କଲା । କିନ୍ତୁ ତାର ମନ ଏତେ ବିଚଳିତ ହୋଇଯାଇଥିଲା ଯେ ସେ ପ୍ରାର୍ଥନାଟି ଠିକ୍‌ରୂପେ ଆବୃତ୍ତି କରି-ପାରିଲା ନାହିଁ । ସେ କେବଳ କାନ୍ଦିଲା ।

ହଠାତ୍ ଜଣେ ଲୋକ କୁଆଡ଼ୁ ଆସି ତାର କାନ୍ଧ ଉପରେ ହାତ ରଖି କହିଲା, "କିରେ ପୁଅ, ତୁ ଏଠାରେ ଏପରି ମନ ମାରି ବସି କାନ୍ଦୁଛୁ କାହିଁକି ?"

ସାଇମନ ବୁଲି ପଡ଼ି ଦେଖିଲା, ଜଣେ ଲୋକ ତା ଆଡ଼କୁ ଚାହିଁଛି । ଲୋକଟିର ମୁହଁରେ କଳା ଦାଢ଼ି, ମୁଣ୍ଡରେ କୁଞ୍ଚୁକୁଞ୍ଚିଆ ବାଳ । ଲୋକଟି କୌଣସି କାରଖାନାର ଶ୍ରମିକ ପରି ଜଣା-ପଡ଼ୁଥିଲା ।

ସାଇମନ କାନ୍ଦି କାନ୍ଦି କହିଲା, "ମୋର ବାପା ନାହିଁ ବୋଲି ସ୍କୁଲପିଲାଏ ମୋତେ ମାଡ଼ ଦେଲେ ।"

ଲୋକଟି ହସି ହସି କହିଲା, "କଅଣ କହିଲୁ ? ସମସ୍ତଙ୍କର ତ ବାପା ଥାଏ ।"

Digitized by srujanika@gmail.com

ସାଇମନ ସେହିପରି କାନ୍ଦ କାନ୍ଦ କହିଲା, "ସମସ୍ତଙ୍କର ବାପା ଥାଏ ସିନା, କିନ୍ତୁ ମୋର ବାପା ନାହିଁ ।"

ଲୋକଟି ପିଲାର ମୁହଁକୁ ଭଲକରି ଚାହିଁଲା । ସେ ପିଲାଟିକୁ ଚିହ୍ନି ପାରିଲା । ଲା ବ୍ଲାଙ୍କୋଟ ଅଳ୍ପଦିନ ହେଲା ସେ ଅଞ୍ଚଳକୁ ଆସିଥିଲେହେଁ ଶ୍ରମିକଟି ତା ବିଷୟରେ କେତେକ କଥା ଶୁଣିଥିଲା । ସେ କହିଲା, "ଆଚ୍ଛା, ତୁ ମନରେ ଦୁଃଖ କରନା । ମୋ ସାଥିରେ ଆ । ତୋ ମାଆ ପାଖକୁ ଯିବା । ସେ ତୋତେ ଗୋଟାଏ ବାପା ଆଣିଦେବ ।"

ଏହା କହି ସେ ସାଇମନର ଗୋଟାଏ ହାତ ଧରି ତାକୁ ସଙ୍ଗରେ ନେଇ ଚାଲିଲା । କିଛିସମୟ ପରେ ସେ ଦୁହେଁ ଲା ବ୍ଲାଙ୍କୋଟର ଘରପାଖେ ପହଞ୍ଚିଲେ । ମାଆକୁ ଦେଖିପାରି ସାଇମନ କହିଲା, "ହେଇଟି ମୋ ମାଆ ।"

ଲା ବ୍ଲାଙ୍କୋଟ ଘରଭିତରୁ ବାହାରି ଆସିଲା । ସେ ଯେ ସୁନ୍ଦରୀ, ଏଥିରେ ସନ୍ଦେହ ନଥିଲା । ମୁହଁଟି ଦୁଃଖରେ ମଳିନ ହୋଇ-ଥିଲେହେଁ ସେଥିରୁ ତାର ଗାମ୍ଭୀର୍ଯ୍ୟ ପ୍ରକାଶ ପାଉଥିଲା । ସେ ନିଜ ଘରର ଦ୍ୱାରବନ୍ଧ ପାଖରେ ଛିଡ଼ାହୋଇ ସାଇମନ ଓ ତାର ସଙ୍ଗରେ ଥିବା ଶ୍ରମିକକୁ ଚାହିଁଲା ।

ସ୍ତ୍ରୀଟିର ମୁହଁର ଗାମ୍ଭୀର୍ଯ୍ୟ ଦେଖି ଶ୍ରମିକଟି ଅତି ନମ୍ରଭାବରେ କହିଲା, "ତୁମ ପୁଅ ବାଟ ଭୁଲି ନଈକୂଳରେ ବୁଲୁଥିବାର ଦେଖି ମୁଁ ତାକୁ ନେଇ ଆସିଛି ।"

ସାଇମନ ଦଉଡ଼ିଯାଇ ମାଆର ବେକରେ ଓହଳିପଡ଼ି କାନ୍ଦ କାନ୍ଦ ହୋଇ କହିଲା, "ନାଇଁ, ନାଇଁ ମାଆ, ମୁଁ ବାଟ ଭୁଲିଯାଇ ନଥିଲି । ସ୍କୁଲପିଲାଏ ମୋତେ ମାଡ଼ ଦେଇ କହିଲେ ଯେ ମୋର ବାପା ନାହିଁ । ସେଥିପାଇଁ ନଈରେ ବୁଡ଼ି ମରିବାକୁ ମୁଁ ଯାଇଥିଲି ।"

Digitized by srujanika@gmail.com

ଏହା ଶୁଣିଲକ୍ଷଣି ଲ ବ୍ଲାଞ୍ଚୋଟର ମୁହଁ ଲାଲ ପଡ଼ିଗଲା, ଆଖିରୁ ଲୁହ ଧାର ବୋହିଆସିଲା । ସେ ସାଇମନକୁ କୋଳରେ ଜାବୁଡ଼ି ଧରିଲା । ଲୋକଟି ଏହି ଦୃଶ୍ୟ ଦେଖି କଅଣ କରିବ ସ୍ଥିର କରି ନପାରି ଥକା ହୋଇ ରହିଲା ।

ହଠାତ୍ ସାଇମନ ମାଆ କୋଳରୁ ଡେଇଁଆସି ଲୋକଟିକୁ କହିଲା, "ତୁମେ ମୋର ବାପା ହେବ ?"

ଲା ବ୍ଲାଞ୍ଚୋଟ ଓ ଶ୍ରମିକ ଉଭୟେ ନୀରବ । ଶ୍ରମିକ କିଛି ଉତ୍ତର ଦେବାକୁ ଅକ୍ଷମ । ଲା ବ୍ଲାଞ୍ଚୋଟ ପୁଅର କଥାରେ ସ୍ତମ୍ଭୀଭୂତ । ଲାଜରେ ତା'ର ମୁହଁ ଲାଲ ପଡ଼ିଗଲା । ସେ କାନ୍ଥକୁ ଭରଦେଇ ଦୁଃଖରେ ଛିଡ଼ା ହୋଇ ରହିଲା ।

କିଛି ଉତ୍ତର ନପାଇ ସାଇମନ କହିଲା, "ତୁମେ ମୋ ବାପା ନ ହେଲେ ମୁଁ ପୁଣି ନଈକୁ ଯାଇ ବୁଡ଼ି ମରିବ ।"

ଶ୍ରମିକ ଜଣକ ଏହାକୁ ପରିହାସ ମନେ କରି ହସିହସି କହିଲା, "ହଁ, ମୁଁ ତୋର ବାପା ହେବାକୁ ରାଜି ।"

ସାଇମନ ପଚାରିଲା, "ତାହାହେଲେ ତୁମର ନାଆଁ କଅଣ କହିଥାଅ । ଯିଏ ମୋର ବାପା ନାଆଁ ପଚାରିବ, ତାକୁ ମୁଁ ତୁମ ନାଆଁ କହିଦେବ ।"

ଶ୍ରମିକ ଉତ୍ତର କଲା, "ମୋର ନାଆଁ ଫିଲିପ୍ ।"

ସାଇମନ ଚୁପ୍ ରହି ମନେମନେ ଗୁଣି ହେଲା, "ଫିଲିପ୍, ଫିଲିପ୍ ।" ନାଆଁଟା ମନେ ରହିଯିବା ପରେ ସେ ଖୁସି ହୋଇ କହିଲା, "ମୋ ବାପାଙ୍କ ନାଆଁ ଫିଲିପ୍ । ତୁମେ ମୋର ବାପା, ଫିଲିପ୍ ।"

Digitized by srujanika@gmail.com

ଫିଲିପ୍ ସାଇମନକୁ ଦୁଇ ହାତରେ ଟେକି ତାକୁ [redacted] ଦେଲା । ତାହାପରେ ତାକୁ ତଳେ ଛିଡ଼ା କରାଇ ଦେଇ ଶୀଘ୍ର ସେଠାରୁ ଚାଲିଗଲା ।

ଏ ଘଟଣାର ପରଦିନ ସାଇମନ ସ୍କୁଲକୁ ଗଲା । ପିଲାମାନେ ତାକୁ ଚାହିଁ ହସିଲେ । ସ୍କୁଲ ଛୁଟି ହେବାରୁ ସେମାନେ ପୂର୍ବପରି ସାଇମନର ଚାରିପାଖେ ବେଢ଼ି ଥଟ୍ଟା କରିବାକୁ ଆରମ୍ଭ କଲେ । ସାଇମନ ଡର ନଖାଇ କହିଲା, "ମୋର ବାପା ଅଛନ୍ତି; ତାଙ୍କର ନାଆଁ ଫିଲିପ୍ ।"

ପିଲାମାନେ ଜୋର୍‌ରେ ହସିଉଠି କହିଲେ, "ଫିଲିପ୍ ! ସେ ଫିଲିପ୍ କିଏ ? ସେ କଅଣ କରେ ? ତାକୁ କିଏ ଜାଣେ ? ଆରେ ସାଇମନ, କେଉଁଠୁ ଏ ବାପାଟିକୁ ପାଇଲୁରେ ?"

ସାଇମନ କିଛି ଉତ୍ତର ଦେଲା ନାହିଁ; କିନ୍ତୁ ସେ ନିର୍ଭୀକ-ଭାବରେ ସେମାନଙ୍କୁ ଚାହିଁ ରହିଲା । ସେ ଭାବିଲା, "ଏ ପିଲାଗୁଡ଼ାକ ମିଛରେ ମୋର ବାପା ନାହିଁ ବୋଲି କହୁଛନ୍ତି । ଆଜି ଯାହା ହେବାର ହେବ ପଛକେ ମୁଁ ଏମାନଙ୍କୁ ଡରି ପଳାଇବି ନାହିଁ ।" ଦୈବାତ୍ ଏହି ସମୟରେ ଜଣେ ସ୍କୁଲ ଶିକ୍ଷକ ସେଠାରେ ଉପସ୍ଥିତ ହୋଇଯିବାରୁ ପିଲାମାନେ କିଛି ଅତ୍ୟାଚାର କରି ନପାରି ପଳାଇଗଲେ । ସାଇମନ ନିର୍ଭୟରେ ମାଆ ପାଖକୁ ଚାଲିଗଲା ।

ଏହାପରେ ପ୍ରାୟ ତିନିମାସଯାଏ ଫିଲିପ୍ କାମକୁ ଯିବାଆସିବା ବେଳେ ଅନେକ ସମୟରେ ସାଇମନର ଘରବାଟେ ଯାଏ । ଲା ବ୍ଲାଞ୍ଚୋଟ ଝରକାପାଖେ ବସି ସିଲାଇ କରୁଥିବାବେଳେ ଫିଲିପ୍ କେତେବେଳେ ତା ସହିତ ଦି'ପଦ କଥାବାର୍ତ୍ତା ହୋଇଯାଏ । ସେ ଫିଲିପ୍‌କୁ ଅତି ଭଦ୍ରଭାବରେ ତାର ପ୍ରଶ୍ନର ଉତ୍ତର ଦିଏ; କେବେ ହସେ ନାହିଁ କି ଥଟ୍ଟା କରେ ନାହିଁ । ଏତେ ଥର ଦୁହିଁଙ୍କର ଦେଖା

Digitized by srujanika@gmail.com

ହେଲେହେଁ ଲା ବ୍ଲାଞ୍ଚୋଟ କେବେ ଫିଲାପ୍‌କୁ ଘର ଭିତରକୁ ଡାକେ ନାହିଁ । ତଥାପି ଫିଲପ୍‌ର ବିଶ୍ୱାସ, ତା ସଙ୍ଗେ କଥା କହିଲାବେଳେ ଲା ବ୍ଲାଞ୍ଚୋଟର ମୁହଁ ରଙ୍ଗା ପଡ଼ିଯାଏ । ସ୍ପଷ୍ଟଭାବରେ ତୁଣ୍ଡରୁ କଥା ବାହାରେ ନାହିଁ ।

ଲା ବ୍ଲାଞ୍ଚୋଟ ଜୀବନରେ ଥରେ ଭୁଲ କରିଥିଲା । ତାରି ଫଳ ହେଉଛି ସାଇମନ । ପରେ ସେ ଏହି ଭୁଲପାଇଁ ଶତ ଅନୁତାପ କରିଛି; ଯିଏ ତାକୁ ଅବାଟରେ ପକାଇଥିଲା, ତାକୁ ଅଭିଶାପ ଦେଇଛି । କିନ୍ତୁ ସମାଜରେ ସେ ଯେଉଁ ଦୁର୍ନାମ ଅର୍ଜିଥିଲା, ତାକୁ ଦୂର କରିପାରି ନଥିଲା । ତାର ଚରିତ୍ର ବିଷୟରେ ଲୋକଙ୍କର ସନ୍ଦେହ ରହିଥିଲା । ଏବେ ତା ସହିତ ଫିଲପ୍‌ର ନାମକୁ ଯୋଡ଼ି ନାନା ଗୁଜବ ପ୍ରଚାର ହେବାକୁ ଲାଗିଲା ।

ସାଇମନ ତାର ନୂଆ ବାପାଟିକୁ ଖୁବ୍ ଭଲ ପାଉଥିଲା । ପ୍ରତିଦିନ ସନ୍ଧ୍ୟାବେଳେ ସେ ତାର 'ବାପା' ସହିତ ବୁଲିବାକୁ ଯାଉଥିଲା । ସ୍କୁଲରେ ସେ ନିଜକୁ ଅନ୍ୟମାନଙ୍କଠାରୁ ହୀନ ବୋଲି ମନେ କରିବାର କୌଣସି କାରଣ ନଥିଲା । ସେ ସ୍ୱଚ୍ଛନ୍ଦରେ ସେମାନଙ୍କ ସଙ୍ଗେ ମିଳାମିଶା କରୁଥିଲା ।

କିନ୍ତୁ ଦିନେ ସେହି ବଡ଼ ପିଲାଟି ସାଇମନ ଉପରେ ଆକ୍ରମଣ ଆରମ୍ଭ କରି କହିଲା, "କିରେ ସାଇମନ, ତୁ ଏଡ଼େ ମିଛୁଆ । ଫିଲିପ୍ ବୋଲି ତୋର କେହି ବାପା ନାହାନ୍ତି ।"

ସାଇମନ ବିଚଳିତ ହୋଇ କହିଲା, "କାହିଁକି ମୋର ବାପା ନାହିଁ ବୋଲି କହୁଛୁ । ଫିଲିପ୍ ମୋର ବାପା ।"

ପିଲାଟି ହାତ ହଲାଇ କହିଲା, "ଫିଲିପ୍ ତୋର ବାପା ହୋଇଥିଲେ ସେ ତୋ ମାଆର ସ୍ୱାମୀ ହୋଇଥାନ୍ତା । ସେ ଫିଲିପ୍ କଣ ତୋ ମାଆର ସ୍ୱାମୀ ?"

Digitized by srujanika@gmail.com

ସାଇମନ ଏ ଯୁକ୍ତିର କୌଣସି ଉତ୍ତର ଦେଇପାରିଲା ନାହିଁ । ତଥାପି ସେ କହିଲା, "ମୁଁ ସେକଥା ବୁଝେ ନାହିଁ । ଯାହା ହେଉ ମୋ ବାପା ହେଉଛନ୍ତି ଫିଲିପ୍ ।"

ପିଲାଟି ଥଟ୍ଟା କରି କହିଲା, "ସେମିତି ଯାହାକୁ ଇଚ୍ଛା ତାକୁ ବାପା ବୋଲି କୁହାଯାଇ ପାରେ । କିନ୍ତୁ ଫିଲିପ୍ ତୋର ପୂରା ବାପା ହୋଇନାହିଁ ।"

ସାଇମନ୍ ମୁଣ୍ଡ ତଳକୁ କରି କାରଖାନା ଆଡ଼କୁ ଚାଲିଲା । ସେହି କାରଖାନାରେ ଫିଲିପ୍ କାମ କରେ ।

କାରଖାନା ନଈପାଖେ ଅନେକ ଗଛ । ତେଣୁ ତାର ଭିତରଟା ଅନ୍ଧାରୁଆ । ଫିଲିପ୍ ଆଉ ପାଞ୍ଚଜଣ ଲୋକଙ୍କ ସାଥିରେ କାମ କରୁଥିଲା । ଭିତର ସୁଉ ସୁଉ ଶବ୍ଦ ସାଙ୍ଗେ ଲୁହା ଉପରେ ଲୁହା ପିଟିବାର ଶବ୍ଦ ମିଶିଯାଉଥିଲା । ଲୁହା ତତାଇବା ଚୁଲିରୁ ଆଲୁଅ ଆସି ଶ୍ରମିକମାନଙ୍କ ଉପରେ ପଡ଼ୁଥିଲା । ସାଇମନ ଚୁପ୍ କରି କାରଖାନା ଭିତରକୁ ପଶିଯାଇ ଫିଲିପ୍‌ର ଜାମାକୁ ଧରି ଟିକିଏ ଟାଣିଦେଲା । ଫିଲିପ୍ ବୁଲିପଡ଼ି ସାଇମନକୁ ଚାହିଁ ରହିଲା । ସମସ୍ତେ କାମ ବନ୍ଦ କରି ତାକୁ ଚାହିଁ ରହିଲେ ।

ସାଇମନ କହିଲା, "ଆଜି ସ୍କୁଲରେ ପିଲାମାନେ ମୋତେ କହିଲେ ଯେ ତୁମେ ମୋର ପୂରା ବାପା ହୋଇନାହଁ । କାହିଁକି ସେମାନେ ଏହା କହିଲେ ମୋତେ ବୁଝାଇଦିଅ ।"

ଫିଲିପ୍ ପଚାରିଲା, "କିଏ କାହିଁକି କହିଲା ?"

ସାଇମନ ସରଳଭାବରେ ଉତ୍ତର ଦେଲା, "ସେମାନେ କହିଲେ ଯେ ତୁମେ ମୋ ମାଆର ସ୍ୱାମୀ ନୁହ । ତେଣୁ ତୁମେ ମୋର ବାପା ହୋଇପାରିବ ନାହିଁ ।"

Digitized by srujanika@gmail.com

ଫିଲିପ୍ ନୀରବରେ ଚିନ୍ତା କରିବାକୁ ଲାଗିଲା । ସାଇମନ ଫିଲିପ୍‌କୁ ଗୃହିଁ ରହିଲା । କିଛି ସମୟପରେ ଶ୍ରମିକମାନଙ୍କ ଭିତରୁ ଜଣେ କହିଲା, "ଲା ବ୍ଲାଂଶୋଟ୍ ଭଲ ଝିଅଟିଏ । କାହାର ଭଲ ମନ୍ଦରେ ନଥାଏ । ଦେଖିବାକୁ ମଧ୍ୟ ମନ୍ଦ ନୁହେ । ଦଇବ ତାକୁ ବାମ ହେବାରୁ ଏପରି ହେଲା ସିନା । ଡେବେ ତାକୁ ଯେ ଘରଣୀ କରିବ, ତାର ଦିନ ଖୁବ୍ ସୁଖରେ ଯିବ ।"

ଅନ୍ୟ ତିନିଜଣଯାକ ଶ୍ରମିକ ତାକୁ ସମର୍ଥନ କରି କହିଲେ, "ହଁ ଭାଇ, ତୁ ଯାହା କହିଲୁ ସତ କଥା ।"

ପ୍ରଥମ ଜଣକ କହିଲା, "ଝିଅଟାଏ ଯଦି ଥରେ ଗୋଟିଏ ଭୁଲ୍ କାମ କରି ପକାଇଲା, ସେ କଅଣ ତାର ଦୋଷ ? ସେ ଲୋକଟା ତାକୁ ବିବାହ କରିବ ବୋଲି ନିର୍ଭର ଜବାବ ଦେଇଥିଲା; ପଛକୁ ଖସିଗଲା । ଏମିତି କେତେ ଘଟୁଛି । ସେମାନେ ତ ପୁଣି ସଂସାର କରି ଚଳୁଛନ୍ତି । କିଏ ତାଙ୍କ ଦୋଷ ଖୋଜୁଛି ?"

ଅନ୍ୟ ତିନିହେଁ ପୁଣି ସମର୍ଥନ ଜଣାଇ କହିଲେ, "ଭାଇ, ତୁ ଠିକ୍ କଥା କହିଲୁ ।"

ପ୍ରଥମ ଶ୍ରମିକ କହିବାକୁ ଲଗିଲା, "ପିଲାଟିକୁ ବଡ଼ାଇ ମଣିଷ କରିବ ବୋଲି ସେ ବେଚାରୀ କେତେ ପରିଶ୍ରମ କରୁଛି ? ଘର ଭିତରେ ବସି ଦିନରାତି କାମ କରୁଥିବ । ସଦାକୁ କେବେ ବାହାରିବ ନାହିଁ । ଖାଲି ରବିବାର ଦିନ ଯାହା ଗୀର୍ଜାକୁ ଯାଏ । କାହା ସାଥିରେ ହସିବା କି ଗପ କରିବାର ଦେଖିବ ନାହିଁ ।"

ଅନ୍ୟମାନେ କହି ଉଠିଲେ, "ଖୁବ୍ ସତ କଥା । ପ୍ରଭୁ ତା ଦୁଃଖ ଜାଣୁଥିବେ ।"

ଘରଜଣଯାକ ପୁଣି କାମରେ ଲଗିଲେ । ଫିଲିପ୍ ସାଇମନକୁ ଆଦର କରି କହିଲା, "ତୁ ଯାଆ, ମାଆକୁ କହିବୁ, ମୁଁ ଆଜ

Digitized by srujanika@gmail.com

ସଞ୍ଜବେଳେ ଯାଇ ତା ସଙ୍ଗେ କଥାବାର୍ତ୍ତା ହେବ ।" ସାଇମନ ଚାଲିଗଲା । ଫିଲିପ୍ ପୁଣି ତା ସଙ୍ଗୀମାନଙ୍କ ସହିତ କାମରେ ଯୋଗ ଦେଲା ।

ସେଦିନ ସନ୍ଧ୍ୟାରେ ଫିଲିପ୍ ତାର ଭଲ ପୋଷାକପତ୍ର ପିନ୍ଧି ଲା ବ୍ଲାଞ୍ଚୋଟର ଘରେ ପହଞ୍ଚିଲା । କିନ୍ତୁ ସେ ଘର ଭିତରକୁ ଯିବାପୂର୍ବରୁ ଲା ବ୍ଲାଞ୍ଚୋଟ୍ ଦ୍ୱାରମୁହଁକୁ ଆସି କହିଲା, "ତୁମେ ଏପରି ସନ୍ଧ୍ୟାପରେ ଏଠାକୁ ଆସିବା ଉଚିତ ନୁହେଁ । ମୋ ବିଷୟରେ ଅଧିକ ଦୁର୍ନାମ ପ୍ରଚାର ହେବା କଅଣ ଭଲ ହେବ ?"

ଫିଲିପ୍ ଉତ୍ତର କଲା, "ତୁମେ ଯଦି ମୋତେ ବିବାହ କର, ତେବେ ଦୁର୍ନାମ ହେବ କାହିଁକି ?"

ଲା ବ୍ଲାଞ୍ଚୋଟ୍ କିଛି ଉତ୍ତର ନ ଦେଇ ଘର ଭିତରକୁ ପଶିଗଲା ଓ ଶୋଇଥିବା ପୁଅକୁ ବାରମ୍ବାର ଚୁମ୍ବନ ଦେବାକୁ ଲାଗିଲା । ଏହାପରେ ଫିଲିପ୍ ଘର ଭିତରକୁ ପଶିଯାଇ ସାଇମନକୁ କୋଳକୁ ଟେକି ନେଇ କହିଲା, "ସାଇମନ, କାଲି ତୁ ସ୍କୁଲପିଲାଙ୍କୁ କହିଦେବୁ—ଫିଲିପ୍ ରେମି ହେଉଛନ୍ତି ମୋର ବାପା । କେହି ମୋ ସଙ୍ଗେ ଲାଗିଲେ ବାପା ଆସି ତା କାନ ମୋଡ଼ିଦେବେ ।"

ଏହାର ପରଦିନ ସାଇମନ ସ୍କୁଲକୁ ଗଲା । ପଢ଼ା ଆରମ୍ଭ ହେବାପୂର୍ବରୁ ସେ ଠିଆ ହୋଇ ସବୁପିଲାଙ୍କୁ କହିଦେଲା—"ସାବଧାନ, ମୋ ସଙ୍ଗେ କେହି ଲାଗିବ ନାହିଁ । ମୋର ବାପା ହେଉଛନ୍ତି, ଫିଲିପ୍ ରେମି । ଯିଏ ମୋ ସଙ୍ଗେ ଲାଗିବ, ବାପା ତାର କାନ ମୋଡ଼ି ମାରି ଦେବେ ।"

ଫିଲିପ୍ ରେମିକୁ ପିଲାମାନେ ଜାଣିଥିଲେ । ତାଭଳି ବଳୁଆ ଲୋକ ଅଳ୍ପ ଦେଖାଯାନ୍ତି । ପିଲାମାନେ ଭୟ କରିଗଲେ । ସେମାନେ

Digitized by srujanika@gmail.com

ଜାଣିପାରିଲେ ସେ ସାଇମନକୁ ବିରକ୍ତ କଲେ ଫିଲିପ୍ ଆସି ସେମାନଙ୍କୁ ମାଡ଼ ଦେବ ।

ଫିଲିପ୍ ଭଳି ଜଣେ ଲୋକ ତାର ବାପା ହୋଇଥିବାରୁ ସାଇମନ ଖୁବ୍ ଆନନ୍ଦିତ ହେଲା ।

ବାରବୁଲା

ରଣ୍ଡେଲ କାମ ଖୋଜି ଖୋଜି ବୁଲିବାର ମାସକରୁ ବେଶି ହୋଇଗଲାଣି । ତାର ଜନ୍ମସ୍ଥଳୀ ହେଉଛି ଭିଲ୍ଆଭେର । ସେଠାରେ କିଛି କାମ ନ ମିଳିବାରୁ ରଣ୍ଡେଲ ଗାଁ ଛାଡ଼ି ଚାଲି ଆସିଛି । ସେ ଜଣେ ବଢ଼େଇ; ଭଲ କାମ ଜାଣେ । ତାର ବୟସ ୨୭ ବର୍ଷ ଓ ସେ ହେଉଛି ଘରେ ବଡ଼ ପୁଅ । ଦୁଇମାସ ହେଲା କାମ ନ ପାଇ ସେ ହାତାକେତେ ଘରେ ବସିଲା । କିନ୍ତୁ ଖାଇବାକୁ ମିଳିବ କାହୁଁ ? ତାର ଦୁଇଟି ଭଉଣୀ ପରଘରେ ବାସନ ମାଜି, ଲୁଗା ଧୋଇ ଯାହା କିଛି ରୋଜଗାର କରନ୍ତି, ସେଥିରେ ସମସ୍ତେ ଚଳନ୍ତି । ରଣ୍ଡେଲ ବୟସରେ ସବୁଠାରୁ ବଡ଼; କାମ କରିବାକୁ ମଧ୍ୟ ସବୁଠାରୁ ବଳୁଆ; ଅଥଚ କାମ ନ ମିଳିବାରୁ ସେ ଭଉଣୀମାନଙ୍କ ଅର୍ଜନରେ ପେଟ ପାଳିବାକୁ ବାଧ୍ୟ ହେଲା ।

ସେ କାମର ସନ୍ଧାନରେ ବାହାରିଲା । ମେୟରଙ୍କ ଅଫିସରେ ପଚାରିବାରୁ ତାଙ୍କ ସେକ୍ରେଟେରୀ କହିଲେ, "ଏଠି କାମ ନାହିଁ । ଯାଅ, ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜକୁ । ସେଇଠାରେ କାମ ମିଳିବ ।"

Digitized by srujanika@gmail.com

ରଣ୍ଡେଲ ପକେଟରେ ତାର ଯୋଗ୍ୟତାର ପ୍ରମାଣପତ୍ର ଓ କେତେକ ପ୍ରଶଂସାପତ୍ର ଧରି ଚାଲିଲା ଏମ୍‌ପ୍ଲଏମେଣ୍ଟ ଏକ୍‌ସଚେଞ୍ଜକୁ । ସେ ଗୋଟିଏ ରୁମାଲରେ ହଳେ ଜୋତା, ମାଛଜାମା ଓ ଗୋଟିଏ କାମିଜ୍ ବାନ୍ଧି ନେଇଥାଏ ।

ରଣ୍ଡେଲ୍ ଚାଲିଛି, ଦିନ, ରାତି, ଖରା, ବର୍ଷା କିଛି ନ ମାନି ଚାଲିଛି । ତା'ର ଚାଲିବାର ଅନ୍ତ ନାହିଁ କି ପଥର ଅନ୍ତ ନାହିଁ । କିନ୍ତୁ ସେହି ରହସ୍ୟମୟ ସ୍ୱପ୍ନରାଜ୍ୟ କାହିଁ ଯେଉଁଠାରେ କି କାମ ମିଳେ ? ପ୍ରଥମେ ସେ ଭାବିଥିଲା ଯେ ସେ କେବଳ ବଢ଼େଇ କାମ ମିଳିଲେ କରିବ । ଏହି ଆଶାରେ ସେ ଅନେକ ବଢ଼େଇ ଦୋକାନକୁ ଗଲା; କିନ୍ତୁ କୌଣସିଠାରେ ତାକୁ କାମ ମିଳିଲା ନାହିଁ । ଦୋକାନୀମାନେ କହିଲେ, "ଆମର କାମ ନାହିଁ ବୋଲି କେତେ କାରିଗରଙ୍କୁ କାମରୁ ବାହାର କରି ଦେଇଛୁ; ଆଜି ତୁମକୁ କାହୁଁ କାମ ଦେବୁ ?" ତହୁଁ ରଣ୍ଡେଲ ସ୍ଥିର କଲା ଯେ ରାସ୍ତାରେ ଯାଉ ଯାଉ ଯେଉଁଠାରେ ଯେଉଁ କାମ ମିଳିବ, ତାହା କରିବ । ଜୀବନ ରଖିବାପାଇଁ ସେ କେତେ-ବେଳେ ମାଟି ବୋହିଲା, କେତେବେଳେ ଗୁହାଳ ପୋଛିଲା, କେତେବେଳେ ପଥର ଭାଙ୍ଗିଲା, କେତେବେଳେ କାଠ ଚିରିଲା, କେତେବେଳେ ଅବା କ୍ଷେତ ଜଗିଲା । ଏଭଳି କାମ ମଧ୍ୟ ସବୁଦିନେ ମିଳେ ନାହିଁ । ଯେତେବେଳେ ଭାଗ୍ୟକୁ କାମ ମିଳେ, ସେଥିପାଇଁ ମଜୁରି ମିଳେ ଅତି କମ୍ । ଅନେକ ସମୟରେ ଏକାଦିକ୍ରମେ ତିନି ଚାରି ଦିନଯାଏ କିଛି କାମ ମିଳେ ନାହିଁ, ସେତେବେଳେ ରଣ୍ଡେଲର ଉପବାସ ।

ସାତଦିନ ହେଲା ରଣ୍ଡେଲ କିଛି କାମ ପାଇନାହିଁ । ହାତରେ ପଇସାଟିଏ ନାହିଁ । ସେ ଦ୍ୱାରେ ଦ୍ୱାରେ ମାଗି କେତେକ ସ୍ତ୍ରୀଲୋକଙ୍କଠାରୁ ସାମାନ୍ୟ ରୁଟି ଆଣି ଖାଇଲା ।

Digitized by srujanika@gmail.com

ସନ୍ଧ୍ୟା ହୋଇ ଆସିଲା; ଇଣ୍ଡ୍ରେଲର ପାଦ ଆଉ ଚଳୁନାହିଁ । ତା ପେଟରେ ଦାନା ନାହିଁ; ମନରେ ଆଶା ନାହିଁ; ପାଦରେ ଜୋତା ମଧ୍ୟ ନାହିଁ । ପୁଡ଼ିଆରେ ଥିବା ନୂଆ ଜୋତା ଯୋଡ଼ିକ ବ୍ୟବହାର କରି ନଷ୍ଟ କରିବାକୁ ତାର ସାହସ ହେଉନାହିଁ । ତେଣୁ ସେ ଖାଲି ପାଦରେ ରାସ୍ତାକଡ଼ ଘାସ ଉପରେ ଚାଲିଛି ।

ସେଦିନ ଶନିବାର । ଲୋକେ ରବିବାର ପାଇଁ ପ୍ରସ୍ତୁତ ହେଉଛନ୍ତି । ଆକାଶରେ ଖଣ୍ଡେ ଖଣ୍ଡେ ମେଘ ଭାସି ଯାଉଅଛି । ମନେ ହୁଏ, ଶୀଘ୍ର ବର୍ଷା ହେବ । ଠାଏ ଠାଏ ଗହମ ଗଦା ଦିଶୁଛି । ରାସ୍ତାପାଖ କ୍ଷେତମାନଙ୍କରେ ଗୋଟାଏ ହେଲେ ଗଛ ନାହିଁ । ବର୍ଷର ଫସଲ କଟା ସରିଛି । ନୂଆ ଫସଲ ପାଇଁ ବିହନ ବୁଣା ହୋଇଅଛି ।

ଭୋକରେ ଇଣ୍ଡ୍ରେଲର ପେଟ ଜଳୁଛି । ଦେହ ଅବସନ୍ନ; ପାଦରେ ଚାଲିବାକୁ ବଳ ନାହିଁ । ସେ ଲମ୍ବ ପାହୁଣ୍ଡ ପକାଇ ଚାଲିଛି । ହାତରେ ବାଡ଼ି । ତାର ମୁଣ୍ଡ ବଥାଉଛି, ଜିଭ ଶୁଖିଯାଉଛି । ସେ ଭାବୁଛି—କେହି ଖାଇବାକୁ ଯାଉଥିଲେ ତାର ମୁଣ୍ଡକୁ ଏଇ ବାଡ଼ିରେ ଗୁଣ୍ଡ କରିଦେବ ।

ରାସ୍ତା ଦୁଇପାଖରେ ମାଟି ଖୋଳା ହୋଇଥିବାର ଦେଖାଗଲା । ଲୋକେ ମାଟି ଖୋଳି ଆଳୁ ନେଇ ଯାଇଅଛନ୍ତି । କେଉଁଠି ଗୋଟାଏ ଆଳୁ ଦେଖିଥିଲେ ସେ ଶୁଖିଲା ଡାଳପତ୍ରରେ ପୋଡ଼ି ସେଇଠାରେ ଖାଇ ଦେଇଥାନ୍ତା; ମାତ୍ର ଗୋଟିଏ ହେଲେ ଆଳୁ ମିଳିଲା ନାହିଁ । ଭାଗ୍ୟକୁ ପୂର୍ବଦିନ ସେ ଗୋଟିଏ କନ୍ଦମୂଳ ପାଇଥିଲା ଓ ତାକୁ କଞ୍ଚା ଚୋବାଇ ଖାଇଥିଲା । ଆଜି ଗୋଟିଏ କନ୍ଦମୂଳ ମିଳନ୍ତା କି ?

ଏଥିପୂର୍ବରୁ ସେ ନିଜ କାମଛଡ଼ା ଅନ୍ୟ କୌଣସି ବିଷୟ ଭାବି ନଥିଲା । ବର୍ତ୍ତମାନ କ୍ଳାନ୍ତି, ଅବସାଦ, ନୈରାଶ୍ୟ, ବେକାରି ତାର ମନକୁ ଅଧିକାର କଲା । ଘାସ ଉପରେ ଶୋଇ ସେ କେତେ ଭାବି

Digitized by srujanika@gmail.com

କଟାଇ ଦେଇଛି । ଯେଉଁଠାକୁ କାମପାଇଁ ଯାଉଛି, ସେଠାରେ ଶୁଣିଛି, 'କାମ ନାହିଁ । ଘର ଛାଡ଼ି ଆସିଲୁ କାହିଁକି ?' ଲୋକେ ତାକୁ ଘୃଣା କରି କହୁଛନ୍ତି, 'ବାରବୁଲା, ଛତରଟାଏ ।' ତା ଦେହରେ ବଳ ଅଛି, ସେ କାମ କରିବାକୁ ପ୍ରସ୍ତୁତ; କିନ୍ତୁ କାମ ମିଳୁନାହିଁ । ସେ ଘର ଛାଡ଼ି ଆସିବାଟା କଅଣ ତା'ର ଦୋଷ ? ତାର ଯେଉଁମାନେ ଘରେ ଅଛନ୍ତି, ସେମାନେ ଉପବାସ କଷ୍ଟ ଭୋଗୁଛନ୍ତି । ଲୋକମାନଙ୍କ ଗାଳି ଶୁଣି ଶୁଣି ଦିନକୁ ଦିନ ତାର ରାଗ ବଢ଼ିଲା ।

ଯାଉ ଯାଉ ଖାଲି ପାଦରେ ପଥର ଝୁଣ୍ଟି ପଡ଼ିଲେ ସେ କହିଉଠେ, "ଉଃ, କି କଷ୍ଟ ! କାରିଗରଟାଏ; ଖାଇବାକୁ ନପାଇ ମରିବାକୁ ବସିଛି; କେହି କାମ ଦେଉନାହାନ୍ତି । ତାକୁ ପଇସାଟାଏ ମଜୁରି ମିଳୁନାହିଁ । ଏ ରାଜ୍ୟରେ ମଣିଷ ଅଛନ୍ତି ନା ପଶୁ ଅଛନ୍ତି ?"

ଭାଗ୍ୟ ଉପରେ ତାର ରାଗ ହୁଏ । ଭାଗ୍ୟ କାହାକୁ ସୁଖ ଦେଇଛି, କାହାକୁ ଦୁଃଖ ଦେଇଛି । ପୁଣି ସେ ମନେ କରେ— ଦୋଷ ହେଉଛି ମନୁଷ୍ୟ ସମାଜର । ପ୍ରକୃତି ଯେପରି ଅନ୍ଧ; ମନୁଷ୍ୟ ସମାଜ ସେହିପରି ଅନ୍ଧ । ଦୁହେଁ ନିର୍ଦ୍ଦୟ; ନ୍ୟାୟ ବିଚାର କାହାରି-ଠାରେ ନାହିଁ ।

ସନ୍ଧ୍ୟା ହୋଇ ଆସେ । ଚାଳ ଉପରକୁ ଧୂଆଁ ଉଠୁଥିବାର ଦେଖାଯାଏ । ଘର ଭିତରେ ଖାଇବା ଜିନିଷ ରନ୍ଧା ହେଉଥିବ । ଜାନିଭୁଲ ନ୍ୟାୟ ଅନ୍ୟାୟ ବିଚାର ଭୁଲିଯାଏ । ସେ ପାପ ପୁଣ୍ୟ, ନରହତ୍ୟା, ଚୋରି, ଡକାଏତି ଏସବୁର ପ୍ରଭେଦ ଚିନ୍ତା କରିପାରେ ନାହିଁ । ତାର ମନ ହୁଏ, ଘର ଭିତରେ ପଶି ଲୋକଙ୍କୁ ପିଟି ମାରି ଦିଅନ୍ତା, ସେମାନଙ୍କର ଆହାର ଖାଇଯାନ୍ତା ।

ସେ ମନକୁ ମନ କହେ, "ଅନ୍ୟମାନଙ୍କ ପରି ମୋର ମଧ୍ୟ ବଞ୍ଚିବାର ଅଛି । ମନୁଷ୍ୟସମାଜ ମୋତେ ଖାଇବା ବିନା ମାରିବାକୁ

Digitized by srujanika@gmail.com

ବସିଛି । ମୁଁ କେବଳ ଗୁହୁଁଛି—ମୋତେ କାମ ଦିଅ । ମୁଁ କାମ କରିବ, ଖାଇବ । ତା ମୋତେ ମିଳୁନାହିଁ । ଏ ମନୁଷ୍ୟସମାଜ ନୁହେଁ, ପଶୁସମାଜ ।" ହାତର ଯନ୍ତ୍ରଣା, ପେଟର ଯନ୍ତ୍ରଣା, ମନର ଯନ୍ତ୍ରଣା ସବୁ ମିଳି ତାର ମୁଣ୍ଡକୁ ଚଢ଼ିଗଲା । ସେ କେବଳ ଗୋଟିଏ କଥା ଚିନ୍ତା କରିବାକୁ ଲାଗିଲା—ମୋର ବଞ୍ଚିବାର ଅଧିକାର ଅଛି । ମୁଁ ନିଶ୍ୱାସରେ ବାୟୁ ଗ୍ରହଣ କରୁଛି । ଅନ୍ୟମାନଙ୍କ ପରି ବାୟୁରେ ମୋର ଅଧିକାର ଅଛି । ସେଥିରୁ ମୋତେ କେହି ବଞ୍ଚିତ କରିପାରିବ ନାହିଁ । ସେହିପରି ମୋତେ ଖାଦ୍ୟରୁ ବଞ୍ଚିତ କରିବାର ଅଧିକାର କାହାରି ନାହିଁ ।"

ଅନ୍ଧାର ବର୍ଷାପାଣି ପଡ଼ି ଆସୁଥିଲା । ସେ ପୁଣି ମନକୁ ମନ କହିଲା, "ଓଃ, କି କଷ୍ଟ ! ଘରେ ପହଞ୍ଚିବା ପାଇଁ ମୋତେ ଆହୁରି ମାସେ ପର୍ଯ୍ୟନ୍ତ ଏହିପରି ଚାଲିବାକୁ ପଡ଼ିବ ।"

ସେ ଘର ଆଡ଼କୁ ଚାଲିଥିଲା । ସେ ଭାବୁଥିଲା, ରାସ୍ତାରେ ଗଲାବେଳେ ମଧ୍ୟ ମୋତେ ସମସ୍ତେ ସନ୍ଦେହ ଦୃଷ୍ଟିରେ ଦେଖୁଅଛନ୍ତି । ନିଜ ଗ୍ରାମ ସହରଟିରେ ବରଂ କାମ ମିଳିବାର ଆଶା ଅଛି । ସେଠାରେ ଲୋକେ ମୋତେ ଚିହ୍ନନ୍ତି । ବଢ଼େଇ କାମ ନ ହେଉ, ଯେଉଁ କାମ ମିଳିବ, କରିବ । ମଜୁରି ଲାଗିବ, ମାଟି ବୋହିବ, ପଥର ଭାଙ୍ଗିବ । ଯାହା କିଛି ମିଳୁ, ଚିନ୍ତା ନାହିଁ । ଅନ୍ତତଃ ଉପାସରେ ମରିବ ନାହିଁ ।

ବର୍ଷାରୁ ଟିକିଏ ହେଲେ ରକ୍ଷା ମିଳିବ ବୋଲି ସେ ରୁମାଲଟିକୁ ବେକରେ ଗୁଡ଼ାଇଦେଲା । କିନ୍ତୁ ବର୍ଷାପାଣି ତାର ପତଳା ଚିରା କାମିଜକୁ ଭେଦି ତା ଦେହକୁ ଓଦା କରିଦେଲା । କେଉଁଠି ହେଲେ ମୁଣ୍ଡ ଗୁଞ୍ଜିବାପାଇଁ ସେ ଚାରିଆଡ଼କୁ ବ୍ୟାକୁଳ ଭାବରେ ଅନାଇଲା ।

Digitized by srujanika@gmail.com

କିନ୍ତୁ ଏତେ ବଡ଼ ଦୁନିଆରେ ସେ କୌଣସି ସ୍ଥାନ ଦେଖିପାରିଲା ନାହିଁ ।

ସନ୍ଧ୍ୟାପରେ ବଣରେ ଅନ୍ଧାର ମାଡ଼ି ଆସିଲା । ସେ ଚଢ଼ିଆକୁ ଚାହିଁଲା । କିଛି ଦୂରରେ ଗୋଟିଏ କଳା ପଦାର୍ଥ ଦେଖାଗଲା । ସେ ତାହା ପାଖକୁ ଯାଇ ଦେଖିଲା ଯେ ଏହା ଗୋଟିଏ ଗାଈ । ସେ ଭାବିଲା, ଗୋଟାଏ କିଛି ଜାଗା ଥାଆନ୍ତା କି ଏହାକୁ ଦୁହିଁ ଦୁଧ ପିଅନ୍ତି । ସେ ଗୋଟିଏ ଗୋଇଠା ମାରିବାରୁ ଗାଈଟି ଉଠି ଠିଆ ହେଲା । ବଣର ଅନ୍ଧାରରେ ଦୁହେଁ ପରସ୍ପରକୁ ଦେଖିପାରିଲେ । ଗାଈର ପହ୍ଲା ଓହଳି ପଡ଼ିଥିଲା । ସେ ଗାଈ ପେଟତଳେ ଚିତ୍ ହୋଇ ଶୋଇପଡ଼ି ପହ୍ଲାରେ ମୁହଁ ଲଗାଇଲା । ତାର ପହ୍ଲାରୁ ସବୁ ଦୁଧ ସରିବାଯାଏ ସେ ପିଇବାରେ ଲାଗିଲା । ଓଃ, ତାର କେଡ଼େ ତୃପ୍ତି ! ଉଦର ଶାନ୍ତ ହୋଇଗଲା । କିନ୍ତୁ ଏଣେ ବର୍ଷା ବଢ଼ୁଛି । ଦେହ ଚୋଲ ମାରିଯାଉଛି । ପାଖରେ କୌଣସି ଆଶ୍ରୟ ସ୍ଥାନ ଦେଖା-ନାହିଁ । କେବଳ ଦୂରରେ ଗୋଟାଏ ଘରର ଝରକାବାଟେ ଆଲୁଅ ଦିଶୁଛି ।

ଗାଈଟି ପୁଣି ଶୋଇଲା । ସେ ଗାଈ ପାଖରେ ବସି ତାର ମୁଣ୍ଡକୁ ଆଉଁଷିଲା । ଏହି ପଶୁଟି ପ୍ରତି ସେ ମନେ ମନେ କୃତଜ୍ଞତା ପ୍ରକାଶ କଲା । ସେ ଯେ ତାର ଜୀବନ ରକ୍ଷା କରିଛି ! ଗାଈର ନିଶ୍ୱାସ ପବନ ତା ଦେହରେ ବାଜିଲା । ଉଷୁମ ଲାଗିଲା । ସେ ଗାଈର ପେଟ ଉପରେ ହାତ ବୁଲାଇଲା । ହଠାତ୍ ତା ମୁଣ୍ଡରେ ଗୋଟାଏ ବୁଦ୍ଧି ଖେଳିଗଲା । ଏହି ଗାଈର ପେଟକୁ ଲାଗି ରହିଲେ, ଶୀତ ବାଧିବ ନାହିଁ ବୋଲି ତାର ଧାରଣା ହେଲା । ସେ ଗାଈର ପହ୍ଲାପାଖରେ ମୁଣ୍ଡ ଗୁଞ୍ଜି ପେଟକୁ ଲାଗି ଶୋଇ ପଡ଼ିଲା ।

Digitized by srujanika@gmail.com

ଗାଈ ଦେହକୁ ଲଗିଥିବା ଅଂଶ ଉଷୁମ ହେଲେ ହେଁ ଅନ୍ୟ ଅଂଶ ଥଣ୍ଡା ଲାଗୁଥିଲା । ତେଣୁ ସେ ଦେହର ବିଭିନ୍ନ ଅଂଶକୁ ଗାଈ ଦେହକୁ ଲଗାଉଥିଲା । ଅନେକ ବେଳଯାଏ ଏପାଖ ସେପାଖ ହେଲାପରେ ତାକୁ ନିଦ ଲାଗିଗଲା ।

କୁକ୍କୁଡ଼ା ଡାକ ଶୁଣି ତାର ନିଦ ଭାଙ୍ଗିଗଲା ଏଥିମଧ୍ୟରେ ବର୍ଷା ଛାଡ଼ି ଯାଇଥିଲା ଓ ଆକାଶ ନିର୍ମଳ ହୋଇ ଆସିଥିଲା । ସେ ଉଠିପଡ଼ି ଗାଈଠାରୁ ବିଦାୟ ନେଲା । ସେ ପୁଣି ସେହି ରାସ୍ତା ଉପରେ ଚାଲିବାକୁ ଲାଗିଲା । ପ୍ରାୟ ଦୁଇଘଣ୍ଟା ଚାଲିବା ପରେ ସେ କ୍ଲାନ୍ତ ହୋଇ ଘାସ ଉପରେ ବସି ପଡ଼ିଲା । ସେତେବେଳକୁ ବେଶ୍ ଖରା ଚଢ଼ିଥିଲା ଓ ଗୀର୍ଜାର ଘଣ୍ଟାଧ୍ୱନି ଶୁଣାଯାଉଥିଲା । ପୁରୁଷ, ସ୍ତ୍ରୀ, ବାଳକ, ବାଳିକା ସମସ୍ତେ ଗୀର୍ଜାକୁ ଚାଲିଛନ୍ତି । କେହି କେହି ଗାଡ଼ିରେ ବସିଯାଉଛନ୍ତି । ସମସ୍ତଙ୍କ ମୁହଁ ପ୍ରଫୁଲ୍ଲ । ଆଜି ରବିବାର, ବିଶ୍ରାମ ଓ ଆନନ୍ଦର ଦିନ ।

ଏହି ସମୟରେ ରଣ୍ଡେଲ ଦେଖିଲା, ଜଣେ ମେଷପାଳକ ଦଳେ ମେଣ୍ଢା ନେଇ ଆସୁଛି । ସାଥିରେ ଗୋଟାଏ କୁକ୍କୁର । କୌଣସି ମେଣ୍ଢା ଦୂରକୁ ଚାଲିଗଲେ ଏହି କୁକ୍କୁର ତାକୁ ଅଡ଼େଇ ଦଳକୁ ନେଇ ଆସୁଛି । ରଣ୍ଡେଲ ଠିଆ ହୋଇ ସେହି ମେଷପାଳକ ପାଖକୁ ଯାଇ କହିଲା, "ଖାଇବା ବିନା ମୋର ପ୍ରାଣ ବାହାରି ଯାଉଛି । ମୋତେ କିଛି କାମ ଦେଇପାରିବ ନାହିଁ ?"

ମେଷପାଳକ ସନ୍ଦେହ ହୋଇ ତାର ମୁହଁକୁ କିଛି ବେଳ-ପର୍ଯ୍ୟନ୍ତ ଚାହିଁଲା । ତାହା ପରେ କହିଲା, "ରାସ୍ତାରେ ଯେ କାମ ଖୋଜିବ, ତାକୁ କିଏ କାମ ଦେବ ? ତୋଭଳି ବାଉଳା ପାଇଁ ମୋର କିଛି କାମ ନାହିଁ ।"

Digitized by srujanika@gmail.com

ରଣ୍ଡେଲ ଫେରଯାଇ ପୁଣି ପୂର୍ବସ୍ଥାନରେ ବସିଲା । ଲୋକେ ଯିବାଆସିବା କରୁଥାନ୍ତି । କିନ୍ତୁ ସେମାନଙ୍କ ଚେହେରା ଦେଖି ସେମାନଙ୍କୁ କିଛି କହିବାକୁ ତାର ସାହସ ହେଲା ନାହିଁ । ଶେଷରେ ସେ ଜଣେ ଲୋକଙ୍କୁ ଦେଖିଲା । ତାଙ୍କ ଦେହରେ ଗୋଟିଏ ମୂଲ୍ୟବାନ କୋଟ ଓ କୋଟ ଉପରେ ଗୋଟିଏ ସୁନାର ଚେନ୍ । ରଣ୍ଡେଲ ଉଠିପଡ଼ି ତାଙ୍କୁ କହିଲା, "ମହାଶୟ, ମୁଁ କାମ ଖୋଜି ବୁଲୁଛି । ଦୁଇମାସ ହେଲା ମୋତେ କାମ ମିଳିନାହିଁ । ମୋ ପାଖରେ ପଇସାଟିଏ ସୁଦ୍ଧା ନାହିଁ ।"

ଏହି ଭଦ୍ରଲୋକ ଗମ୍ଭୀର ସ୍ୱରରେ ଉତ୍ତର କଲେ, "ଏ ଗ୍ରାମର ଆରମ୍ଭରେ ଯେଉଁ ନୋଟିସ ଲେଖାଯାଇଛି, ତାକୁ ପଢ଼ିବା ତୁମର ଉଚିତ ଥିଲା । ସେଥିରେ ଲେଖାଅଛି—ଏହି ପାରିଶ୍ ମଧ୍ୟରେ ଭିକ୍ଷା ମାଗିବା ନିଷିଦ୍ଧ । ଜାଣିରଖ, ମୁଁ ହେଉଛି ଏଠାର ମେୟର । ଶୀଘ୍ର ଏହି ପାରିଶର ସୀମା ଭିତରୁ ବାହାରି ନଗଲେ ତୁମକୁ ଗିରଫ କରିବାକୁ ମୁଁ ବାଧ୍ୟ ହେବି ।"

ରଣ୍ଡେଲ ବିରକ୍ତ ହୋଇ କହିଲା, "ଆପଣ ଇଚ୍ଛାକଲେ ମୋତେ ଗିରଫ କରିପାରନ୍ତି । ବରଂ ଗିରଫ କଲେ ମୋର ସୁବିଧା; କାରଣ ଖାଇବା ବିନା ମୋତେ ମରିବାକୁ ହେବନାହିଁ ।" ସେ ପୁଣି ରାସ୍ତାଧାରରେ ବସିଲା । ପ୍ରାୟ ପନ୍ଦରମିନିଟ ପରେ ଦୁଇ ଜଣ କନେଷ୍ଟବଲ ସେହି ରାସ୍ତାରେ ଆସିଲେ । ସେମାନଙ୍କ ମୁଣ୍ଡରେ ଟୋପି, ଦେହରେ ହଳଦିଆ ପୋଷାକ, ସଫା କରାଯାଇଥିବା ପିତ୍ତଳ ବୋତାମ ସୂର୍ଯ୍ୟ କିରଣରେ ଚକ୍ ଚକ୍ ଦିଶୁଥିଲା । ସେମାନଙ୍କର ଏଭଳି ବେଶଭୂଷା ଦେଖିଲେ ଯେ କେହି ଭୟରେ ଦୂରକୁ ପଳାଇବାର କଥା, କିନ୍ତୁ ରଣ୍ଡେଲ ସେମାନଙ୍କୁ ଖାତିର ନକରି ସେହିପରି ବସିରହିଲା । ତାର ଇଚ୍ଛା, ଏମାନଙ୍କୁ ବେଖାତିର କଲେ

Digitized by srujanika@gmail.com

ମୋତେ ଗିରଫ କରିନେବେ । ପରେ ମୁଁ ଏମାନଙ୍କ ଉପରେ ପ୍ରତିହିଂସା ନେଇପାରିବ ।

ବୁଡ଼ୋଁଯାକ ସାମରିକ କାଇଦାରେ ପାଦ ପକାଇ ଗ୍ଭଲିଥାନ୍ତି । ସେମାନେ ରନ୍ତେଲକୁ ଦେଖିନଥିବାର ଛଳନା କରି କିଛିଦୂର ଆଗେଇ ଗଲେ, ତାହାପରେ ହଠାତ୍ ତାକୁ ଦେଖିଲାପରି ଫେରିପଡ଼ି ଫେରିଆସିଲେ । ଜଣେ କନେଷ୍ଟବଳ ପଗ୍ଭରିଲା, "ଏଠି ବସି କଅଣ କରୁଛୁ ?"

ରନ୍ତେଲ ନିର୍ଭିକ ଭାବରେ ଉତ୍ତର କଲା, "ମୁଁ ଏଠାରେ ବସି ବିଶ୍ରାମ ନେଉଛି ।"

ପ୍ରଶ୍ନ—ତୁ କେଉଁଠାରୁ ଆସିଲୁ ?

ଉତ୍ତର ମୁଁ ଯେତେ ଯେତେ ଗାଁ ବାଟେ ଆସିଛି, ସେ ସବୁର ନାଆଁ କହିବାକୁ ଗଲେ ଘଣ୍ଟାଏ କାଳ ଲାଗିବ ।

ପ୍ରଶ୍ନ—ତୁ କେଉଁଠାକୁ ଯାଉଛୁ ?

ଉତ୍ତର—ଭିଲ୍ ଆଭେଷିକୁ ।

ପ୍ରଶ୍ନ—ସେ ଗାଆଁ କେଉଁଠି ?

ଉତ୍ତର—ଲା ମାଞ୍ଚ ଥାନାରେ ।

ପ୍ରଶ୍ନ—ତୋ ଘର କଅଣ ସେଇଠି ?

ଉତ୍ତର—ହଁ ।

ପ୍ରଶ୍ନ—ତୁ ଗାଆଁ ଛାଡ଼ି ଆସିଥିଲୁ କାହିଁକି ?

ଉତ୍ତର—କାମ ଖୋଜିବାକୁ ।

ସେ ଅନ୍ୟ କନେଷ୍ଟବଳକୁ କହିଲା; "ସବୁ ଛତର ବାରବୁଲା, ସେଇକଥା କହନ୍ତି । ମୁଁ ଏମାନଙ୍କ କଥା ଜାଣେ ।"

ପୁଣି ସେ ରନ୍ତେଲକୁ ପଗ୍ଭରିଲେ, "ତୋ ପାଖରେ କିଛି କାଗଜପତ୍ର ଅଛି ?"

Digitized by srujanika@gmail.com

"ହଁ, କେତେକ ସାର୍ଟିଫିକେଟ ଅଛି ।"

"ଅଚ୍ଛା, ମୋତେ ଦେ । ମୁଁ ଦେଖିବି ।"

ଉପେନ୍ଦ୍ର ତାର ଜାମା ପକେଟରୁ କେତେକ ପୁରୁଣା ଚିରା ସାର୍ଟିଫିକେଟ ବାହାର କରି ବଢ଼ାଇ ଦେଲା । କନେଷ୍ଟବଳ ଗୁଣୁଗୁଣୁ ହୋଇ ସେଥିରୁ କେତେକ ପଢ଼ିଲା । ସାର୍ଟିଫିକେଟଗୁଡ଼ିକ ଠିକ୍ ଥିବାର ଦେଖି ସେ ସେଗୁଡ଼ିକ ତାକୁ ଫେରାଇ ଦେଲା । କିନ୍ତୁ ତା ମୁଁହରେ ଅସନ୍ତୋଷର ଚିହ୍ନ ପ୍ରକାଶ ପାଉଥାଏ । ସେ ଭାବୁଥାଏ, ଏ ଲୋକଟା ପାଖରେ ମୋ ବୁଦ୍ଧି ହାରିଗଲା ।

କିଛିକାଳ ଚିନ୍ତାକରି ସେ ପୁଣି ପଚାରିଲା, "ତୋ ପାଖରେ ଟଙ୍କା ପଇସା ଅଛି ?"

"ନା"

"ଆଦୌ କିଛି ନାହିଁ ?"

"ନା, କିଛି ନାହିଁ ।"

"ପଇସାଏ ହେଲେ ନାହିଁ ।"

"ପଇସାଏ ସୁଦ୍ଧା ନାହିଁ ।"

"ତାହାହେଲେ, ତୁ ଚଳୁଛୁ କିପରି ?"

"ଲୋକେ ଯାହା କିଛି ଦିଅନ୍ତି, ସେଇଥିରେ ଚଳୁଛି ।

"ତାହାହେଲେ ତୁ ଭିକ ମାଗୁ ?"

"ହଁ; ଯେତେବେଳେ ପାରୁଛି ଭିକ ମାଗୁଛି ।"

କନେଷ୍ଟବଳଙ୍କୁ ବାଟ ମିଳିଗଲା । ସେ କହିଲା,, "ତୁ ବାରବୁଲା । ତୋର କିଛି ରୋଜଗାର ନାହିଁ କି ପାଖରେ କିଛି ପଇସା ନାହିଁ । ରାସ୍ତାରେ ତୁ ଭିକ ମାଗି ବୁଲୁଛୁ । ତୋତେ ମୋ ସାଥିରେ ଯିବାକୁ ହେବ ।"

Digitized by srujanika@gmail.com

ରନ୍ତେଲ ଟିଆ ହୋଇଦେଇ କହିଲା, "ଯେଉଁଠିକି ଯିବାକୁ କହିବ, ମୁଁ ଯିବ । ମୋର କିଛି ଆପତ୍ତି ନାହିଁ ।" ଏହା କହି ସେ ବଳେ ବଳେ କନେଷ୍ଟବଳ ଦୁହିଁଙ୍କ ମଝିରେ ଛିଡ଼ା ହୋଇଯାଇ କହିଲା, "ଚାଲ, ମୋତେ ହାଜତକୁ ନେଇଯାଅ । ସେଠି ଅନ୍ତତଃ ବର୍ଷାରେ ଓଦା ହେବାକୁ ପଡ଼ିବ ନାହିଁ ।"

କନେଷ୍ଟବଳ ଦୁହେଁ ରନ୍ତେଲକୁ ନେଇ ସହର ଆଡ଼କୁ ଚାଲିଲେ । ପ୍ରାୟ ପନ୍ଦରମିନଟ ଚାଲିବା ପରେ ସେମାନେ ସହର ମଧ୍ୟରେ ପ୍ରବେଶ କଲେ । ଗୀର୍ଜାରେ ପ୍ରାର୍ଥନାସଭା ଆରମ୍ଭ ହେଉଥାଏ । ଗୀର୍ଜା ହତାରେ ଥିବା ଲୋକମାନେ ଏମାନଙ୍କୁ ଦେଖିବାଲାଗି ଧାଡ଼ିବାନ୍ଧି ଛିଡ଼ା ହୋଇଗଲେ । ରାସ୍ତାର ପିଲାମାନେ ଏମାନଙ୍କୁ ଘେରି ଚାଲିଲେ । ବୟସ୍କ ଲୋକେ ମନେକରୁଥାନ୍ତି ଯେ କନଷ୍ଟେବଳ ଦୁହିଁଙ୍କ ମଝିରେ ଚାଲିଥିବା ଲୋକଟିକୁ ସେମାନେ ଠେକା ଫିଙ୍ଗି, ଘମ୍ପ ଉ ବହାଣ, ବାଧା ଗୋଇଠା ଦେଇ ମାରିପକାନ୍ତେ । ସେମାନେ ଆପଣା ଆପଣା ଭିତରେ ଚେରଫେରି ହେଲେ; ଲୋକଟା କଅଣ ମଣିଷ ମାରିଛି, ନା ଡକେଇତି କରିଛି । ଜଣେ କଂସେଇ ଆଗେ ଯୁଦ୍ଧ ବିଭାଗରେ କାମ କରୁଥିଲା । ସେ କହିଲା, "ଏ ଲୋକଟା ସୈନ୍ୟଦଳରୁ ପଳାଇ ଆସିଛି ।" ଧୂଆଁପତ୍ରବିକାଳି କହିଲା, "ଆରେ, ଏଇ ଲୋକଟା ଆଜ ସକାଳେ ମୋତେ ଗୋଟାଏ ଅଚଳନ୍ତି ଫ୍ରାଙ୍କ୍ ଦେଇ ଠକି ପଳାଇଥିଲା ।" ଜଣେ କମାର ବାହାରି ପଡ଼ି କହିଲା, "ତୁମେ କେହି ଠିକ୍ କଥା ଜାଣିନାହଁ । ଛଅମାସ ତଳେ ମାଲେଟ ବୋଲି ଜଣେ ବିଧବାକୁ ମାରି ପକାଇ ଏ ଲୋକଟା ପଳାଇ ଥିଲା । ଏତେଦିନ ପରେ ପୋଲିସ ତାକୁ ଖୋଜି ଖୋଜି ଧରିଛନ୍ତି ।"

Digitized by srujanika@gmail.com

କନଷ୍ଟେବଲ ଦୁହେଁ ରଣ୍ଡେଲକୁ ନେଇ ମିଉନିସିପାଲିଟି ଅଫିସରେ ପହଞ୍ଚିଲେ । ଅଫିସରେ ମେୟର ଟେବୁଲ ଉପରେ ବସିଥିଲେ । ତାଙ୍କ ପାଖରେ ଆଉ ଜଣେ ଲୋକ ଗୋଟିଏ ଚଉକିରେ ବସିଥିଲେ, ସେ ହେଉଛନ୍ତି ସ୍କୁଲର ମାଷ୍ଟର । ମେୟର ହେଉଛନ୍ତି ଜଣେ ମାଜିଷ୍ଟ୍ରେଟ ମଧ୍ୟ ।

ରଣ୍ଡେଲକୁ ଦେଖିଲାକ୍ଷଣି ମେୟର କହିଲେ, "କିରେ ! ମୁଁ ସବୁ ବେଳେ ଅଟୁରୁ କହିଥିଲି ଯେ ତୋତେ ଗିରଫ କରାଯିବ । ଅଚ୍ଛା, କନେଷ୍ଟବଲ, ଲୋକଟାର ଅପରାଧ କଅଣ ?"

କନଷ୍ଟେବଲ ଉତ୍ତର କଲା, "ହଜୁର, ଏ ଲୋକଟାର ଘର ନାହିଁ, ପାଖରେ ପଇସାଟିଏ ନାହିଁ । ଭିକ୍ଷା ମାଗୁଥିବା ଅପରାଧରେ ତାକୁ ଧରି ଆଣିଛୁ । ବାରବୁଲାଗିରି କରିବା ତାର ବ୍ୟବସାୟ । ତା ପାଖରେ ଗୁଡ଼ିଏ ସାର୍ଟିଫିକେଟ ଅଛି; କିନ୍ତୁ ସେଗୁଡ଼ିକ ଠିକ୍ ।"

ମେୟରଙ୍କ ଆଦେଶରେ ରଣ୍ଡେଲ ତାର ସାର୍ଟିଫିକେଟଗୁଡ଼ିକ ବଢ଼ାଇ ଦେଲା । ମେୟର ସେଗୁଡ଼ିକୁ ଦୁଇ ତିନଥର ପଢ଼ି ଫେରାଇ ଦେଲେ ଓ କନଷ୍ଟେବଲ ଦୁହିଁଙ୍କୁ ହୁକୁମ ଦେଲେ, "ଲୋକଟାକୁ ଖାନତଲାସ କର ।" ଖାନତଲାସିରେ କିଛି ମାଲ ମିଳିଲା ନାହିଁ । ମେୟର ରଣ୍ଡେଲକୁ ପଚାରିଲେ, "ଆଜି ସକାଳେ ତୁ ରାସ୍ତାରେ କଅଣ କରୁଥିଲୁ ?"

"ମୁଁ କାମ ଖୋଜି ଯାଉଥିଲି ।"

"କାମ ଖୋଜି ? ସହରର ରାସ୍ତାଉପରେ କଣ କାମ ଥାଏ ?"

"ରାସ୍ତାରେ ନ ରହି ବଣ ଜଙ୍ଗଲରେ ରହିଥିଲେ ମୋତେ କିଏ କପରି ଦେଖନ୍ତା ?"

କନଷ୍ଟେବଲ ଦୁହେଁ ହାଁ ଏସ୍‌ପେକ୍ଟନ୍ତୁ ଭଳି ରଣ୍ଡେଲକୁ ଚାହିଁଲେ । ସତେ ଅବା ରଣ୍ଡେଲ ଭିନ୍ନ ଜାତିର ଜୀବ ! କନଷ୍ଟେବଲ ଅନ୍ୟ

Digitized by srujanika@gmail.com

ଜାତର ଜୀବ । ଆଜ ଏ ଦୁଇ ଜାତ ଜୀବ ମଧ୍ୟରେ ଅଦ୍ଭୁତ ସମ୍ବନ୍ଧ ! ମେୟର କହିଲେ, "ଆଚ୍ଛା, ମୁଁ ତୋତେ ଏଥର ଛାଡ଼ି ଦେଉଛି । କିନ୍ତୁ ସାବଧାନ ! ତୋତେ ଯେପରି ଆଉ ଏଠାକୁ ଆସିବାକୁ ନ ପଡ଼େ ।"

ରଣ୍ଡେଲ ଉତ୍ତରକଲା, "ହଜୁର ! ମୋତେ ହାଜତକୁ ପଠାଇଦେଲେ ବଡ଼ ଉପକାର ହୁଅନ୍ତା । ମୁଁ ବହୁତ ଭୁଲିଲିଣି ।" ମେୟର ରୁକ୍ଷ ସ୍ୱରରେ କହିଲେ, "ଚୁପ୍ କର ।" ତତ୍ପରେ କନଷ୍ଟେବଲ ଦୁହିଁଙ୍କୁ ଆଦେଶ ଦେଲେ, "ଏ ଲୋକକୁ ନେଇ ସହରର ସୀମାଠାରୁ ଦୁଇଶହ ଗଜ ଦୂରରେ ଛାଡ଼ିଆସ । ତେଣିକି ସେ ତା ବାଟରେ ଯାଉଥାଉ ।"

ରଣ୍ଡେଲ କହିଲା, "ମୋତେ କିଛି ଖାଇବାକୁ ଦିଅନ୍ତୁ ।" ମେୟର ରଗିଯାଇ କହିଲେ, "ବଡ଼ ବଚନ କଥା ! ତାକୁ ଛାଡ଼ି ଦିଆଗଲା । ସେଥିରେ ପୁଣି ସେ ଖାଇବାକୁ ଚାହୁଁଛି !"

କିନ୍ତୁ ରଣ୍ଡେଲ ନୀରବ ନ ରହି କହିଲା, "ଆପଣ ମୋତେ ଖାଦ୍ୟାଭାବରେ ମରଣାବସ୍ଥାକୁ ଆଣିଲେ ମୁଁ ନିଶ୍ଚୟ କିଛି ବେଆଇନ କାମ କରିବି ।"

ମେୟର ଚଉକିରୁ ଉଠିପଡ଼ି କନଷ୍ଟେବଲଙ୍କୁ କହିଲେ, "ଲୋକଟାକୁ ଶୀଘ୍ର ଏଠାରୁ ନେଇଯାଅ ।"

ଦୁଇ କନଷ୍ଟେବଲ ରଣ୍ଡେଲର ଗୋଟାଏ ଲେଖାଏଁ ହାତ ଧରି ତାକୁ ଅଫିସ ଘରୁ ଟାଣି ନେଇଗଲେ । ସେ ଏଥିରେ ବାଧା ଦେଲନାହିଁ । କନଷ୍ଟେବଲ ଦୁହେଁ ତାକୁ ସହର ବାହାରେ ରାସ୍ତା-ଉପରେ ଛାଡ଼ିଦେଇ କହିଲେ, "ଯାଅ । ପୁଣି ଯେବେ ଧରାପଡ଼ିବୁ ତେବେ ଆମକୁ ଚିହ୍ନିବୁ ।"

Digitized by srujanika@gmail.com

ପନ୍ଦର କୋଡ଼ଏମିନଟ୍ ପର୍ଯ୍ୟନ୍ତ ସେ ରାସ୍ତାରେ ଚାଲିଲା । ସେ କେଉଁଆଡ଼େ ଯାଉଥିଲା ତାହା ଜାଣୁ ନଥିଲା । ଭାବିବାର ଶକ୍ତି ତାର ନଥିଲା । । ରାସ୍ତା କଡ଼ରେ ଗୋଟିଏ ଘରର ଝରକା ସାମାନ୍ୟ ମେଲା ଥିଲା । ଘର ଭିତରେ ମାଂସ ସିଝୁଥିଲା । ଝରକାବାଟେ ତାର ଗନ୍ଧ ବାହାରୁଥିଲା । ରଣ୍ଡେଲର ପାଦ ଅଟକିଗଲା । ସେ ଯେଣ୍ଡ ଘରର ଦ୍ୱାର ପାଖକୁ ଯାଇ କବାଟରେ ଧକ୍କା ମାରି କହିଲା, "ମତେ କିଛି ଖାଇବାକୁ ଦିଅ । ଈଶ୍ୱର ତୁମର ମଙ୍ଗଳ କରିବେ ।" କିନ୍ତୁ କେହି କବାଟ ନ ଫିଟାଇବାରୁ ସେ ପୁଣି ଡାକିଲା, "ଏ ଘରେ କିଏ ଅଛି ? କବାଟ ଫିଟାଅ ।" ତଥାପି କବାଟ ଫିଟିଲା ନାହିଁ ।

ରଣ୍ଡେଲ ଝରକାପାଖକୁ ଫେରିଆସି ଧକ୍କା ମାରିବାରୁ ଝରକା ଏକବାରେ ଫିଟିଗଲା ଓ ସେଇବାଟେ ସେ ଘର ଭିତରକୁ ପଶିଗଲା । ତା ନାକରେ ନାନା ଖାଦ୍ୟ ଜିନିଷର ଗନ୍ଧ ବାଜିଲା । ସେ ଦେଖିଲା, ଟେବୁଲ ଉପରେ ଦୁଇଟି ଥାଳରେ ଖାଇବା ଜିନିଷ ରଖାଯାଇ ଘୋଡ଼ା ହୋଇଅଛି । କି ସୁନ୍ଦର ମାଂସ, ପରିବାଝୋଳ ! କାନ୍ଥ ଆଲମାରିରେ ଖଣ୍ଡେ ବଡ଼ ରୁଟି ଦିଶୁଥିଲା । ତାର ଦୁଇପାଖେ ଦୁଇ ବୋତଲ ମଦ । ଘରର ମାଲିକମାନେ ଚାକରକୁ ଖାଦାର ବରାଦ ଦେଇ ଗୀର୍ଜାକୁ ଯାଇଥିଲେ । ଫେରିଆସି ଖାଇଥାନ୍ତେ ।

ରଣ୍ଡେଲ ରୁଟିଟାକୁ ଟାଣି ଆଣି ଖଣ୍ଡ ଖଣ୍ଡ କରି ଗିଳିଗଲା । ଏହାପରେ ମାଂସର ବାସନାରେ ସେ ଡେକଚି ପାଖକୁ ଗଲା ଓ ସେଥିରୁ ଖଣ୍ଡେ ମାଂସ କଣ୍ଟାରେ ଟାଣି ଆଣିଲା । ରଣ୍ଡେଲ ମାଂସ, କୋବି, ମୂଳା, ଗାଜର ପିଆଜ ପ୍ରଭୃତି ଯେତେ ପାରିଲା ଡେକଚି-ମାନଙ୍କରୁ ନେଇ ଟେବୁଲ ଥାଳରେ ରଖିଲା । ତାହାପରେ ସେ ଟେବୁଲ ପାଖରେ ବସି ଆପଣା ଘରେ ଖାଇଲା ଭଳି ଖାଇଲା ।

Digitized by srujanika@gmail.com

ପେଟପୂରା ଖାଇଲାପରେ ତାକୁ ଶୋଷ ଲାଗିଲା । ସେ କାନ୍ଥ ଆଲ-ମାରୀରୁ ଗୋଟାଏ ବୋତଲ ନେଇଆସିଲା ।

ବୋତଲରୁ କିଛି ବ୍ରାଣ୍ଡି ଗିଲାସରେ ଢାଳି ସେ ଭାବିଲା, "ବ୍ରାଣ୍ଡି ଠିକ୍ ହେବ; ଦେହକୁ ଗରମ କରିଦେବ ।" ସେ ସେତକ ପିଇଦେଲା । ତାକୁ ଖୁବ୍ ଭଲ ଲାଗିଲା । ସେ ଆଉ ଗିଲାସେ ଭର୍ତ୍ତିକରି ତାକୁ ମଧ ପିଇଦେଲା । ଏହା ଫଳରେ ତାର ଫୁର୍ତ୍ତି ଆସିଲା ଓ ମନ ପ୍ରଫୁଲ୍ଲ ହେଲା ।

ଝୋଳରେ ରୁଟିକୁ ବୁଡ଼ାଇ ସେ ଧୀରେ ଖାଇବାକୁ ଲାଗିଲା । କ୍ରମେ ତାର ଦେହ ପୋଡ଼ିଲାପରି ବୋଧହେଲା । ମୁଣ୍ଡବ୍ୟଥା ହେଲା । ଏହି ସମୟରେ ଗୀର୍ଜାରେ ଘଣ୍ଟା ବାଜିଲା । ଏଥିରୁ ଜଣାଗଲା ଯେ ପ୍ରାର୍ଥନା ସଭା ଶେଷ ହେଲାଣି । ରନ୍ଧେଲ କିଛି ଚିନ୍ତା ନକରି ଉଠି ପଡ଼ିଲା । ଗୋଟିଏ ପକେଟରେ ଅବଶିଷ୍ଟ ରୁଟି ଓ ଅନ୍ୟ ପକେଟରେ ବ୍ରାଣ୍ଡି ବୋତଲଟି ପୂରାଇଲା । ଝରକା ପାଖେ ଛିଡ଼ା ହୋଇ ସେ ରାସ୍ତାକୁ ଚାହିଁଲା । ରାସ୍ତା ଜନଶୂନ୍ୟ । ସେ ଡେଇଁପଡ଼ି ଘରୁ ବାହାରି ଆସିଲା; କିନ୍ତୁ ସଦର ରାସ୍ତାରେ ନ ଯାଇ ସେ ପଡ଼ିଆବାଟେ ଯିବାକୁ ଲାଗିଲା । ଅଳ୍ପ ଦୂରରେ ଗୋଟିଏ ଘ୍ରେଟ ଜଙ୍ଗଲ ଦିଶୁଥିଲା । ସେ ସେହି ଜଙ୍ଗଲ ଆଡ଼କୁ ଚାଲିଲା ।

ତାର ଦେହର ବଳ ଫେରିଆସିଥିଲା । ମନ ପ୍ରଫୁଲ୍ଲ । ସେ ଖୁବ୍ ବେଗରେ ଚାଲିଲା । ବାଟରେ କେତେଟା ବାଡ଼କୁ ଡେଇଁଗଲା । ଜଙ୍ଗଲରେ ପହଞ୍ଚିଲାକ୍ଷଣି ସେ ଗୋଟାଏ ଗଛମୂଳେ ଛିଡ଼ା ହୋଇ ପକେଟରୁ ବୋତଲ ବାହାର କଲା ଓ ଆହୁରି କିଛି ବ୍ରାଣ୍ଡି ପିଇଲା । ସେ ପୁଣି ଚାଲିଲା; କିନ୍ତୁ ତାର ଆଖିକୁ ଜାଲୁଜାଲୁଆ ଦେଖାଗଲା, ତାର ଚିନ୍ତାଧାରା ସ୍ଥିର ରହିଲା ନାହିଁ । ପାଦ ଟଳମଳ ହେଲା । ତା ତୁଣ୍ଡରୁ ଗୋଟାଏ ଗୀତ ବାହାରିଲା ।

Digitized by srujanika@gmail.com

ସେ କୋମଳ ଶିଉଳି ଉପରେ ଶୋଇଥିଲା । ରଣ୍ଡେଲର ମନ ହେଲା, ସେ ପିଲାଦିନ ପରି ଏହା ଉପରେ ମାଙ୍କଡ଼ଚଢ଼ ମାରନ୍ତା ! ସତକୁ ସତ ସେ ଡଉଡ଼ିଯାଇ ମାଙ୍କଡ଼ଚଢ଼ ମାରି ଛୁଆଟା ହେଲା । ଏହାପରେ ସେ ତିନି ଚାରି ଥର ଡେଇଁଲା । ମଝିରେ ମଝିରେ ସେ ଆଗପରି ଗୀତ ଗାଉଥାଏ ।

ହଠାତ୍ ସେ ଦେଖିଲା, ରାସ୍ତାରେ ଗୋଟିଏ ଝିଅ ଆସୁଛି । ସେ ଦୁଇଟି ପାତ୍ରରେ ଦୁଧ ନେଇ ଆସୁଥିଲା । ରଣ୍ଡେଲ ତାକୁ ଚାହିଁଲା । ବାଳକାଟି ମଧ୍ୟ ତାକୁ ଦେଖିପାରି ପଚାରିଲା, "ତୁମେ ଗୀତ ଗାଉଥିଲ ?" ରଣ୍ଡେଲ ଏହାର ଉତ୍ତର ନ ଦେଇ ହଠାତ୍ ତାହା ଆଗକୁ ଡେଇଁ ପଡ଼ିଲା । ଝିଅଟି କହିଲା, "ଓଃ ! ତୁମକୁ ହଠାତ୍ ଦେଖି ମୋତେ ଡର ମାଡ଼ିଲା ।"

ରଣ୍ଡେଲ ମଦ ନିଶାରେ ବେଭୋଳ ହୋଇ ଯାଇଥିଲା । ତାର ଦେହ ଓ ମନ ଉତ୍ତେଜନାରେ ପୂର୍ଣ୍ଣ । ସେ ଦୁଇମାସ ହେଲା କିଛି ପାଇ ନଥିଲା । ଏବେ ତାର ଶରୀରର କ୍ଷୁଧା ଦୂର ହୋଇଛି । ତାହା ପରେ ମଦର ନିଶା । ସେ ମନର କ୍ଷୁଧା ଅନୁଭବ କଲା ।

ବାଳକାଟି ତାର ମୁଖ ଓ ତାର ଚକ୍ଷୁ ଦେଖି ପଛକୁ ଘୁଞ୍ଚିଗଲା । ତାର ବାହୁ ଦୁଇଟି ପ୍ରସାରିତ ଥିବାର ଦେଖି ବାଳକାଟି ଭୟ କରିଗଲା । ରଣ୍ଡେଲ ତାକୁ ଧରି ତଳେ ପକାଇଦେଲା । ପାତ୍ର ଦୁଇଟି ତଳେ ପଡ଼ିଗଲା ଓ ସେଥିରୁ ଦୁଧ ବୋହିଗଲା । ସେ ଚିତ୍କାର କଲା; କିନ୍ତୁ ଏଭଳି ନିର୍ଜନ ସ୍ଥାନରେ କିଏ ତାକୁ ସାହାଯ୍ୟ କରିବାକୁ ଆସିବ ? ଅଗତ୍ୟା ସେ ରଣ୍ଡେଲର ଅତ୍ୟାଚାରର ଶିକାର ହେଲା ।

ଯୁବକଟି ପୁଣ ପିବାକୁ ଚାହାଁଲା । କିନ୍ତୁ ଦୁଧତକ ନଷ୍ଟ ହୋଇଥିବାରୁ ତାର ବିରକ୍ତି ଆସିଲା । ସେ ପାଦର ଗୋଟିଏ ଚଟିଜୋତା ରଣ୍ଡେଲ ଉପରକୁ ଫିଙ୍ଗିଲା । ରଣ୍ଡେଲ ସେ ଅନ୍ୟାୟ

Digitized by srujanika@gmail.com

କାର୍ଯ୍ୟ କରୁଛୁ, ତାହା ବୁଝିପାରି ପଳାଇବାକୁ ବସିଲା । ବାଳକାଟି ତାହା ଆଡ଼କୁ ଢେକା ଫିଙ୍ଗିବାରେ ଲାଗିଥାଏ । କେତେଟା ଢେକା ତାର ପିଠିରେ ବାଜିଲା ।

ଅନେକ ବେଳଯାଏ ରଣ୍ଡୋଲ ଦୌଡ଼ି ଦୌଡ଼ି କ୍ଲାନ୍ତ ହୋଇ-ଗଲା । ତାର ପାଦରେ ଆଉ ଦୌଡ଼ିବାର ଶକ୍ତି ରହିଲା ନାହିଁ । ଏଣେ ତାର ମୁଣ୍ଡରେ ଚିନ୍ତା କରିବାର ଶକ୍ତି ମଧ୍ୟ ନଥିଲା । ସେ ଗୋଟାଏ ଗଛତଳେ ବସି ପଡ଼ିଲା । ପାଞ୍ଚ ମିନିଟ ଭିତରେ ତାକୁ ନିଦ ଲାଗିଗଲା । କିନ୍ତୁ ବେଶି ବେଳଯାଏ ସେ ନିଦ୍ରାସୁଖ ଭୋଗ କରିପାରିଲା ନାହିଁ ।

କାହାର ହାତର ନିର୍ଦ୍ଦୟ ସ୍ପର୍ଶରେ ତାର ନିଦ ଭାଙ୍ଗିଗଲା । ଆଖି ଖୋଲି ସେ ଦେଖିଲା, ସକାଳ ଓଳିର ସେହି କନଷ୍ଟେବଲ ଦୁଇଜଣ ତାର ଦୁଇ ହାତକୁ ବାନ୍ଧୁଛନ୍ତି । ଜଣେ କନଷ୍ଟେବଲ ଥଟ୍ଟା କରି କହିଲା, "ମୁଁ ସେତିକିବେଳୁ ଜାଣେ, ତୁ ପୁଣି ଆମ ହାବୁଡ଼ରେ ପଡ଼ିବୁ ।" ରଣ୍ଡୋଲ ଉଠି ଠିଆ ହେଲା । ପଳାଇଯିବାର ଉଦ୍ୟମ କଲା ନାହିଁ । କରନ୍ତା ବା କାହିଁକି ? ଶିକାରୀ ଶିକାର ପାଇଲେ ଛାଡ଼ିଦେବ କିପରି ?

ସେତେବେଳକୁ ସନ୍ଧ୍ୟା ହୋଇ ଆସିଥିଲା । ରଣ୍ଡୋଲର ହାତ ବାନ୍ଧି ତାକୁ ସେ ଦୁହେଁ ନେଇ ସହର ଆଡ଼କୁ ଗଲେ । ପ୍ରାୟ ଅଧଘଣ୍ଟା ପରେ ସେମାନେ ସହରରେ ପହଞ୍ଚିଲେ । ଜଣେ ଚୋର ଧରାପଡ଼ିଛି ବୋଲି ସହରରେ ପ୍ରଚାର ହୋଇ ସାରିଥିଲା । ସମସ୍ତେ କବାଟ ମେଲି କରି ଚୋରକୁ ଦେଖିବେ ବୋଲି ଚାହିଁ ରହିଛନ୍ତି । ସମସ୍ତଙ୍କର ଏହି ଲୋକଟା ଉପରେ ରାଗ । ସତେ ଅବା ସେ ସମସ୍ତଙ୍କ ଘରୁ ଚୋରି କରିଛି; ସବୁ ସ୍ତ୍ରୀଙ୍କ ଉପରେ ଅତ୍ୟାଚାର କରିଛି । ତାକୁ ଦେଖିଲାମାତ୍ରେ ସମସ୍ତେ ତା ଉପରେ ଗାଳି ବୃଷ୍ଟି କରିବାକୁ

Digitized by srujanika@gmail.com

ଲାଗିଲେ । ଶେଷରେ କନଷ୍ଟେବଳ ଦୁହେଁ ଋଣ୍ଡେଲଙ୍କୁ ନେଇ ମେୟରଙ୍କ ସାମନାରେ ଛିଡ଼ା କରିଇ ଦେଲେ । ଏଇ ବାଉଣ୍ଡୁଲାଟାକୁ ଦଣ୍ଡ ଦେବାପାଇଁ ମେୟର ମହାଶୟ ପ୍ରସ୍ତୁତ ହୋଇ ରହିଥିଲେ । ସେ କହିଲେ, "କରେ ଛତରା, ବାଉଣ୍ଡୁଲ ! ପୁଣି ତୁ ଦେଖାଦେଲୁ ! ତୋତେ ଦେଖିଲାବେଳୁ ମୁଁ ଏସବୁ କହିଥିଲି—ଏ ସହଜ ଜନ୍ତୁ ନୁହେ । ଏବେ ଜେଲ୍ ଯିବୁ । ପୁରା କୋଡ଼ିଏ ବର୍ଷ !"

ସମସ୍ୟାର ସମାଧାନ

ଜାକ୍ ବୋଡ଼ଲିଅର ବରାବର ପ୍ରତିଜ୍ଞା କରି କହୁଥିଲେ ଯେ ସେ ଜୀବନରେ କେବେ ବିବାହ କରିବେ ନାହିଁ । କିନ୍ତୁ ହଠାତ୍ ଏତେ ଦିନ ପରେ ସେ ନିଜର ପ୍ରତିଜ୍ଞା ଭଙ୍ଗ କରି ବିବାହ କରି ପକାଇଲେ । ଏଭଳି ଅପ୍ରତ୍ୟାଶିତ ବିବାହ କ୍ୱଚିତ୍ ଘଟିଥାଏ ।

ଦିନେ ସକାଳେ ସେ ସମୁଦ୍ରକୂଳ ବାଲିରେ ବସି ପ୍ରାକୃତିକ ଦୃଶ୍ୟ ଉପଭୋଗ କରୁଥିଲେ । ରମଣୀମାନେ ସ୍ନାନ ସାରି ଫେରି ଯାଉଥିଲେ । ସ୍ୱତଃ ତାଙ୍କର ଦୃଷ୍ଟି ସେମାନଙ୍କ ଉପରେ ପଡ଼ିଲା । ଜଣେକର ପାଦ ଦୁଇଟି ତାଙ୍କୁ ମନ୍ତ୍ରମୁଗ୍ଧ କରିଦେଲା । ସେ ରମଣୀର ପାଦରୁ ଉପର ଆଡ଼କୁ ଦୃଷ୍ଟି ପକାଇଲେ । ସମସ୍ତ ଶରୀରଟି ତାଙ୍କୁ ଅପୂର୍ବ ସୁନ୍ଦର ଦେଖାଗଲା । ଅବଶ୍ୟ ସେ ସମସ୍ତ ଶରୀର ଦେଖିପାରି ନଥିଲେ, କାରଣ ତାଙ୍କ ଶରୀରର ମଧ୍ୟଭାଗଟି ଗାଧୁଆ ପୋଷାକରେ ଆଚ୍ଛାଦିତ ଥିଲା । କିନ୍ତୁ ଶରୀରର ଗଠନ, ଆକାର ଓ ସୌଷ୍ଠବରେ ସେ ଏକବାରେ ମୋହିତ ହୋଇଗଲେ । ପରେ ସେ ଏହି ରମଣୀଙ୍କର ହୃଦୟର ସରଳତା ଓ ସରସତାର ପରିଚୟ ପାଇଥିଲେ ।

Digitized by srujanika@gmail.com

ଏହି ରମଣୀଙ୍କ ପରିବାର ସହିତ ସେ ସମ୍ବନ୍ଧ ସ୍ଥାପନ କଲେ । କ୍ରମେ ସେ ଏହାଙ୍କୁ ନିକଟରେ ବାରମ୍ବାର ଦେଖିବାର ସୁଯୋଗ ପାଇ ପ୍ରେମରେ ପାଗଳ ହୋଇଗଲେ ।

ପ୍ରେମ କଅଣ ତାହା ମି: ବୋଡ଼ିଲଅରଙ୍କୁ ଜଣା ନଥିଲା । ସେ ଯେତେବେଳେ ପ୍ରଥମେ ବର୍ଥା ଲେନସଙ୍କୁ ସମୁଦ୍ରକୂଳରେ ଦେଖିଥିଲେ, ସେତେବେଳେ ସେ ଆପାଦମସ୍ତକ ଥରିଗଲେ, ସେ କିଛି କହି ନପାରି ମୂକ ହୋଇ ରହିଗଲେ; ତାଙ୍କର ଚିନ୍ତାଶକ୍ତି ଲୋପ ପାଇଗଲା, କାନ ଭାଁ ଭାଁ ହୋଇଗଲା; ମନରେ ଏକପ୍ରକାର ଭୟ ଜାତ ହେଲା । ଏହା କଅଣ ପ୍ରେମର ଲକ୍ଷଣ ?

ସେ ପ୍ରେମ କଅଣ ଜାଣି ନଥିଲେ ସୁଦ୍ଧା ସ୍ଥିର କରି ନେଇଥିଲେ ଯେ ଏହାଙ୍କୁ ହିଁ ସେ ବିବାହ କରିବେ ।

ଲେନସଙ୍କର ପିତାମାତା ବୋଡ଼ିଲଅରଙ୍କ ବିଷୟରେ ଯାହା-ସବୁ ଶୁଣିଥିଲେ, ସେଥିରେ କନ୍ୟାଟିକୁ ତାଙ୍କ ସହିତ ବିବାହ ଦେବାକୁ କୁଣ୍ଠା ପ୍ରକାଶ କଲେ । ଶୁଣାଯାଉଥିଲା—ଗୋଟିଏ ରକ୍ଷିତା ସ୍ତ୍ରୀ ସହିତ ତାଙ୍କର ବହୁଦିନର ସମ୍ବନ୍ଧ । ଅବଶ୍ୟ ଏବେ ସେ ତାହା ସଙ୍ଗେ ସମ୍ବନ୍ଧ ତୁଟାଇ ଦେଇଛନ୍ତି; କିନ୍ତୁ ସମ୍ବନ୍ଧଟା ଯେ ସମ୍ପୂର୍ଣ୍ଣରୂପେ ତୁଟିଯାଇଛି, ସେ ବିଷୟରେ ସନ୍ଦେହ ଅଛି । ଏହାଛଡ଼ା ଆହୁରି ଅନେକ ସ୍ତ୍ରୀଙ୍କ ସହିତ ତାଙ୍କର ସାମୟିକ ସମ୍ପର୍କ ଥିଲା ବୋଲି ଶୁଣାଯାଏ । ତେଣୁ ଲେନସଙ୍କ ପିତାମାତାଙ୍କର କୁଣ୍ଠିତ ହେବାର ଯଥେଷ୍ଟ କାରଣ ଥିଲା ।

ଏବେ ବୋଡ଼ିଲଅର ଏହି ରକ୍ଷିତା ସ୍ତ୍ରୀସହିତ ସବୁ ସମ୍ବନ୍ଧ ତୁଟାଇ ଦେଲେ । ଏପରିକି ତାଙ୍କୁ ଥରେ ସୁଦ୍ଧା ଦେଖିବାକୁ ଗଲେ ନାହିଁ । ଜଣେ ବନ୍ଧୁଙ୍କ ମଧ୍ୟସ୍ଥତାରେ ସେ ଏହି ସ୍ତ୍ରୀର ଚଳିବାପାଇଁ କିଛି ମାସିକ ଭତ୍ତାର ବ୍ୟବସ୍ଥା କରିଦେଲେ । ତାଙ୍କ ତୁଣ୍ଡରୁ ଏହି

Digitized by srujanika@gmail.com

ରକ୍ଷିତାର ନାମ ସୁଦ୍ଧା ଶୁଣାଗଲା ନାହିଁ । ସ୍ତ୍ରୀଟି ତାଙ୍କ ପାଖକୁ ବାରମ୍ବାର ପତ୍ର ଦେଲା; କିନ୍ତୁ ସେ ସେଗୁଡ଼ିକୁ ପଢ଼ିବା ତ ଦୂରର କଥା; ନ ଖୋଲି ଅଳିଆ ଗଦାକୁ ଫିଙ୍ଗିଦେଲେ । ଖୋଲି ପଢ଼ିବାର ଦରକାର ନଥିଲା; କାରଣ ସେ ଜାଣନ୍ତି ଏଥିରେ ତାଙ୍କ ପ୍ରତି ଦୋଷାରୋପ କରାଯାଇଥିବ ବା ଅଭିମାନ କରାଯାଇଥିବ ।

ଶେଷରେ ଲେନିସଙ୍କ ସହିତ ବୋଡ଼ଲିଅରଙ୍କର ବିବାହ ସ୍ଥିର ହେଲା ।

ମେ ମାସର ପ୍ରଥମ ସପ୍ତାହରେ ପାରିସରେ ବିବାହ ଅନୁଷ୍ଠିତ ହେଲା । ବିବାହ ପରେ ବରକନ୍ୟା ମଧୁଯାମିନୀ ଉପଲକ୍ଷରେ ସାଧାରଣତଃ କିଛିଦିନ ନିମନ୍ତେ କୌଣସି ଦୂର ସ୍ଥାନକୁ ଯିବାର କଥା । କିନ୍ତୁ ଉଭୟେ ସ୍ଥିରକଲେ ଯେ କୌଣସି ଦୂର ସ୍ଥାନକୁ ଯିବା ପରିବର୍ତ୍ତେ ବିବାହ ରାତିଟି ଆନନ୍ଦଉତ୍ସବରେ କଟାଇଦେବେ । ରାତି ଏଗାରଟା ପର୍ଯ୍ୟନ୍ତ କେତେକ ବନ୍ଧୁବାନ୍ଧବ ରହି ନୃତ୍ୟଗାନ କରିବେ । ତତ୍ପରେ ବରକନ୍ୟା ପ୍ରଭାତ ପର୍ଯ୍ୟନ୍ତ ଏକତ୍ର ରାତ୍ରିଯାପନ କରିବେ । ପରଦିନ ଉଭୟେ ସମୁଦ୍ରକୂଳରେ ଭ୍ରମଣ କରି ଭୋଜନ ସମୟକୁ ଗୃହକୁ ଫେରିଆସିବେ ।

ସନ୍ଧ୍ୟାପୂର୍ବରୁ ଗୀର୍ଜାରେ ବିବାହ ହୋଇଗଲା । ଏହାପରେ ଆନନ୍ଦଉତ୍ସବ । ରାତି ହେବାକ୍ଷଣି ହଲ୍‌ରେ ଅତିଥିମାନେ ମିଳିତ ହେଲେ । ମଣ୍ଡଳୀ ନୃତ୍ୟରେ ସମସ୍ତେ ମାତିଗଲେ । କିନ୍ତୁ ବରକନ୍ୟା ପାଖର ଗୋଟିଏ ଶ୍ରେଷ୍ଠ ଘରେ ବସିଲେ । ଏହି ଘରଟି ସୁନ୍ଦରରୂପେ ସଜାଯାଇଥିଲା ଓ ଏହାର ଛାତରୁ ଗୋଟିଏ ରଙ୍ଗିନ୍ ଆଲୁଅ ଝୁଲୁଥିଲା । ଝରକାବାଟେ ଏହା ଭିତରକୁ ବେଳେବେଳେ ପବନ ଆସି ସେ ଦୁହିଁଙ୍କ ମୁହଁକୁ ସ୍ପର୍ଶ କରିଯାଉଥିଲା ।

Digitized by srujanika@gmail.com

ଦୁହେଁ ପରସ୍ପର ନିକଟରେ ହାତ ଧରାଧରି ହୋଇ ବସି-ଥିଲେ । ଆଜି ଲେନିସ ନିଜକୁ ସମ୍ପୂର୍ଣ୍ଣ ଭିନ୍ନ ମନେ କରୁଛନ୍ତି । ତାଙ୍କ ମୁଖରେ ହସ ଉଚ୍ଛୁଳି ପଡ଼ୁଛି; ଆନନ୍ଦରେ ବେଳେବେଳେ ଆଖିରୁ ଲୁହ ଗଡ଼ି ଯାଉଛି । ମନରେ କେତେ ନୂଆ ଚିନ୍ତା ଜାଗି ଉଠୁଛି । କିନ୍ତୁ ତାହା ସେ ପ୍ରକାଶ କରିପାରୁ ନାହାନ୍ତି; କେବଳ ମୃଦୁ ହାସ୍ୟ ପ୍ରକାଶ କରି ସ୍ୱାମୀଙ୍କ ମୁଖକୁ ଚାହୁଁଛନ୍ତି । ତାଙ୍କର ଆଶା, ସ୍ୱାମୀ ତାଙ୍କ ଅକୁହା କଥା ବୁଝିପାରୁଥିବେ ।

ବୋଡ଼ିଲଅର ବାରମ୍ବାର ମନ କରୁଥାନ୍ତି—ନବବିବାହିତା ପତ୍ନୀଙ୍କୁ କିଛି କହିବେ । କିନ୍ତୁ କଅଣ କହିବେ ସ୍ଥିର କରି ପାରୁ-ନଥାନ୍ତି । ବେଳେବେଳେ କେବଳ 'ପ୍ରିୟେ' ଏତିକି କହି ରହି-ଯାଉଥାନ୍ତି । ସେତେବେଳେ ଲେନିସ ମଧ୍ୟ ତାଙ୍କ ମୁହଁକୁ ଚାହିଁ ଟିକିଏ ହସି ଦେଉଥାନ୍ତି । ସତେ ଅବା ଦୁହେଁ ଆଖିରେ କଥାବାର୍ତ୍ତା ହେବାକୁ ସ୍ଥିର କରି ଆସିଛନ୍ତି ।

ବେଳେବେଳେ ହଲ୍‌ର ନୃତ୍ୟରତ ଦମ୍ପତି ସେ ଦୁହିଁଙ୍କ ଆଡ଼କୁ ମୁହୂର୍ତ୍ତିକ ପାଇଁ ଦୃଷ୍ଟି ପକାଇ ଅପସରି ଯାଉଥିଲେ । ମନେ ହେଉଥିଲା; ଯେପରିକି ନବବିବାହିତ ଦମ୍ପତିଙ୍କୁ ଏକାନ୍ତ ଅବସ୍ଥାରେ ଦେଖି ସେମାନେ ଗୋଟିଏ କିଛି ଅନ୍ୟାୟ କାର୍ଯ୍ୟ କରିପକାଇଛନ୍ତି ।

ଏହି ସମୟରେ ଜଣେ ଦାସୀ ପରଦା ଠେଲି ଗୃହ ମଧ୍ୟରେ ପ୍ରବେଶ କଲା । ତାର ହାତରେ ଗୋଟିଏ ଥାଳିଆରେ ଖଣ୍ଡିଏ ପତ୍ର । ସେ ଥାଳିଆଟି ବୋଡ଼ିଲଅରଙ୍କ ପାଖକୁ ବଢ଼ାଇ ଧରିଲା । ପତ୍ରରେ ନିଜ ନାମ ଦେଖିପାରି ସେ ପତ୍ରଟିକୁ ଉଠାଇ ନେଲେ । ଦାସୀ କହିଲା, "ଜଣେ ଲୋକ ଏହାକୁ ବର୍ତ୍ତମାନ ଦେଇଗଲା ।"

ପତ୍ରଟି ଉଠାଇ ନେବା ବେଳକୁ ତାଙ୍କର ହାତ ଥରିଗଲା । ଗୁଣ୍ଡ କମ୍ପିଗଲା । ତାଙ୍କର ଆଶଙ୍କା ହେଲା, ପତ୍ରଟି କୌଣସି ଦୁଃସମ୍ବାଦ ନେଇ ଆସିଛି ।

Digitized by srujanika@gmail.com

ସେ ପତ୍ରଟିକୁ ଧରି ଅନେକ ବେଳଯାଏ ଭାବିଲେ । ଲେଖାରୁ କାହାର ହସ୍ତାକ୍ଷର ଚିହ୍ନି ପାରିଲେ ନାହିଁ । ହଠାତ୍ ଲଫାପାଟି ଖୋଲିବାକୁ ସାହସ ହେଲନାହିଁ । ସେ ଭାବିଲେ, "ଚିଠିଟା ପକେଟରେ ରଖିଦେବି । କାଲି ଦେଖିବି । ଆଜିର ଏ ଆନନ୍ଦପୂର୍ଣ୍ଣ ରାତ୍ରିରେ କିଛି ବିଘ୍ନ ନ ଘଟୁ ।" କିନ୍ତୁ ହଠାତ୍ ତାଙ୍କର ଦୃଷ୍ଟିରେ ପଡ଼ିଲା— ଲଫାପାର କୋଣରେ ଲେଖାଅଛି 'ଅତି ଜରୁରୀ' । ସେ ଉପରେ ବ୍ୟସ୍ତ ହୋଇ ଲଫାପାଟି ଚିରି ଚିଠିଟି ବାହାର କରି ପଢ଼ିଲେ । ତାଙ୍କର ମୁହଁ କଳା ପଡ଼ିଗଲା । ଚିଠିଟି ପକେଟରେ ପୂରାଇ ଦେଇ ସେ କମ୍ପିତ ସ୍ୱରରେ କହିଲେ; "ପ୍ରିୟେ, ମୋତେ ଅଧଘଣ୍ଟା ପାଇଁ ବାହାରକୁ ଯିବାକୁ ହେବ । କିଛି ମନେ କରିବ ନାହିଁ । ଗୋଟାଏ ବଡ଼ ବିପଦ ଉପସ୍ଥିତ । ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ମୃତ୍ୟୁ ଶଯ୍ୟାରେ ପଡ଼ିଛନ୍ତି । ଯେ କୌଣସି ମୁହୂର୍ତ୍ତରେ ତାଙ୍କର ମୃତ୍ୟୁ ଘଟିପାରେ । ମୁଁ ଯାଉଛି । ଅଧଘଣ୍ଟା ମଧ୍ୟରେ ଫେରିଆସିବି ।"

ଲେନସ ଉପରେ ଅସ୍ଥିର ହୋଇ ପଡ଼ିଲେ । ସେ କହିଲେ, "ପ୍ରିୟ ! ଏପରି ଅବସ୍ଥାରେ ତୁମେ ନଯାଇ ରହିବ କିପରି ?" କେଉଁ ବନ୍ଧୁଙ୍କର କି ରୋଗ ହୋଇଛି ଏହା ଜାଣିବାକୁ ଇଚ୍ଛା ଥିଲେହେଁ ବିବାହର ମାତ୍ର କେତେଘଣ୍ଟା ପରେ ସ୍ୱାମୀଙ୍କୁ ସେଭଳି ପ୍ରଶ୍ନ ପଚାରି- ବାକୁ ତାଙ୍କର ସାହସ ହେଲନାହିଁ । ସ୍ୱାମୀ ବାହାରି ଗଲେ । ଲେନସ ଏକୁଟିଆ ବସି ରହିଲେ । ହଲ୍‌ରୁ ନୃତ୍ୟଗୀତ ଶୁଣାଯାଉଥିଲା ।

ମୁଣ୍ଡରେ ଟୋପିଦେଇ ବୋଡ଼ଲିଅର ରାସ୍ତାକୁ ବାହାରି ପଡ଼ିଲେ । ଅଳ୍ପଦୂର ଯିବାପରେ ରାସ୍ତାପାଖରେ ଗୋଟିଏ ଆଲୁଅ ଦେଖି ସେ ଠିଆ ହୋଇଗଲେ ଓ ପତ୍ର ଖଣ୍ଡିକ ବାହାର କରି ମନୋଯୋଗ ସହକାରେ ପଢ଼ିଲେ । ସେଥିରେ ଲେଖାଥିଲା :—

Digitized by srujanika@gmail.com

"ମହାଶୟ,

ଆପଣଙ୍କର ପୂର୍ବରକ୍ଷିତା ସ୍ତ୍ରୀ ଗୋଟିଏ ସନ୍ତାନ ପ୍ରସବ କରିଅଛି । ସେ କହେ ଯେ ଏହି ସନ୍ତାନଟି ଆପଣଙ୍କର । ବର୍ତ୍ତମାନ ଉକ୍ତ ସ୍ତ୍ରୀ ମୃତ୍ୟୁର ଦ୍ୱାରଦେଶରେ । ତାର ଶେଷ ଅନୁରୋଧ, ଆପଣଙ୍କୁ ଥରେ ଦେଖିବ । ଗୋଟିଏ ହତଭାଗିନୀ ଅସହାୟା ରମଣୀର ଅନ୍ତିମ ଆଶା ପୂରଣ କରିବା ପାଇଁ ଅନୁରୋଧ କରି ଏ ପତ୍ର ଲେଖିବାକୁ ସାହସୀ ହୋଇଅଛି ।

ବଶମ୍ବଦ
ଡାକ୍ତର ବର୍ନାର୍ଡ଼"

ବୋଡ଼୍ଲିଅର ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲା ବେଳକୁ ରମଣୀଟିର ଶେଷ ଅବସ୍ଥା । ତାର ଏପରି ପରିବର୍ତ୍ତନ ହୋଇଥିଲା ଯେ ବୋଡ଼୍ଲିଅର ତାକୁ ଚିହ୍ନି ପାରୁନଥାନ୍ତେ । ଡାକ୍ତର ଦୁଇଜଣ ନର୍ସଙ୍କ ସାହାଯ୍ୟରେ ଯଥାଶକ୍ତି ତାର ଯତ୍ନ ନେଉଥିଲେ ।

ଘରର ମେଜିଆରେ ପାଣି ଢଳା ହୋଇଥିଲା । ଗୋଟିଏ ଟେବୁଲ ଉପରେ ଦୁଇଟି ବତି କ୍ଷୀଣ ଭାବରେ ଜଳୁଥିଲା । ରୋଗିଣୀର ବିଛଣା ପଛପଟେ ଗୋଟିଏ ଦୋଳିରେ ଶିଶୁଟିଏ କାନ୍ଦୁଥିଲା । ପିଲାଟି କାନ୍ଦିଲାବେଳେ ରୋଗିଣୀର ଦେହ ଟିକିଏ କମ୍ପି ଯାଉଥିଲା ।

ରମଣୀର ଅତ୍ୟଧିକ ରକ୍ତସ୍ରାବ ହେଉଥିଲା । ତାର ଜୀବନୀଶକ୍ତି କ୍ଷୟ ହୋଇ ଆସୁଥିଲା । ରକ୍ତସ୍ରାବ ବନ୍ଦ କରିବାପାଇଁ ଡାକ୍ତର ବରଫ ପ୍ରୟୋଗ କରିଥିଲେହେଁ ତାହା ଫଳ ଦେଉନଥିଲା । ରୋଗିଣୀର ଶେଷ ମୁହୂର୍ତ୍ତ ଆସନ୍ନ ।

Digitized by srujanika@gmail.com

ଯାହାହେଉ, ରମଣୀ ବୋଡ଼ଲଅରଙ୍କୁ ଚିହ୍ନି ପାରିଲା । ସେ ହାତ ବଢ଼ାଇବାକୁ ଚେଷ୍ଟାକଲା; କିନ୍ତୁ ଅତିରିକ୍ତ ଦୁର୍ବଳତା ହେତୁରୁ ହାତଟି ପଡ଼ିଗଲା । ତାର ଆଖିରୁ ଲୁହଧାର ବହି ଆସିଲା ।

ବୋଡ଼ଲଅର ପାଗଳ ପରି ବିଛଣା ଧାରରେ ଆଣ୍ଠୋଇ ପଡ଼ି ତାର ହାତକୁ ଧରି ଚୁମ୍ବନ କଲେ । ରୋଗିଣୀର ମୁହଁ ପାଖକୁ ସେ ନିଜ ମୁହଁ ବଢ଼ାଇ ଦେଲେ । ରମଣୀ ଧୀର ସ୍ୱରରେ କହିଲା, "ମୋର ମୃତ୍ୟୁ ଅତି ନିକଟ । ପ୍ରତିଜ୍ଞା କର, ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ତୁମେ ମୋ ପାଖେ ରହିବ । ମୋର ଏ ଶେଷ ମୁହୂର୍ତ୍ତରେ ମୋତେ ଛାଡ଼ି ଯାଅନାହିଁ । ତୁମକୁ ଦେଖି ମୋର ପ୍ରାଣ ବାହାରିଗଲେ ଶାନ୍ତି ପାଇବ ।"

ବୋଡ଼ଲଅର ତାର ମସ୍ତକ ଚୁମ୍ବନ କରି କହିଲେ, "ତୁମେ ଶାନ୍ତ ହୁଅ । ମୁଁ ତୁମ ପାଖେ ଶେଷ ପର୍ଯ୍ୟନ୍ତ ରହିବି, ଏଥିରେ ସନ୍ଦେହ କର ନାହିଁ ।"

କିଛି ସମୟ ପରେ ରୋଗିଣୀ ପୁଣି କହିଲା, "ଏ ସନ୍ତାନଟି ତୁମର । ଈଶ୍ୱରଙ୍କ ନାମରେ ଶପଥ କରି କହୁଛି, ଏଇଟି ତୁମ ଛଡ଼ା ଆଉ କାହାର ନୁହେଁ । ମରଣବେଳରେ ମୁଁ କି ମିଥ୍ୟା କହି-ପାରେ ? ଜୀବନରେ ତୁମ ଛଡ଼ା ମୁଁ ଅନ୍ୟ କୌଣସି ପୁରୁଷ ସମ୍ପର୍କରେ ଆସିନାହିଁ । ମୋତେ ଏତିକି କହ, ଏ ପିଲାଟିକି ତ୍ୟାଗ କରିବ ନାହିଁ ତ ?"

ବୋଡ଼ଲଅରଙ୍କ ଆଖି ଛଳଛଳ ହୋଇ ଆସିଲା । ସେ ଶିଶୁଟିକୁ କୋଳକୁ ନେବାକୁ ବାହାରିଥିଲେ । ରହିଯାଇ ସେ କହିଲେ, "ମୁଁ ତୁମ ଆଗରେ ଈଶ୍ୱରଙ୍କ ନାମରେ ଶପଥ କରି କହୁଛି, ମୁଁ ଶିଶୁଟିକୁ ପ୍ରାଣ ଦେଇ ଭଲ ପାଇବି ଓ ତାକୁ ଲାଳନ-

Digitized by srujanika@gmail.com

ପାଳନ କରିବ । ତୁମେ ନିଶ୍ଚିନ୍ତ ରହିପାର, ଏ ପିଲାଟି ମୋ ପାଖେ ପାଖେ ରହିଥିବ ।”

ସ୍ତ୍ରୀ ମୁଣ୍ଡ ଟେକିବାକୁ ଚେଷ୍ଟା କରୁଥିଲା; କିନ୍ତୁ ଟେକି ପାରିଲା ନାହିଁ । ବୋଡ଼ଲିଅର ତାର ଶୁଷ୍କ ଓଷ୍ଠରେ ଚୁମ୍ବନ ଦେଲେ । ରମଣୀ ଟିକିଏ ଶାନ୍ତ ହୋଇ କହିଲା, “ତୁମେ ପିଲାଟିକୁ କୋଳକୁ ନିଅ । ମୁଁ ତାକୁ ତୁମ କୋଳରେ ଦେଖେ ।”

ବୋଡ଼ଲିଅର ପିଲାଟିକୁ କୋଳରେ ଧରି ମୁମୂର୍ଷୁ ରୋଗିଣୀ ଆଗରେ ଛିଡ଼ା ହେଲେ । ରୋଗିଣୀର ମୁଖରେ ଟିକିଏ ହସ ମୁହୂର୍ତ୍ତିକ ପାଇଁ ଦେଖାଦେଲା । ସେ ପିଲାଟିକୁ ମାଆ କୋଳରେ ଶୁଆଇ ଦେଇ ନିଜେ ପାଖରେ ବସିଲେ । ପିଲାର କାନ୍ଦ ବନ୍ଦ ହୋଇଗଲା । ସେ ରମଣୀର ଅବସନ୍ନ ହାତଟିକୁ ଧରି ରହିଗଲେ । ତାଙ୍କର ଆଖି ଘଣ୍ଟାର କଣ୍ଟା ଉପରେ । ଗୋଟାଏ ବାଜିଲା, ଦୁଇଟା ମଧ୍ୟ ବାଜିଗଲା ।

ଡାକ୍ତର ଶୋଇବାକୁ ଚାଲିଗଲେ । ନର୍ସଦୁହେଁ କିଛି ସମୟ ପର୍ଯ୍ୟନ୍ତ ଘରଭିତରେ ଏପାଖ ସେପାଖ ହୋଇ ବିଶ୍ରାମ ନେବାକୁ ଗୋଟିଏ ଗୋଟିଏ ଚଉକି ଉପରେ ପଡ଼ିଗଲେ । ପିଲାଟି ଶୋଇ-ପଡ଼ିଛି । ରମଣୀର ଚକ୍ଷୁ ମୁଦ୍ରିତ । କେବଳ ବୋଡ଼ଲିଅର ଜାଗ୍ରତ ।

ଉଷାର କ୍ଷୀଣ ଆଲୋକ ଦ୍ୱାରର ଚିକ ପରଦାବାଟେ ଘର-ଭିତରେ ପଡ଼ିଲା । ରମଣୀଟି ହଠାତ୍ ତାର ବାହୁ ଦୁଇଟି ଉପରକୁ ଉଠାଇଲା । ଗଳାର ଘଡ଼ଘଡ଼ ଶବ୍ଦ ଶୁଣାଗଲା । ବାହୁ ଦୁଇଟି ବିଛଣା ଉପରେ ପଡ଼ିବା ସଙ୍ଗେ ସଙ୍ଗେ ବନ୍ଦ ହୋଇଗଲା ।

ନର୍ସ ବିଛଣା ପାଖକୁ ଦଉଡ଼ି ଆସିଲେ । ରୋଗିଣୀକୁ ପରୀକ୍ଷା କରି କହିଲେ, “ସବୁ ଶେଷ ।”

Digitized by srujanika@gmail.com

ବୋଡ଼୍‌ଲିଅର ଥରେ ମୃତ ପ୍ରେମିକା ମୁଖକୁ ଗ୍ୱହିଁଲେ । କାନ୍ଥର ଘଡ଼ିରେ ଗ୍ୱରିଟା ବାଜିଥିଲା । ସେ ହଠାତ୍ ଉଠି ପଡ଼ିଲେ । ପିଲାଟିକୁ କୋଳରେ ଧରି ଗ୍ୱଲିଗଲେ । ଏତେ ଚଞ୍ଚଳ ସେ ଗ୍ୱଲି-ଗଲେ ଯେ ଦେହରେ କୋଟ୍ ଦେବାକୁ ମଧ୍ୟ ଭୁଲିଗଲେ ।

ଏଣେ ନବବିବାହିତା ଲେନିସ ହଲର ନିକଟବର୍ତ୍ତୀ ଘରେ ସ୍ୱାମୀଙ୍କୁ ଅପେକ୍ଷା କରି ବସିଥିଲେ । ପ୍ରାୟ ବାରଟା ବେଳକୁ ନୃତ୍ୟ, ଗୀତ ବନ୍ଦ ହୋଇଗଲା । ଅତିଥିମାନେ ଗ୍ୱଲିଗଲେ । ସ୍ୱାମୀ ନ ଫେରିବାରୁ ଲେନିସ ହଲ୍ ଭିତରକୁ ଗଲେ । ସେତେବେଳକୁ ତାଙ୍କ ମନ ଅସ୍ଥିର । ତାଙ୍କର ମାଆ ପଚ୍ୱରିଲେ, "ଜ୍ୱାଇଁ କୁଆଡ଼େ ଅଛନ୍ତି ?" ଲେନିସ ଉତ୍ତରକଲେ, "ବାହାରକୁ ଯାଇଛନ୍ତି । ଟିକିଏ ପରେ ଆସିବେ ।"

ଘଣ୍ଟାଏ ଦୁଇଘଣ୍ଟା ପରେ ମଧ୍ୟ ବୋଡ଼୍‌ଲିଅର ନ ଫେରିବାରୁ ସମସ୍ତେ ଲେନିସଙ୍କୁ ସେହି ପ୍ରଶ୍ନ ପଚ୍ୱରିଲେ, "ଜ୍ୱାଇଁ ଗଲେ କୁଆଡ଼େ ?"

ଶେଷରେ ଲେନିସ ବାଧ୍ୟ ହୋଇ କହିଲେ, "ଗୋଟାଏ ଚିଠି ପାଇବାରୁ ସେ ବଡ଼ ଚିନ୍ତିତ ହୋଇ ବାହାରିଗଲେ । ତାଙ୍କର ଜଣେ ବନ୍ଧୁଙ୍କର ସଙ୍କଟଜନକ ଅବସ୍ଥା । ବୋଧହୁଏ କିଛି ବିଶେଷ ବିପଦ ପଡ଼ିଛି ।"

ଲେନିସଙ୍କର ପିତା, ମାତା ଓ ଆଉ କେତେଜଣ ନିକଟ ସମ୍ପର୍କୀୟ ଛଡ଼ା ଆଉ କେହି ନଥିଲେ । ରାତି ଗୋଟାଏ ବାଜିବାରୁ ସେମାନେ ଲେନିସଙ୍କୁ ଶୋଇବାକୁ ପଠାଇ ଦେଲେ । ମାଆ ଓ ତାଙ୍କର ଦୁଇଟି ଭଉଣୀ ତାଙ୍କ ଖଟ ପାଖରେ ବସି ରହିଲେ । ଲେନିସଙ୍କୁ ନିଦ ହେଉନାହିଁ । ସେ ନୀରବରେ କାନ୍ଦିବାକୁ ଲାଗିଲେ ।

Digitized by srujanika@gmail.com

ଲେନସଙ୍କ ପିତା ବୋଡ଼ଲଅରଙ୍କ ସନ୍ଧାନ ନେବାପାଇଁ ଥାନାକୁ ଚାଲିଗଲେ ।

ପାଞ୍ଚଟା ବେଳକୁ ବାରଣ୍ଡାରେ ପାଦଶବ୍ଦ ଶୁଣାଗଲା । ଦ୍ୱାରଟି ଟିକିଏ ଖୋଲି ବନ୍ଦ ହୋଇଗଲା । ଘର ଭିତରକୁ ଜଣେ କେହି ପ୍ରବେଶ କଲେ । ଘରଭିତରେ 'କୁଆଁ କୁଆଁ' ରାବ ଶୁଣାଗଲା । ଏହି ଲୋକଟି ଅନ୍ୟ କେହି ନୁହନ୍ତି, ହେଉଛନ୍ତି ବୋଡ଼ଲଅର ।

ଲେନସ ହଠାତ୍ ବିଛଣାରୁ ଉଠି ଠିଆ ହୋଇଗଲେ । ଅନ୍ୟ ସ୍ତ୍ରୀଲୋକମାନେ ମଧ୍ୟ ଉଠି ପଡ଼ିଲେ ।

ଘର ମଝିରେ ବୋଡ଼ଲଅର । ତାଙ୍କ କୋଳରେ ଗୋଟିଏ ସଦ୍ୟପ୍ରସୂତ ଶିଶୁ । ତାଙ୍କର ଘନଘନ ନିଶ୍ୱାସ ବହୁଥିଲା ଓ ମୁଖ ଶୁଖି ଯାଇଥିଲା ।

ସମସ୍ତେ ଚକିତ ହୋଇ ତାଙ୍କ ମୁହଁକୁ ଚାହିଁରହିଲେ । କିନ୍ତୁ ଲେନସ ତାଙ୍କ ପାଖକୁ ଚାଲିଯାଇ ପଚାରିଲେ, "ଏ କଅଣ ? କୋଳରେ କାହାକୁ ଧରିଛ ?"

ବୋଡ଼ଲଅର ଇତସ୍ତତଃ ହୋଇ ଅସ୍ପଷ୍ଟ ଭାବରେ ଉତ୍ତର କଲେ, "ଏଇଟି······ଏଇଟି ଗୋଟିଏ ଶିଶୁ । ଏହାର ମାଆ ବର୍ତ୍ତମାନ ମରିଗଲା । ଏହାକୁ ମୁଁ ନେଇ ଆସିଛି ।" ଏହା କହି ସେ କାନ୍ଦିଲା ପିଲାଟିକୁ ନିଜର ନବବିବାହିତା ପତ୍ନୀଙ୍କ ହାତକୁ ବଢ଼ାଇ ଦେଲେ ।

ଲେନସଙ୍କ ତୁଣ୍ଡରୁ କିଛି କଥା ବାହାରିଲା ନାହିଁ । ସେ ନୀରବରେ ହାତ ବଢ଼ାଇ ପିଲାଟିକୁ କୋଳକୁ ନେଇ ଜାକି ଧରିଲେ । ତାଙ୍କ ଆଖିରୁ କେଜାଣି କାହିଁକି ଲୁହଧାର ବୋହିଗଲା । ସେ କହିଲେ, "କଅଣ କହିଲ; ଏ ପିଲାର ମାଆ ମରିଗଲା ?" ବୋଡ଼-ଲଅର ଉତ୍ତରକଲେ, "ହଁ, ଏହାର ମାଆ ମରିଗଲା । ତା ସଙ୍ଗେ

Digitized by srujanika@gmail.com

ଗଲି ସାତ ଆଠମାସ ହେଲା ମୁଁ ସବୁ ସମ୍ବନ୍ଧ ତୁଟାଇ ଦେଇଥିଲି । ସେ ଯେ ଗର୍ଭବତୀ ଥିଲା, ମୁଁ ଜାଣିନଥିଲି । ଡାକ୍ତର ଚିଠିରେ ମୋତେ ଡକାଇ ପଠାଇଥିଲେ । ମୋ ଆଖିଆଗରେ ତାର ପ୍ରାଣ ବାହାରିଗଲା ।"

ଲେନସ ଧୀର ସ୍ୱରରେ କହିଲେ, "ତୁମେ ବ୍ୟସ୍ତ ହେବାର କାରଣ ନାହିଁ । ଆମେ ଦୁହେଁ ଏ ପିଲାଟିକୁ ପାଳି ମଣିଷ କରିବା ।"

ବୋଡ଼୍ଲିଅରଙ୍କର ସବୁ ଚିନ୍ତା ଉଭେଇ ଗଲା ।

ପ୍ରତିହିଂସା

କଥା ପଡ଼ିଥିଲା ପ୍ରାଚୀନ ବିଷୟରେ । କିଏ କେତେ ମତ ପ୍ରକାଶ କରୁଥିଲେ । ଏହି ସମୟରେ ମି: ମାଲେର୍ଓ କହିବାକୁ ଆରମ୍ଭ କଲେ । ମାଲେରଓ ସହକାରୀ ଆଟର୍ଣ୍ଣି ଜେନେରାଲ ଥିଲେ । ତାଙ୍କର ପିତା ରାଜ ଦରବାରରେ ଗୋଟିଏ ଉଚ୍ଚ କାର୍ଯ୍ୟ କରୁଥିଲେ । ତେଣୁ ସେ ସହଜରେ ଗୋଟିଏ ଉଚ୍ଚ ସରକାରୀ ଚାକିରି ପାଇପାରି-ଥିଲେ । ସେ କହିବାକୁ ଲାଗିଲେ :—

"ଏଇ ପାଚୀନର ମୋକଦ୍ଦମା ଭଳି ଆଉ ଏକ ମୋକଦ୍ଦମା ବିଷୟ ମୁଁ ଜାଣେ । ଦୁଇଟିଯାକ ନାନାଦିଗରୁ ବିଚିତ୍ର ଓ ପ୍ରାୟ ଏକାପରି ।

ମୁଁ ସେତେବେଳକୁ ଗୋଟିଏ ପ୍ରାଦେଶିକ ସରକାରଙ୍କ ଅଧୀନରେ ସରକାରୀ ଓକିଲ ଥିଲି । କେନ୍ଦ୍ର ସରକାରରେ ମଧ୍ୟ ମୋର ଖାତିର ଥିଲା । ସେତେବେଳେ ମୋତେ ସରକାରଙ୍କ ପକ୍ଷରୁ

Digitized by srujanika@gmail.com

ଗୋଟିଏ ମୋକଦ୍ଦମା ଚଳାଇବାର ଭାର ନେବାକୁ ପଡ଼ିଥିଲା । ସେ ମୋକଦ୍ଦମାଟି 'ସ୍କୁଲମାଷ୍ଟର ମୋଇରନ ବ୍ୟାପାର' ନାମରେ ଚହଳ ପକାଇ ଦେଇଥିଲା ।

ମିଃ ମୋଇରନ ଥିଲେ ଫ୍ରାନ୍‌ସର ଉତ୍ତରାଞ୍ଚଳର ଜଣେ ସ୍କୁଲମାଷ୍ଟର । ଆଖପାଖ ଅଞ୍ଚଳରେ ତାଙ୍କର ଭାରି ସୁନାମ ଥିଲା । ସେ ବୁଦ୍ଧିମାନ୍, ଚିନ୍ତାଶୀଳ ଓ ଧାର୍ମିକ ଲୋକ ଥିଲେ । ସେ ଯେଉଁ ଅଞ୍ଚଳରେ ଶିକ୍ଷକତା କରୁଥିଲେ ସେହି ଅଞ୍ଚଳରେ ବିବାହ ମଧ୍ୟ କରିଥିଲେ । ଗୋଟିଏ ପରେ ଗୋଟିଏ ଲେଖାଏଁ ତାଙ୍କର ତିନୋଟି ସନ୍ତାନ ହୋଇଥିଲେ; କିନ୍ତୁ ଅଳ୍ପ ବୟସରେ ତିନୋଟିଯାକ ପିଲା ଗୋଟିକ ପରେ ଗୋଟିଏ ମରିପାଇଥିଲେ । ସମସ୍ତେ ଏକା ଫୁସ୍‌-ଫୁସ୍‌ର ଦୁର୍ବଳତା ରୋଗରେ ପ୍ରାଣ ହରାଇଥିଲେ । ନିଜର ସନ୍ତାନ-ମାନଙ୍କୁ ହରାଇବା ପରେ ମନେହୋଇଲା, ସତେ ଯେପରି କି ସେ ସ୍କୁଲର ପିଲାମାନଙ୍କ ଉପରେ ନିଜର ସନ୍ତାନ ସ୍ନେହ ଅଜାଡ଼ି ଦେଲେ । ନିଜର ସାମାନ୍ୟ ବେତନରୁ ଖେଳନାମାନ କିଣି ସେ ସ୍କୁଲର ବୁଦ୍ଧିମାନ ଓ ସୁଶୀଳ ଛାତ୍ରମାନଙ୍କ ମଧ୍ୟରେ ବାଣ୍ଟୁଥିଲେ । ମଝେ ମଝେ ସେମାନଙ୍କୁ ଭୋଜି ମଧ୍ୟ ଦେଉଥିଲେ । ଭୋଜିରେ ସୁନ୍ଦର ମିଠେଇ ଓ ପିଠା ଖାଇବାକୁ ଦିଆଯାଉଥିଲା । ମାଷ୍ଟରଙ୍କ କାର୍ଯ୍ୟରେ ସମସ୍ତେ ସନ୍ତୁଷ୍ଟ ହୋଇ ତାଙ୍କର ପ୍ରଶଂସା କରୁଥିଲେ । କିନ୍ତୁ ସ୍କୁଲରେ ପାଞ୍ଚୋଟି ପିଲା ଅଳ୍ପଦିନ ମଧ୍ୟରେ ମୃତ୍ୟୁମୁଖରେ ପଡ଼ିବାରୁ ' ସମସ୍ତେ ବିଶେଷ ଦୁଃଖିତ ହେଲେ । ମାଷ୍ଟରଙ୍କର ନିଜ ପିଲାତିନୋଟି ଯେଉଁ ରୋଗରେ ମରିଥିଲେ, ଏମାନଙ୍କୁ ଠିକ୍ ସେହି ରୋଗ ହୋଇଥିଲା । ଲୋକଙ୍କର ଧାରଣା ହେଲା ଯେ ପାଣିରେ କୌଣସି ରୋଗର ଜୀବାଣୁ ପ୍ରବେଶ କରିଥିବାରୁ ଏପ୍ରକାର ସଂକ୍ରାମକ ରୋଗ ହୋଇଅଛି । ସେମାନେ ରୋଗର ପ୍ରକୃତ କାରଣ ନ ବୁଝି କେବଳ ଲକ୍ଷଣ ଦେଖି

Digitized by srujanika@gmail.com

ଏପରି ଅନୁମାନ କରିଥିଲେ । ବାସ୍ତବରେ ରୋଗର ଲକ୍ଷଣ ଗୁଡ଼ିକ ଅଦ୍ଭୁତ ବୋଧ ହେଉଥିଲା । ପିଲାମାନଙ୍କର ପେଟରେ ଯନ୍ତ୍ରଣା ହେଉଥିଲା, ସେମାନେ କିଛି ଖାଇ ପାରୁନଥିଲେ ଓ ଶୁଖି ଶୁଖି ଯନ୍ତ୍ରଣାରେ ମରିଯାଉଥିଲେ । ଶେଷରେ ଯେଉଁ ପିଲାଟି ମରିଥିଲା, ତାହାର ଅନ୍ତ୍ର ଓ ପାକାଶୟ ପରୀକ୍ଷା କରାଗଲା; କିନ୍ତୁ ସେଥିରେ କୌଣସି ବିଷାକ୍ତ ଦ୍ରବ୍ୟ ବା ଜୀବାଣୁ ଦେଖାଗଲା ନାହିଁ ।

ଏହାପରେ ପ୍ରାୟ ବର୍ଷକ ପର୍ଯ୍ୟନ୍ତ ଏହି ରୋଗ ଦେଖାଗଲା ନାହିଁ । କିନ୍ତୁ ହଠାତ୍ ମୋଇରନଙ୍କର ଦୁଇଟି ଅତି ପ୍ରିୟ ଗ୍ରୁସ ଗ୍ରିଦନ ଛଡ଼ାରେ ସେହି ରୋଗରେ ମରିଗଲେ । ସରକାରଙ୍କ ପକ୍ଷରୁ ଏହି ଦୁଇପିଲାଙ୍କର ଅନ୍ତ୍ର ପରୀକ୍ଷା କରାଗଲା ଓ ପ୍ରତ୍ୟେକଙ୍କ ଅନ୍ତ୍ରରୁ କାଚଗୁଣ୍ଡ ବାହାରିଲା । ଏଥିରୁ ବିଶ୍ୱାସ ହେଲା ଯେ ସେମାନେ ଯେଉଁ ଖାଦ୍ୟ ଖାଇଥିଲେ, ସେଥିରେ କାଚଗୁଣ୍ଡ ମିଶି ଯାଇଥିଲା । ଖାଦ୍ୟ ତିଆରି କରିଥିବା ଲୋକର ଅସାବଧାନତାରୁ ଏହା ଘଟିଥିବ ।

ଏତିକରେ ଘଟଣାର ଅବସାନ ହୋଇଥାନ୍ତା; କିନ୍ତୁ ଏଥି-ମଧ୍ୟରେ ମୋଇରନଙ୍କ ଗୃହକର୍ତ୍ତ୍ରୀଠାରେ ଟିକ୍ ସେହି ସବୁ ଲକ୍ଷଣ ଦେଖାଗଲା । ସେ କଅଣ ଖାଇଥିଲା ବୋଲି ଡାକ୍ତର ପଚାରିବାରୁ ସେ କହିଲା—ମାଷ୍ଟର ମୋଇରନ ପିଲାମାନଙ୍କ ପାଇଁ କେତୋଟି ପିଠା କିଣି ରଖିଥିଲେ । ମୁଁ ସେଥିରୁ ଗୋଟିଏ ଲୁଚାଇ ଖାଇଦେଲା-ପରେ ଏପରି କଷ୍ଟ ହେଉଛି ।

ପୋଲିସ ଆସି ସ୍କୁଲ ଘର ଖାନତଲାସ କଲେ । ଘରର ଗୋଟିଏ କାନ୍ଥଆଲମାରୀ ଭିତରୁ କେତେକ ମିଠେଇ ବାହାରିଲା । ଏଗୁଡ଼ିକ ସାଧାରଣତଃ ପିଲାମାନଙ୍କର ଖାଦ୍ୟ । ସେଗୁଡ଼ିକ ପରୀକ୍ଷା କରାଯିବାରୁ ସେଥିରୁ କାଚଗୁଣ୍ଡ ଓ ସରୁ ଭଙ୍ଗା ଛୁଞ୍ଚୀ ବାହାରିଲା ।

Digitized by srujanika@gmail.com

ମୋଇରନଙ୍କୁ ଗିରଫ କରଗଲେ । ତାଙ୍କ ଉପରେ ସନ୍ଦେହ କରାଯାଇଥିବାରୁ ସେ ଘୋର ବରକ୍ତି ପ୍ରକାଶ କଲେ ଓ ଦୁଃଖରେ ଅଭିଭୂତ ହୋଇ ପଡ଼ଲେ । ମୋଇରନଙ୍କ ବିଷୟରେ ମୋର ଉଚ୍ଚ ଧାରଣା ଥିବାରୁ ତାଙ୍କର ଅପରାଧ ମୁଁ କଳ୍ପନା କରି ପାରିଲେ ନାହିଁ । ତାଙ୍କ ଭଳି ଜଣେ ସାଧୁ, ସତ୍ୟବାଦୀ, ସ୍ନେହବତ୍ସଳ ଶିକ୍ଷକ ଏପରି କାର୍ଯ୍ୟ କରନ୍ତେ କାହିଁକି ? ଏହା କରିବାରେ ତାଙ୍କର କି ସ୍ୱାର୍ଥ ଥାଇପାରେ ? କିନ୍ତୁ ତାଙ୍କ ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ଥିଲା ।

ମୋଇରନ ଜଣେ ସାଧୁ ଧାର୍ମିକ ଲୋକ । ପିଲାଙ୍କ ପ୍ରତି ତାଙ୍କର ଅପାର ସ୍ନେହ । ଯେଉଁ ପିଲାମାନଙ୍କୁ ସେ ସବୁଠାରୁ ବେଶି ଭଲ ପାଉଥିଲେ, ସେଇମାନଙ୍କୁ ସେ ମାରିବେ କାହିଁକି ? ତାଙ୍କୁ ବାଳକ-ହତ୍ୟା ଅପରାଧରେ ଅପରାଧୀ କହିବା ଯାହା, ତାଙ୍କୁ ପାଗଳ କହିବା ତାହା । କିନ୍ତୁ ତାଙ୍କର ସରଳ ବ୍ୟବହାର, ଯୁକ୍ତିଯୁକ୍ତ କଥାବାର୍ତ୍ତା, ବିଚାର ବୁଦ୍ଧି ଦେଖିଲେ ତାଙ୍କୁ କେହି ପାଗଳ ବୋଲି କହିବାର ଲେଶମାତ୍ର କାରଣ ନଥିଲା ।

ଯେଉଁ ଦୋକାନମାନଙ୍କରୁ ମୋଇରନ ଏହି ମିଠେଇ କିଣିଥିଲେ, ସେସବୁ ଖାନତଲାସ କରାଗଲା । ସେମାନଙ୍କର ଦୋକାନରୁ ମିଳିଥିବା ମିଠେଇସବୁ ବିଶେଷଜ୍ଞମାନଙ୍କ ଦ୍ୱାରା ପରୀକ୍ଷା କରାଗଲା । କିନ୍ତୁ କୌଣସିଥିରେ କାଚଗୁଣ୍ଡ ବା ଭଙ୍ଗା ଛୁଞ୍ଚି ଥିବାର ଦେଖାଗଲା ନାହିଁ ।

ମୋଇରନଙ୍କୁ ପଚାରିବାରୁ ସେ କହିଲେ—ମୋର କୌଣସି ଶତ୍ରୁ ମୋର ଅଜ୍ଞାତରେ କାନ୍ଥଆଲମାରି ଖୋଲି ମିଠେଇରେ କାଚଗୁଣ୍ଡ ଓ ଭଙ୍ଗା ଛୁଞ୍ଚି ପୂରାଇ ଦେଇଥିବ । ବିଶେଷତଃ ସେ ଜଣେ ଲୋକକୁ ସନ୍ଦେହ କରୁଥିବାର ପ୍ରକାଶ କଲେ ।

Digitized by srujanika@gmail.com

ମୋଇରନଙ୍କ ଉକ୍ତ ସମ୍ଭବପର ଓ ତାଙ୍କର ଏପରି ଘୃଣ କାର୍ଯ୍ୟ କରିବାର କୌଣସି କାରଣ ନଥିଲା । ତେଣୁ ତାଙ୍କୁ ମୁକ୍ତି ଦେବାର ପ୍ରାୟ ସ୍ଥିର ହୋଇଗଲା । କିନ୍ତୁ ଏହି ସମୟରେ ଆଉ ଦୁଇଟି ଅକାଟ୍ୟ ପ୍ରମାଣ ମିଳିଲା । ପ୍ରଥମଟି ହେଲା—ମାଷ୍ଟରଙ୍କ ଟେବୁଲର ଡ୍ରୟର ଭିତରୁ ଗୋଟିଏ ନାସଡବା ମିଳିଲା । ଏଥିରେ କାଚଗୁଣ୍ଡ ଭର୍ତ୍ତି ହୋଇଥିଲା । ଏହି ନାସଡବା ତାଙ୍କର ଓ ସେହି ଡ୍ରୟର ଭିତରେ ସେ ଟଙ୍କା ପଇସା ରଖୁଥିଲେ ।

ମାଷ୍ଟର କହିଲେ ଯେ କୌଣସି ଅଜଣା ଲୋକ କୌଶଳ କରି ଏହାକୁ ଆଣି ତାଙ୍କ ଡ୍ରୟର ଭିତରେ ରଖିଦେଇଛି । କିନ୍ତୁ ତାଙ୍କର ଏହି ଯୁକ୍ତି ବିଶ୍ୱାସଯୋଗ୍ୟ ବୋଧ ହେଲନାହିଁ ।

ଦ୍ୱିତୀୟ ପ୍ରମାଣ ହେଲା—

ଜଣେ ସ୍ଥାନୀୟ ଦୋକାନୀ ସାକ୍ଷ୍ୟଦେଲା ଯେ ମାଷ୍ଟରେ ତାହା ଦୋକାନରୁ ଅନେକ ଛୁଞ୍ଚି ବାଛି ବାଛି କିଣିନ୍ତି ଓ ସେଗୁଡ଼ିକୁ ଭାଙ୍ଗିବାର ସେ ଦେଖିଛି । ଦଶବାର ଜଣ ସାକ୍ଷୀ କହିଲେ ଯେ ମୋଇରନ ଛୁଞ୍ଚି କିଣି ଭାଙ୍ଗି ଟିକି ଟିକି କରିବାର ସେମାନେ ଦେଖିଅଛନ୍ତି । ଦୋକାନୀର ଜବାନବନ୍ଦୀ ସହିତ ଏମାନଙ୍କର ଜବାନବନ୍ଦୀ ଏକବାରେ ମିଳିଗଲା ।

ମାଷ୍ଟର କପଟ ପିଲାମାନଙ୍କୁ ପାଖରେ ବସାଇ ମିଠେଇ ଖୁଆଉଥିଲେ ଓ ଲୋକର କୌଣସି ସନ୍ଦେହ ରଖୁନଥିଲେ; କପଟ ପିଲାମାନେ ଯନ୍ତ୍ରଣା ଭୋଗୁଥିଲେ, ସେସବୁ ବର୍ଣ୍ଣନା କରିବା ଦରକାର ନାହିଁ । ମାଷ୍ଟର ମୋଇରନଙ୍କ ବିରୁଦ୍ଧରେ ଲୋକମତ ପ୍ରବଳ ହୋଇ ଉଠିଲା ।

ବିଚାରରେ ମୋଇରନଙ୍କର ପ୍ରାଣଦଣ୍ଡର ଆଦେଶ ହେଲା । ଅବଶ୍ୟ ସେ ଅପିଲକଲେ; ମାତ୍ର ଅପିଲରେ ମଧ୍ୟ ପ୍ରାଣଦଣ୍ଡ କାଏମ୍

Digitized by srujanika@gmail.com

ରହିଲା । ଏକମାତ୍ର ଆଶା ଥିଲା, ସମ୍ରାଟ୍ ପ୍ରାଣଦଣ୍ଡରୁ ମୁକ୍ତି ଦେଇ ପାରନ୍ତି, କିନ୍ତୁ ମୁଁ ତାହାଙ୍କଠାରୁ ବୁଝିଲି ଯେ ଜନମତ ଦୃଷ୍ଟିରୁ ସମ୍ରାଟ୍ ଏପରି ଅପରାଧୀକୁ କଦାପି କ୍ଷମା ଦେବେନାହିଁ ।

ଦିନେ ମୁଁ ଅଫିସରେ ବସି କାମ କରୁଥିବା ସମୟରେ ଜେଲଖାନାର ଧର୍ମଯାଜକ ଆସି ମୋ ପାଖରେ ଉପସ୍ଥିତ ହେଲେ । ସେ ଜଣେ ବୃଦ୍ଧ ଧାର୍ମିକ ଲୋକ । ମୋର ତାଙ୍କ ପ୍ରତି ଗଭୀର ଭକ୍ତି ଥିଲା । ଲୋକସାଧାରଣ ବିଶେଷତଃ ଅପରାଧୀମାନଙ୍କ ଚରିତ୍ର ବିଷୟରେ ତାଙ୍କର ଯେ ଯଥେଷ୍ଟ ଜ୍ଞାନ ଥିଲା, ଏଥିରେ ସନ୍ଦେହ ନାହିଁ । କିଛି ସମୟଯାଏ ମୋ ସହିତ ନାନା ବିଷୟରେ କଥାବାର୍ତ୍ତା ହେବାପରେ ସେ ହଠାତ୍ କହିଲେ, "ଯଦି ମୋଇରନଙ୍କର ପ୍ରାଣଦଣ୍ଡ ହୁଏ, ତୁମେ ଜଣେ ନିରୀହ ନିର୍ଦ୍ଦୋଷ ଲୋକର ହତ୍ୟାରେ ଭାଗୀ ହେବ ।"

ଏତିକ କହି ସେ ଚାଲିଗଲେ । ସେ ଯେପରି ଗମ୍ଭୀର ସ୍ୱରରେ ଦୃଢ଼ ଭାବରେ ଏହା କହିଲେ ସେଥିରୁ ମୋର ମନେ ହେଲା, ଧର୍ମଯାଜକଙ୍କ ପାଖରେ ମୋଇରନ ପାପ ସ୍ୱୀକାର ବେଳେ ଏପରି କିଛି କହିଛନ୍ତି, ଯହିଁରୁ ତାଙ୍କର ନିର୍ଦ୍ଦୋଷିତା ବିଷୟରେ ଧର୍ମଯାଜକଙ୍କର କିଛି ସନ୍ଦେହ ନାହିଁ; କିନ୍ତୁ କାହାର ସ୍ୱୀକାରୋକ୍ତି ପ୍ରକାଶ କରିବା ଧର୍ମଯାଜକଙ୍କ ପକ୍ଷରେ ନୀତିବିରୁଦ୍ଧ । ତେଣୁ ସେ କାରଣ ପ୍ରକାଶ ନକରି କେବଳ ମୋଇରନଙ୍କର ଜୀବନରକ୍ଷା କରିବାକୁ କହିଗଲେ ।

ମୁଁ ତତ୍‌କ୍ଷଣାତ୍ ପ୍ୟାରିସ ଯାଇ ପିତାଙ୍କ ସାହାଯ୍ୟରେ ସମ୍ରାଟ୍‌ଙ୍କ ସହିତ ସାକ୍ଷାତର ବ୍ୟବସ୍ଥା କଲି । ତତ୍ପରଦିନ ସମ୍ରାଟ୍ ତୃତୀୟ ନେପୋଲିଅନଙ୍କ ସହିତ ଦେଖା ମିଳିଲା । ମୁଁ ମୋଇରନସମ୍ପର୍କୀୟ ସମସ୍ତ ଘଟନା ଜଣାଇଲି । କାରାଗାରର ଗୃହପାଳଙ୍କ ମତ ମଧ୍ୟ

Digitized by srujanika@gmail.com

ପ୍ରକାଶ କଲି । ମୁଁ ଏହା ବର୍ଣ୍ଣନା କରୁଥିବା ସମୟରେ ସ୍ୱୟଂ ସାମ୍ରାଜ୍ଞୀ ଜୋଟିଏ ପଛଦ୍ୱାରବାଟେ ଆସି ସମ୍ରାଟଙ୍କ ନିକଟରେ ଉପସ୍ଥିତ ହେଲେ । ସେ ବୋଧହୁଏ ମୋର ଅବସ୍ଥିତି ବିଷୟ ଜାଣିନଥିଲେ । ସମ୍ରାଟ୍ ଉପସ୍ଥିତ ଘଟଣା ସମ୍ପର୍କରେ ସାମ୍ରାଜ୍ଞୀଙ୍କର ପରାମର୍ଶ ଲୋଡ଼ିଲେ । ସମସ୍ତ ବିଷୟ ଶୁଣି ସାମ୍ରାଜ୍ଞୀ କହିଲେ, "ଲୋକଟି ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ତାଙ୍କୁ ନିଶ୍ଚୟ କ୍ଷମା ଦେବାକୁ ହେବ ।"

ସାମ୍ରାଜ୍ଞୀ ଜଣେ ଧର୍ମପରାୟଣ ମହିଳା । ତାଙ୍କର କପରି ଦୃଢ଼ ବିଶ୍ୱାସ ହେଲା ଯେ ଲୋକଟି ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ? ମୋ ମନରେ ସନ୍ଦେହ ଜାତ ହେଲା ।

ସେତେବେଳ ପର୍ଯ୍ୟନ୍ତ ମୁଁ ଲୋକଟିର ଦଣ୍ଡାଦେଶକୁ ଲଘୁ କରାଇବା ପାଇଁ ଆନ୍ତରିକ ଚେଷ୍ଟା କରୁଥିଲି । ଏବେ ମୋର ଧାରଣା ହେଲା ଯେ ମୋତେ ପ୍ରତାରଣା କରିବା ପାଇଁ ଧର୍ମଯାଜକଙ୍କୁ କେହି ନିଯୁକ୍ତ କରିଥିଲା ।

ଲୋକଟିକୁ ମୃତ୍ୟୁଦଣ୍ଡରୁ ଅବ୍ୟାହତି ଦେବା ବିଷୟରେ ମୁଁ ଦୃଢ଼ ମତ ବ୍ୟକ୍ତ କଲିନାହିଁ । ସମ୍ରାଟ୍ ଦ୍ୱନ୍ଦ୍ୱରେ ପଡ଼ିଲେ । ସେ ଖୁବ୍ ଦୟାଳୁ ଲୋକ, କିନ୍ତୁ ପ୍ରତାରିତ ହୋଇ ଜଣେ ଅପରାଧୀକୁ ମୁକ୍ତି ଦେବାକୁ ତାଙ୍କର ବିବେକ ବାଧା ଦେଉଥିଲା । ଏଣେ ସାମ୍ରାଜ୍ଞୀଙ୍କର ଧାରଣା, ଧର୍ମଯାଜକ ଯାହା କହିଛନ୍ତି, ତାହା ଈଶ୍ୱରଙ୍କର ଆଦେଶ; ତେଣୁ ତାହା ଅବଶ୍ୟ କର୍ତ୍ତବ୍ୟ । ସମ୍ରାଟ୍‌ଙ୍କର ଦ୍ୱିଧା ଦେଖି ସେ ପୁନରାୟ କହିଲେ, "ଏଥିରେ ଭାବିବାର କିଛି ନାହିଁ । ମାତ୍ର ଶାସ୍ତ୍ର କହୁଛି, ଦଶଜଣ ଦୋଷୀ ଲୋକ ଦଣ୍ଡିତ ନ ହୁଅନ୍ତୁ ପଛକେ, ଜଣେ ନିର୍ଦ୍ଦୋଷ ଲୋକକୁ ଦଣ୍ଡଦେବା ମହାପାପ ।" ଏହାପରେ ଆଉ ଯୁକ୍ତିର ପ୍ରଶ୍ନ ଉଠି ନପାରେ । ସମ୍ରାଟ

Digitized by srujanika@gmail.com

ମୋଇରନଙ୍କର ମୃତ୍ୟୁଦଣ୍ଡ ପରିବର୍ତ୍ତେ ସଶ୍ରମ କାରାଦଣ୍ଡ ଆଦେଶ ଦେଲେ ।

କେତେକ ବର୍ଷପରେ ମୁଁ ଶୁଣିବାକୁ ପାଇଲି, ମୋଇରନଙ୍କର ଆଚରଣରେ ଜେଲ୍‌ର କର୍ତ୍ତୃପକ୍ଷ ଅତ୍ୟନ୍ତ ସନ୍ତୁଷ୍ଟ । ତେଣୁ ତାଙ୍କୁ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କର ଗୃହକର୍ମରେ ନିଯୁକ୍ତ କରାଯାଇଅଛି ଓ ତାଙ୍କ ପରି ଉଚ୍ଚକୋଟୀର ବୋଲି ସମ୍ରାଟଙ୍କୁ ଜଣାଇ ଦିଆଯାଇଅଛି । ଏହାପରେ ତାଙ୍କ ବିଷୟରେ ଅନେକ ଦିନ ପର୍ଯ୍ୟନ୍ତ ମୁଁ କିଛି ସମ୍ବାଦ ପାଇନଥିଲି ।

ଏହି ଘଟନାର ପ୍ରାୟ ଦୁଇବର୍ଷପରେ ଥରେ ମୁଁ ଟୁଲୁନ ଯାଇ ସେଠାରେ ମୋର ଜଣେ ଦୂରସମ୍ପର୍କୀୟ ଭାଇଙ୍କ ଘରେ କିଛି ଦିନ ପାଇଁ ରହିଥିଲି । ଦିନେ ସନ୍ଧ୍ୟାବେଳେ ଜଣେ ଯୁବକ ଧର୍ମଯାଜକ ମୋ ସହିତ ଦେଖା କରିବାକୁ ଆସିଲେ । ସେ କହିଲେ, "ଜଣେ ଲୋକ ମୃତ୍ୟୁ ଶଯ୍ୟାରେ ପଡ଼ିଛି । ତାର ଶେଷ ଇଚ୍ଛା, ସେ ଆପଣଙ୍କୁ କିଛି କହିବାକୁ ଇଚ୍ଛା କରେ; ମୋ ସଙ୍ଗେ ଆସନ୍ତୁ ।"

ଏଥିରେ ମୁଁ ବିସ୍ମିତ ହୋଇ ନଥିଲି । ଜଣେ ସରକାରୀ ଉକିଲ ଓ ବିଚାରକ ଭାବରେ ମୁଁ ଅନେକ ଲୋକଙ୍କ ସମ୍ପର୍କରେ ଆସିଥିଲି । ମୃତ୍ୟୁ ସମ୍ମୁଖରେ କେହି କେହି ସେମାନଙ୍କର ଶେଷ କଥା କହିଥାନ୍ତି । ତେଣୁ ମୁଁ ସେହି ଧର୍ମଯାଜକଙ୍କ ସଙ୍ଗେ ଗଲି ।

ଗୋଟିଏ ଭଙ୍ଗା ଘରର ମେଜ ଆରେ କେତେକ ନଡ଼ା ଉପରେ ମୁମୂର୍ଷୁ ଲୋକଟି ପଡ଼ିଥିଲା । ମୁଁ ଯାଇଥିବାର ଜାଣିପାରି ବଡ଼ କଷ୍ଟରେ ସେ କାନ୍ଥକୁ ଆଉଜି ବସିଲା । ତାର ଘନ ଘନ ନିଃଶ୍ୱାସ ବହୁଥାଏ । ଦେଖିଲି, ଲୋକଟିର ଦେହରେ ହାଡ଼ ଓ ଚମଛଡ଼ା ଆଉ କିଛି ନାହିଁ । ଚକ୍ଷୁ କୋଟରଗତ ହେଲେ ହେଁ ଉଜ୍ଜ୍ୱଳ ଦିଶୁଥିଲା ।

Digitized by srujanika@gmail.com

ସେ ମୋତେ ଗୃହିଁ ପଚାରିଲା, "ମୋତେ ଚିହ୍ନି ପାରୁଛନ୍ତି ?"

ମୁଁ ଉତ୍ତର କଲି, "ନା ।"

ସେ କହିଲା, "ମୁଁ ହେଉଛି ମୋଇରନ ।"

ମୁଁ ଚମକପଡ଼ ପଚାରିଲି, "ସ୍କୁଲମାଷ୍ଟର ମୋଇରନ ?"

ଉତ୍ତର ମିଳିଲା, "ହଁ, ମୁଁ ସେଇ ମୋଇରନ ।"

ମୁଁ ପଚାରିଲି, "ତୁମେ କପରି ଏଠାକୁ ଆସିଲ ?"

ସେ କହିବାକୁ ଲାଗିଲା—

ସେ ଅନେକ କଥା । ସବୁ କହିବାକୁ ସମୟ ନାହିଁ; ମୋର ମରଣ ଅତି ନିକଟ । ଆପଣ ଏଠାରେ ଥିବାର ଶୁଣି ଆପଣଙ୍କୁ ଡକାଇଛି । ଆପଣ ମୋର ଜୀବନ ଥରେ ରକ୍ଷା କରିଥିଲେ । ତେଣୁ ଆପଣଙ୍କ ଆଗେ ସତ୍ୟକଥା କହି ପାପ ସ୍ୱୀକାର କରିଯିବି । ମୋତେ ଆଉ ପ୍ରଚୁର ଉକବ ଆସିଲାଣି । ଆପଣ ମୋର ଜୀବନ ରକ୍ଷା କରିଥିଲେ; ତେଣୁ ଆପଣଙ୍କୁ ହିଁ ସତ୍ୟକଥା କହିଯିବା ମୋର କର୍ତ୍ତବ୍ୟ ।

ଯେଉଁ ପିଲାମାନଙ୍କର ମୃତ୍ୟୁପାଇଁ ମୋର ପ୍ରାଣଦଣ୍ଡର ଆଦେଶ ହୋଇଥିଲା, ସେମାନଙ୍କର ପ୍ରକୃତ ହତ୍ୟାକାରୀ ହେଉଛି ମୁଁ । ପ୍ରତିହିଂସା ନେବାପାଇଁ ମୁଁ ସେମାନଙ୍କୁ ହତ୍ୟା କରିଥିଲି । ଭାବୁଥିବେ, ପିଲାଗୁଡ଼ାଙ୍କ ଉପରେ ପ୍ରତିହିଂସା କାହିଁକି ? ନା, ପିଲାଙ୍କ ଉପରେ ନୁହେଁ; ସେମାନେ ମୋର କିଛି ଅନିଷ୍ଟ କରି ନଥିଲେ ।

ଶୁଣନ୍ତୁ । ମୁଁ ଖୁବ୍ ସତ୍ ଲୋକ ଥିଲି । କାହାରି ପ୍ରତି ଅନ୍ୟାୟ କରି ନଥିଲି । କାହାରିକୁ ଠକି ନଥିଲି; ମିଥ୍ୟା କହି ନଥିଲି । ଈଶ୍ୱରଙ୍କୁ ଭକ୍ତି କରୁଥିଲି । ହଁ, ଯେଉଁ ଈଶ୍ୱର ସମସ୍ତଙ୍କୁ ପ୍ରେମ କରିବାକୁ ଶିକ୍ଷା ଦଅନ୍ତି, ତାଙ୍କୁ ଭକ୍ତି କରୁଥିଲି, ଆଉ ଯେଉଁ

Digitized by srujanika@gmail.com

ଈଶ୍ୱର ନରହନ୍ତା, ଡକାଏତ ହୋଇ ପୃଥିବୀକୁ ଶାସନ କରନ୍ତି ସେ ଈଶ୍ୱରଙ୍କୁ ଭକ୍ତି କରୁ ନଥିଲି । ଜୀବନରେ କୌଣସି ଅନ୍ୟାୟ କାର୍ଯ୍ୟ କରି ନଥିଲି । ମୋର ଜୀବନ ଥିଲା ପବିତ୍ର, ନିଷ୍କଳଙ୍କ ।

ମୁଁ ବିବାହ କଲି; ମୋର ସନ୍ତାନସନ୍ତତି ହେଲେ । ମୁଁ ସେମାନଙ୍କୁ ପ୍ରାଣ ଦେଇ ଭଲ ପାଉଥିଲି । ଅନ୍ୟ କେହି ତାର ସନ୍ତାନମାନଙ୍କୁ ମୋଠାରୁ ଅଧିକ ଭଲ ପାଉ ନଥିବ । ସେଇମାନଙ୍କ ପାଇଁ ମୁଁ ବଞ୍ଚିଥିଲି । କିନ୍ତୁ ଏଇ ଭଲ ପାଇବାଟା ଥିଲା ମୋର ନିର୍ବୋଧତା । ତିନୋଟିଯାକ ପିଲା ଗୋଟିକ ପରେ ଗୋଟିଏ ମରିଗଲେ । କାହିଁକି ମରିଗଲେ ? କହ ଦେଖି, କାହିଁକି ? ମୁଁ କି ଅପରାଧ କରିଥିଲି ଯେ ମୋର ସନ୍ତାନମାନେ ମଲେ ?

ମୋ ମନରେ ଭୀଷଣ ପରିବର୍ତ୍ତନ ଆସିଗଲା । ମୁଁ ଗୋଟାଏ ନୂଆ ସତ୍ୟ ପାଇଲି । ମୋର ବିଶ୍ୱାସ ହେଲା, ଈଶ୍ୱର ହେଉଛନ୍ତି ଦୁଷ୍ଟପ୍ରକୃତିକ; ତା ନୋହିଥିଲେ ସେ ମୋର ପିଲାମାନଙ୍କର ପ୍ରାଣ ନେଇଥାନ୍ତେ କାହିଁକି ? ଈଶ୍ୱର ନରହତ୍ୟା କରି ଆନନ୍ଦ ପାଆନ୍ତି । ଆପଣ ବିଶ୍ୱାସ କରନ୍ତୁ, ଈଶ୍ୱରଙ୍କର ପ୍ରିୟ କାର୍ଯ୍ୟ ହେଉଛି ନରହତ୍ୟା । ଧ୍ୱଂସ କରିବାପାଇଁ ଈଶ୍ୱର ଅଛନ୍ତି । ଈଶ୍ୱର ହେଉଛନ୍ତି ନରହନ୍ତା । ପ୍ରତ୍ୟହ କେତେଗୁଡ଼ିଏ ପ୍ରାଣୀଙ୍କୁ ବଧ କରିବା ତାଙ୍କର ଦରକାର । ନାନା ଉପାୟରେ ସେ ବଧ କରନ୍ତି । ସେଇଥିପାଇଁ ସେ ରୋଗ, ଦୁର୍ଘଟଣା ପ୍ରଭୃତି ସୃଷ୍ଟି କରିଛନ୍ତି । ଏଇଥିରେ ତାଙ୍କର ଆନନ୍ଦ । ଦିନ, ମାସ, ବର୍ଷ ଧରି ସେ ଏହି ହତ୍ୟାରେ ଲାଗିଛନ୍ତି । ଗୋଟିଏ ପ୍ରକାର ନରହତ୍ୟାରେ କ୍ଳାନ୍ତି ଆସିଲେ ସେ ଅନ୍ୟ ଉପାୟ ବାହାର କରନ୍ତି —ମହାମାରୀ, ହଇଜା, ବସନ୍ତ ପ୍ରଭୃତି ତାଙ୍କର ସୃଷ୍ଟି । ଈଶ୍ୱର ବୋଲି ଯେଉଁ ରାକ୍ଷସ, ସେ ଯେତେ ନରବଧର ଉପାୟ ବାହାର କରିଛି, ତାର କଳନା ନାହିଁ । ବେଳେବେଳେ ସେ

Digitized by srujanika@gmail.com

ପୃଥିବୀକୁ ଯୁଦ୍ଧ ପଠାଇ ଦେଉଛୁ । ଘଣ୍ଟାକ ମଧ୍ୟରେ ସହସ୍ର ସହସ୍ର ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଉଅଛନ୍ତି; କାହାର ହାତଗୋଡ଼ କଟି-ଯାଉଛି, ଦେହ ରକ୍ତରେ ଭାସୁଛି; କାହାର ମୁଣ୍ଡ ଗୁଣ୍ଡ ହୋଇ-ଯାଉଛି ।

କେବଳ ଏତିକ ନୁହେ; ସେ ଈଶ୍ୱର ମନୁଷ୍ୟ ସୃଷ୍ଟି କରିଛି । ମନୁଷ୍ୟମାନେ ପରସ୍ପରକୁ ଖାଇବାରେ ଲଗିଛନ୍ତି । ସଂସାରେ ମନୁଷ୍ୟ ଈଶ୍ୱରକୁ ବଳଯାଉଛନ୍ତି । ଈଶ୍ୱର ପଶୁ ସୃଷ୍ଟି କରିଛି । ମନୁଷ୍ୟ ନାନା ଉପାୟରେ ତାକୁ ମାରି ଖାଉଛି । ସେଇ ଈଶ୍ୱର ସୃଷ୍ଟି କରିଛି, ମଶା, ମାଛି, ପିମ୍ପୁଡ଼ି, ଜନ୍ତା ଇତ୍ୟାଦି । ଏମାନେ ଲକ୍ଷଲକ୍ଷ କୋଟି କୋଟି ସଂଖ୍ୟାରେ ଜନ୍ମୁଛନ୍ତି; ପ୍ରତିଦିନ କେତେ ମରୁଛନ୍ତି, ତାର ହିସାବ ନାହିଁ । ଘଣ୍ଟାକ ମଧ୍ୟରେ ଗୋଟାଏ ଗୋଟାଏ ପ୍ରାଣୀ କୋଟି କୋଟି ପ୍ରାଣୀଙ୍କୁ ଜନ୍ମ ଦେଉଛି; ପୁଣି ଘଣ୍ଟାକ ମଧ୍ୟରେ ସେମାନେ ଧ୍ୱଂସ ହୋଇଯାଉଛନ୍ତି । ସମସ୍ତେ ପରସ୍ପରକୁ ମାରି ଗିଳିବାରେ ଲଗିଛନ୍ତି । ଈଶ୍ୱର ଏହି ଧ୍ୱଂସଲୀଳା ଦେଖି ଆନନ୍ଦରେ ବିଭୋର । ଯାକୁ ଈଶ୍ୱର କହିବ ନା ପଶୁ କହିବ ?

ସମସ୍ତେ ବଧ କରିବାରେ ଲଗିଛନ୍ତି । ମୁଁ ମଧ୍ୟ କେତୋଟି ପିଲଙ୍କୁ ବଧ କରିଛି । ମୁଁ ସେଇ ଈଶ୍ୱରର କାମ କରିଛି । ସେମାନଙ୍କୁ ସେ ଈଶ୍ୱର ମାରିନାହିଁ, ମୁଁ ମାରିଛି । ମୁଁ ଆହୁରି କେତେ ପିଲଙ୍କୁ ମାରିଥାନ୍ତି; କିନ୍ତୁ ଆପଣମାନେ ମୋତେ ଗିରଫ କରିନେଲେ ।

ମୁଁ ପ୍ରାଣଦଣ୍ଡ ଆଦେଶ ପାଇଥିଲି । ମୁଁ ଫାଶୀଖୁଣ୍ଟରେ ଝୁଲି ମରିଥାନ୍ତି । ମୋର ମରଣ ଦେଖି ସେ ଈଶ୍ୱର ଆନନ୍ଦରେ ହସି-ଥାନ୍ତା । ମୁଁ ତାକୁ ସେ ସୁଯୋଗ ଦେଲି ନାହିଁ । ପାପ ସ୍ୱୀକାର

Digitized by srujanika@gmail.com

କରିବା ବାହାନାରେ ଜଣେ ଧର୍ମଯାଜକଙ୍କୁ ଡକାଇଲି । ତାଙ୍କ ଆଗରେ ମୁଁ ମିଥ୍ୟା କହିଲି । ମୋର ଜୀବନ ରହିଗଲା ।

ଏବେ ଦେଖୁଛି, ମୋର ଜୀବନ ସରିଆସିଲାଣି । ସେ ଈଶ୍ୱରଙ୍କଠାରୁ ଖସିଯିବାର ଉପାୟ ଦେଖାଯାଉନାହିଁ । କିନ୍ତୁ ସେଥିପାଇଁ ମୁଁ ତାଙ୍କୁ ଭୟ କରୁନାହିଁ । ମୁଁ ତାଙ୍କୁ ଭଲକରି ଚିହ୍ନି ସାରିଛି । ତାଙ୍କୁ ଡରିବି କାହିଁକି ?

ମୋଇରନର ଶ୍ୱାସ କଷ୍ଟ ହେଉଥିଲା । କଥା କହିଲାବେଳେ ମଝିରେ ମଝିରେ କାଶୁଥିଲା । ସେ ଦୁଇ ହାତ ବଢ଼ାଇ ସତେ ଅବା ନିଜକୁ ରକ୍ଷା କରିବାପାଇଁ ଗୋଟାଏ କିଛି ଆଶ୍ରୟ ଖୋଜୁଥିଲା ।

ମୁଁ ପଚାରିଲି, "ମୋଇରନ, ଆଉ କିଛି କହିବାକୁ ଅଛି ?"

ଉତ୍ତର ମିଳିଲା, "ନା, ମହାଶୟ !"

ମୁଁ ବିଦାୟ ନେଇ ବାହାରିଲି । ଏହି ସମୟରେ କାନ୍ଥ ଉପରେ ଧର୍ମଯାଜକଙ୍କର ଛାୟା ପଡ଼ିଲା । ମୁଁ ତାଙ୍କୁ ପଚାରିଲି, "ଆପଣ ଏହା ପାଖରେ ରହିବେ ?"

ଧର୍ମଯାଜକ ଉତ୍ତର କଲେ, "ହଁ, ନିଶ୍ଚୟ ରହିବି ।"

ମୋଇରନ ବିଦ୍ରୂପ କରି କହିଲା, "ହଁ, ସେ ନ ରହିଲେ ହେବ କିପରି ? ମଡ଼ା ପାଖକୁ କୁଆ ପଠାଇବା ତାଙ୍କର କାମ ।"

ମୁଁ ଯାହା ଦେଖିଲି ଓ ଶୁଣିଲି ତାହା ମୋ ପକ୍ଷରେ ଯଥେଷ୍ଟ ହୋଇଥିଲା । ମୁଁ କବାଟ ଖୋଲି ବାହାରକୁ ଚାଲି ଆସିଲି ।

Digitized by srujanika@gmail.com

ଜଣେ ରେଳଯାତ୍ରୀର ବିବରଣ

ସମୟ ସନ୍ଧ୍ୟା ସାତଟା । ଗାର୍ଡ଼ଙ୍କ ହୁଇସିଲ୍ ବାଜିବା ସଙ୍ଗେ ଗାଡ଼ି ଛାଡ଼ିଲା । ଘଡ଼୍ ଘଡ଼୍ ଧକ୍ ଧକ୍ ଶବ୍ଦ କରି ଗାଡ଼ି ଲୁହା ଧାରଣା ଉପରେ ଚାଲିଲା । ରାତିର ଅନ୍ଧକାର ଭିତରେ ଧୂଆଁ ଗୁଡ଼, ଘର, ଗଛ, ଲତା ପ୍ରଭୃତିରେ ନାଲି ଆଲୁଅ ପକାଇ, ବଣ, ପ୍ରାନ୍ତର ଅତିକ୍ରମ କରି ଗାଡ଼ି ଚାଲିଲା ।

କୋଠରି ଭିତରେ ଆମେ ଛଅଜଣ ଯାତ୍ରୀ ଥାଉଁ । ମୁଣ୍ଡ ଉପରକୁ ଆଲୁଅଟି ଜଳେ ଦୁଇଟି ବେଞ୍ଚରେ ତିନିଜଣ ଲେଖାଏଁ ବସିଥାଉଁ । ଆମ ସାମନା ବେଞ୍ଚରେ ଥିଲେ ଜଣେ ପୁରୁଷ ଓ ଜଣେ ସ୍ତ୍ରୀ । ଉଭୟେ ବେଶ୍ ସୁସ୍ଥ ସବଳ; ବୟସ ମଧ୍ୟ ବେଶି । ବେଞ୍ଚର ଗୋଟାଏ ପ୍ରାନ୍ତରେ ବସିଥିଲା ଜଣେ କୁଜା ଲୋକ । ମୋ ପାଖକୁ ଲାଗି ଜଣେ ଯୁବକ ଓ ଜଣେ ଯୁବତୀ ବସିଥିଲେ । ଏ ଦୁହେଁ ବିବାହିତ ଦମ୍ପତି କି ପ୍ରେମିକ ପ୍ରେମିକା ତାହା ଜଣାପାଉ ନଥିଲା । ଯୁବତୀଟି ଖୁବ୍ ସୁନ୍ଦରୀ ଓ ଲଜ୍ଜାଶୀଳା । ତାଙ୍କ ଦେହରୁ ଉତ୍କଟ ଅତର ଗନ୍ଧ ଆସୁଥିଲା । ଏ କି ଅତର ଠିକ୍ କହିପାରିବି ନାହିଁ; କିନ୍ତୁ ଏ ଗନ୍ଧ ସମ୍ଭବତ ମୁଁ ଆଗରୁ ପରିଚିତ । ବୋଧହୁଏ ଏହାର ନାମ ଇଉଡିକୋଲନ ।

ମୋର ଠିକ୍ ସାମନାରେ ବସିଥିବା ସ୍ଥୂଳାଙ୍ଗୀ ସ୍ତ୍ରୀଲୋକଟି ମୋ ଆଡ଼କୁ ଚାହିଁଲା । ସେ ଦୃଷ୍ଟିରେ ମୋ ପ୍ରତି ତାର ବିରକ୍ତି ପ୍ରକାଶ ପାଉଥିଲା । ତାଙ୍କ ପାଖରେ ବସିଥିବା ପ୍ରୌଢ଼ ଲୋକଟି ଆଖି ବୁଜିଦେଲେ । କୁଜା ଲୋକ ଜଣକ ମୁଣ୍ଡକୁ ଅଣ୍ଟୁ ପାଖରେ ଲଗାଇ ବେଞ୍ଚ ଉପରେ ଗୋଟିଏ ପେଣ୍ଡୁଲା ପରି ଶୋଇ ପଡ଼ିଥିଲା । ତାର

Digitized by srujanika@gmail.com

ଗୋଡ଼ ଆଦୌ ଦେଖଯାଉ ନଥିଲା । କେବଳ ଟୋପିତଳକୁ ତାର ଉଜ୍ଜ୍ୱଳ ଆଖି ଯୋଡ଼ିକ ଦିଶୁଥିଲା । କିଛି ସମୟ ପରେ ସେ ଶାଲଟିଏ ଘୋଡ଼ ହୋଇ ପଡ଼ିଲା । ତାକୁ ଦେଖିଲେ ମନେହେବ, ଏଠାରେ ଗୋଟାଏ ବୁକୁଜା ରଖାଯାଇଛି ।

ଏଥିମଧ୍ୟରେ ସମସ୍ତେ ଶୋଇ ପଡ଼ିଲେ; କେବଳ ପ୍ରୌଢ଼ା ସ୍ତ୍ରୀଲୋକଟି ଗୁହ୍ନି ବସିଛନ୍ତି । ଜଣେ ଜଗୁଆଳ ପରି କୋଠରିଟିରେ ଶାନ୍ତି ଶୃଙ୍ଖଳା ଓ ନୈତିକତାକୁ ଜଗି ରହିଛନ୍ତି ।

ଯୁବକ ଓ ଯୁବତୀଙ୍କର ପାଦଗୁଡ଼ିକ ଉପରେ ଶାଲଟିଏ ପଡ଼ିଛି । ଦୁହେଁ ଚେଇଁଛନ୍ତି; କିନ୍ତୁ ଦୁହିଁଙ୍କ ଭିତରେ କିଛି କଥାବାର୍ତ୍ତା ନାହିଁ । ମୁଁ ମଧ୍ୟ ଶୋଇବାର ଛଳନା କରି ସମସ୍ତଙ୍କୁ ଲକ୍ଷ୍ୟ କଲି ।

ରାତି ନଅଟା ହେଲା । ପ୍ରୌଢ଼ା ଆଉ ଜଗି ବସି ପାରିଲେ ନାହିଁ । ତାଙ୍କ ଆଖି ବୁଜି ହୋଇ ଆସିଲା; ମୁଣ୍ଡ ତଳକୁ ନଇଁଆସିଲା । ତଥାପି ସେ ମଝିରେ ମଝିରେ ଉଠି ପଡ଼ୁଥାନ୍ତି । କିଛି ସମୟ ପରେ ସେ ଏକବାରେ ଶୋଇ ପଡ଼ିଲେ ।

ନିଦ୍ରାଦେବୀଙ୍କର ଅଦ୍ଭୁତ ପ୍ରଭାବ ! ତାଙ୍କର ଆବିର୍ଭାବରେ ମନୁଷ୍ୟର କୁତ୍ସିତ ରୂପଟି ପ୍ରକଟିତ ହୋଇଯାଏ । ମନୁଷ୍ୟର ଯେତେ ଦୁର୍ବଳତା, ଯେତେ କଦାଚାର, ଯେତେ କୁତ୍ସିତ ରୂପ ଥାଏ, ସେସବୁ ନିଦ୍ରାଦେବୀ ପଦାରେ ପକାଇ ଦିଅନ୍ତି ।

ମୁଁ ଉଠି ଆଲୁଅ ଉପରର ନେଳୀ ଢାଙ୍କୁଣୀଙ୍କୁ ବୁଲାଇ-ଦେଲି । କୋଠରିର ରଙ୍ଗ ବଦଳିଗଲା । ମୁଁ ନିଜ ଜାଗାରେ ଶୋଇ ପଡ଼ିଲି ।

ଗାଡ଼ି କୌଣସି ଷ୍ଟେସନରେ ରହିଲାକ୍ଷଣି ମୋର ନିଦ ଭାଙ୍ଗି ଯାଉଥିଲା । ରେଳର ଜଣେ କର୍ମଚାରୀ ଷ୍ଟେସନର ନାମ ବଡ଼ପାଟିରେ ଡାକୁଥିଲେ । ମିନିଟିଏ ଦୁଇ ମିନିଟ ପରେ ପୁଣି ଗାଡ଼ି ଚାଲୁଥିଲା ।

Digitized by srujanika@gmail.com

ଘାଦାଳିଆ ହୋଇ ଆସିଲି । ଗାଡ଼ି ଟ୍ରେନ ନଦୀର ଧାରେ ଧାରେ ଚାଲିଥାଏ । କୋଠରି ଭିତରେ ସମସ୍ତେ ଶୋଇପଡ଼ିଛନ୍ତି । ଯୁବକ ଓ ଯୁବତୀ ପରସ୍ପରକୁ ଆଲିଙ୍ଗନ କରି ଶୋଇଛନ୍ତି । ଯୁବତୀର ଗୋଟିଏ ପାଦ ଶାଲ ଭିତରୁ ବାହାରି ପଡ଼ିଛି । ତାର ପାଦରେ ଧଳା ମୋଜା । ଏଥିରେ କିଛି ବିଶେଷତ୍ୱ ନାହିଁ । ଏ ଅଞ୍ଚଳର ସ୍ତ୍ରୀଲୋକେ ସାଧାରଣତଃ ଧଳା ମୋଜା ବ୍ୟବହାର କରନ୍ତି ।

କୋଠରିର ପବନ ରୁଦ୍ଧ ହୋଇ ରହିଥିବାରୁ ମୁଁ ଗୋଟିଏ ଝରକା ଖୋଲିଦେଲି । ଥଣ୍ଡା ପବନ କୋଠରି ଭିତରକୁ ପଶି ଆସିବାରୁ ସମସ୍ତେ ଉଠିପଡ଼ିଲେ; କେବଳ କୁଜା ଲୋକଟି ପୂର୍ବପରି ଶୋଇ ରହି ଘୁଙ୍ଗୁଡ଼ି ମାରୁଥିଲା ।

ଦିନର ଆଲୁଅରେ ଯାତ୍ରୀମାନଙ୍କ କଦାକାର ମୁଖ ଆହୁରି ସ୍ପଷ୍ଟ ଦେଖାଗଲା । ମୋ ସମ୍ମୁଖରେ ବସିଥିବା ସ୍ଥୂଳାଙ୍ଗୀ ପ୍ରୌଢ଼ା ସବୁଠାରୁ କଦର୍ଯ୍ୟ ଦିଶୁଥିଲେ । ତାଙ୍କର ମୁହଁ ଲାଲ ପଡ଼ିଯାଇଥିଲା; ମଥାର କେଶ ଅସଂଯତ । ସେ ସମସ୍ତଙ୍କ ଆଡ଼କୁ ଅବଜ୍ଞା ସହକାରେ ଚାହିଁଲେ । କିନ୍ତୁ ଯୁବତୀ ଈଷତ୍ ହାସ୍ୟ ପ୍ରକାଶ କରି ତାଙ୍କ ସହଚରଙ୍କୁ ଚାହିଁଲେ । ମୋର ଅନୁମାନ ସେ ବିବାହିତା । ଅବିବାହିତା ହୋଇଥିଲେ ସେ ପ୍ରଥମେ ଯୁବକଙ୍କୁ ନ ଚାହିଁ ଦର୍ପଣରେ ନିଜ ମୁହଁକୁ ଚାହିଁଥାନ୍ତେ ।

ଆମେ ମର୍ସିଲେସରେ ପହଞ୍ଚିଗଲୁ । ଗାଡ଼ି ଏଠାରେ କୋଡ଼ିଏ ମିନିଟ ରହିବ । ମୁଁ କିଛି ଖାଇବାପାଇଁ ପ୍ଲାଟଫର୍ମକୁ ଗଲି । ଫେରିଆସି ଦେଖିଲି, କୁଜା ଲୋକଟି ଚାଲି ଯାଇଛି; ତା ପରିବର୍ତ୍ତେ ଦୁଇଜଣ ବୃଦ୍ଧ ଯାତ୍ରୀ କୋଠରିରେ ପ୍ରବେଶ କରିଅଛନ୍ତି ।

ବୃଦ୍ଧଦମ୍ପତୀ ଓ ଯୁବକଦମ୍ପତୀ ନିଜନିଜର ଆହାର ବାହାର କରି ଖାଇଲେ । ସେମାନଙ୍କର ଖାଇବା ଜିନିଷ ଦେଖି ମୋତେ ଘୃଣା

Digitized by srujanika@gmail.com

ଲଗିଲା । ବୋଧହୁଏ ରେଳଗାଡ଼ି ଡବାରେ ବସି ଅନ୍ୟ ଯାତ୍ରୀମାନଙ୍କ ଆଗରେ ଖାଇବାଠାରୁ ବଳି ଅଭଦ୍ର, ଲଜ୍ଜାଜନକ ବ୍ୟାପାର କିଛି ନାହିଁ । ଏପ୍ରକାର ଅଶିଷ୍ଟ, ଅଭଦ୍ର ଲୋକଙ୍କୁ ଉପଯୁକ୍ତ ଶିକ୍ଷାଦେବାର ଉପାୟ ହେଉଛି, ଥଣ୍ଡା ପଡ଼ିଥିଲେ ଡବାର ଝରକା ଖୋଲିଦେବ; ଗରମ ହୋଇଥିଲେ ଝରକା ବନ୍ଦ କରିଦେଇ ଇଚ୍ଛା ନଥିଲେ ସୁଦ୍ଧା ସିଗାରେଟ ଲଗାଇ ଧୂଆଁ ଛାଡ଼ିଦେବ, ଗୀତ ବୋଲିବ, ନୋହିଲେ ଚିତ୍କାର କରିବ । ଏପରି କଲେ ସେମାନେ ଭଦ୍ରତା ଶିଖିବେ । ଯେମିତିକି ତେମିତି ।

ଦୂରଦର୍ଶୀ ରେଳଯାତ୍ରୀ ସାଥିରେ ବୋତଲେ ବେଞ୍ଜାଇନ କମ୍ବା ପେଟ୍ରଲ ନେବା ଉଚିତ । ପାଖରେ କେହି ବସିବାକୁ ଆସିଲେ ସେଥିରୁ କିଛି ସେଠାରେ ସିଞ୍ଚି ଦେବ । ଅଭଦ୍ର ଲୋକେ ଦୁର୍ଗନ୍ଧ ଖାଦ୍ୟ ବାହାର କରି ତୁମ ଆଗରେ ଖାଇବାରେ ଯେବେ ଆପତ୍ତି ନାହିଁ, ତେବେ ତୁମେ ଯାହା କିଛି କଲେ ମଧ୍ୟ କେହି କିଛି କହି ପାରିବେ ନାହିଁ ।

ଆମେ ସେଣ୍ଟ ଟ୍ରପେଜରେ ପହଞ୍ଚିଲୁ । ଏହା ଗୋଟିଏ ପ୍ରାଦେଶିକ ରାଜଧାନୀ । ଆର୍ଜେନସ ନଦୀ ଏହି ପ୍ରଦେଶକୁ ମହାଦେଶ-ଠାରୁ ବିଚ୍ଛିନ୍ନ କରି ରଖିଛି । ଏଠାର ଲୋକସଂଖ୍ୟା ଅତି ଅଳ୍ପ । ପର୍ବତ ଉପରେ ଗୋଟିଏ ଗୋଟିଏ କ୍ଷୁଦ୍ର ଗ୍ରାମ । ଘରଗୁଡ଼ିକ ପ୍ରାଚୀନ ରୀତିରେ ତିଆରି ।

ଶେଷରେ ଗାଡ଼ି ନାଇସ ଷ୍ଟେସନରେ ପହଞ୍ଚିଲା । ନାଇସ ସହରରେ ଗୋଟାଏ ପ୍ରଦର୍ଶନୀ ଖୋଲିଥିବାର ଶୁଣି ଆମେ ଦେଖିବାକୁ ଗଲୁ ।

ଆମେ ସହରର ରାସ୍ତାରେ ବୁଲି ବୁଲି ଗୋଟିଏ ବଡ଼ କୋଠା-ଘର ପାଖରେ ପହଞ୍ଚିଲୁ । ଘରଟି ପ୍ରାଚୀନ ଧରଣର । ଅନେକ

Digitized by srujanika@gmail.com

ପରିମାଣରେ ଏହା ଏକ ରାଜପ୍ରାସାଦର ଅନୁକରଣରେ ନିର୍ମିତ । ଦେଖିଲି ଏହି ଘର ଭିତରେ କେତେଜଣ ଲୋକ ଯିବାଆସିବା କରୁଛନ୍ତି । କେତେଗୁଡ଼ିଏ ବାକ୍ସ ଫିଟା ନଯାଇ ଏଣେତେଣେ ପଡ଼ିଛି । ବୋଧହୁଏ, ଏଗୁଡ଼ିକରେ ପ୍ରଦର୍ଶନୀ ପାଇଁ ଆସିଥିବା ଜିନିଷ ଅଛି । ପ୍ରଦର୍ଶନୀ ଅନେକ ଦିନୁଁ ଖୋଲିଲାଣି । ମୋର ମନେହେଲା, ବର୍ଷକ ପୂର୍ବରୁ ପ୍ରଦର୍ଶନୀ ଦର୍ଶନୀୟ ହୋଇ ପାରିବ ନାହିଁ । ମୁଁ ନୈରାଶ୍ୟ ଅନୁଭବ କଲି ।

ଦୁଇଟି ଜିନିଷ ପ୍ରତି ମୋର ଆଗ୍ରହ, ଗୋଟିଏ ହେଉଛି ଖାଦ୍ୟଦ୍ରବ୍ୟ, ଅନ୍ୟଟି ଚିତ୍ରକଳା । ମୁଁ ଦେଖିଲି କେତେକ ଫଳ ଓ ଖାଦ୍ୟପଦାର୍ଥ ରହିଛି, କିନ୍ତୁ ସେଗୁଡ଼ିକର ବିକ୍ରୟ ନିଷିଦ୍ଧ କରାଯାଇଅଛି । ସେଗୁଡ଼ିକୁ କେବଳ ଦେଖିବାପାଇଁ ନିଷେଧ ନାହିଁ । ଏପରି ଅଦ୍ଭୁତ ଆଦେଶର କାରଣ ବୁଝିବାକୁ ଚେଷ୍ଟା କଲି । ଶୁଣିଲି, ସହରର ବ୍ୟବସାୟରେ ବାଧା ସୃଷ୍ଟି ନ କରିବାପାଇଁ ଏଭଳି ବ୍ୟବସ୍ଥା କରାଯାଇଅଛି । ମିଠେଇ ଦେଖି ଆନନ୍ଦ ଲାଭ କରିବ, ଅଥଚ ତାର ସ୍ୱାଦୁ ଜାଣିବ ନାହିଁ; ଏହାଠାରୁ ବଳି ସୁନ୍ଦର ଆବିଷ୍କାର ମନୁଷ୍ୟ ମସ୍ତିଷ୍କରୁ ବାହାରି ନପାରେ ।

ପ୍ରଦର୍ଶନୀର ଚିତ୍ରକଳା ବିଭାଗ ପ୍ରସ୍ତୁତ ହେଉଅଛି । ତଥାପି କେତୋଟି ପ୍ରାକୃତିକ ଦୃଶ୍ୟର ଛବି ଓ କେତୋଟି ବିଶିଷ୍ଟ ଘଟନାର ଛବି ଟଙ୍ଗା ହୋଇଛି । ଏଗୁଡ଼ିକ ପ୍ରସିଦ୍ଧ ଚିତ୍ରକରଙ୍କଦ୍ୱାରା ଅଙ୍କିତ । ଆଉ କେତେକ ଛବି ବାକ୍ସରୁ ବାହାରି ନାହିଁ ।

ଗଡ଼ାର୍ଡ଼ କମ୍ପାନୀ ଗୋଟିଏ ବେଲୁନ ଆଣିଛନ୍ତି । ଏହା କେତେଗୁଡ଼ିଏ ଦଉଡ଼ି ସାହାଯ୍ୟରେ ଖୁଣ୍ଟରେ ବନ୍ଧାହୋଇ ରହିଛି । ମୋର ଇଚ୍ଛା ହେଲା, ଥରେ ବେଲୁନରେ ବସି ଆକାଶମାର୍ଗରୁ ସହରଟା ଦେଖିଯିବି ।

Digitized by srujanika@gmail.com

ହଠାତ୍ ଦକ୍ଷିଣ-ପଶ୍ଚିମ ମୌସୁମୀ ପବନ ପ୍ରବଳ ବେଗରେ ବହିବାକୁ ଆରମ୍ଭ କଲା । କିଛି ସମୟ ପର୍ଯ୍ୟନ୍ତ ବେଲୁନ ଏପାଖ ସେପାଖ ଦୋହଲିବାକୁ ଲାଗିଲା । କେତେଟା ଦଉଡ଼ି ଛିଣ୍ଡିଗଲା । ଗୋଟାଏ ପ୍ରକାଣ୍ଡ ଶବ୍ଦ ଶୁଣାଗଲା । ପୋଲିସ ଆସି ତାକୁ ଚାରିପାଖୁ ଜଗି ରହିଲେ । ଲୋକସାଧାରଣଙ୍କୁ ଘେର ଭିତରୁ ବାହାରକରି ଦିଆଗଲା । ମୁଁ ମଧ୍ୟ ବାହାରି ଆସିଲି ।

ଗାଡ଼ିକୁ ଫେରିଆସି ମୁଁ ବେଲୁନକୁ ଚାହିଁ ରହିଲି । ପ୍ରାୟ ପ୍ରତି ପାଞ୍ଚମିନିଟରେ ଗୋଟାଏ ଲେଖାଏଁ ଦଉଡ଼ି ଛିଡି ଯାଉଥାଏ ଓ ତାର ଶବ୍ଦ ଆମକୁ ଶୁଣାଯାଉଥାଏ । ବେଲୁନଟା ଉପରକୁ ଉପରକୁ ଉଠିବାକୁ ଚେଷ୍ଟା କରୁଥାଏ ଓ ତାର ଆକାର କ୍ରମେ ଛୋଟ ହେଉଥାଏ । ଏହି ସମୟରେ ଗୋଟାଏ ପ୍ରବଳ ପବନ ଆସିବାରୁ ବେଲୁନଟା ଉପରକୁ ଉଠିଯାଇ ଏକବାରେ ଫାଟିଗଲା ଓ ପର ମୁହୂର୍ତ୍ତରେ ଲଥ୍‌କରି ତଳେ ପଡ଼ିଗଲା ।

ପରଦିନ ସକାଳେ ସମ୍ବାଦପତ୍ରରେ ଦେଖିବାକୁ ପାଇଲି—

"ଆମ ସମୁଦ୍ରର ଉପକୂଳରେ ପ୍ରବଳ ବାତ୍ୟା ହେଉଥିବାରୁ ନାଇସର କର୍ତ୍ତୃପକ୍ଷ ଆଦେଶ ଦେଇଅଛନ୍ତି ଯେ ଦୁର୍ଘଟଣା ଯେପରି ନ ଘଟେ ସେଥିପାଇଁ ଏଠାରେ ଥିବା ସବୁ ବେଲୁନକୁ ବାଷ୍ପଶୂନ୍ୟ କରି ଦେବାକୁ ହେବ । ମୁହୂର୍ତ୍ତକ ମଧ୍ୟରେ ବେଲୁନକୁ ବାୟୁଶୂନ୍ୟ କରିବା ନିମନ୍ତେ ମି: ଗଡ଼ାର୍ଡ଼ ଯେଉଁ ପଦ୍ଧତି ବାହାର କରିଅଛନ୍ତି, ସେଥିନିମନ୍ତେ ସେ ପ୍ରଶଂସାର୍ହ ।"

ହାୟ ! ହତଭାଗ୍ୟ ଜନସାଧାରଣ !

ଔଷଧ-ବିକ୍ରେତାମାନଙ୍କ ପକ୍ଷରେ ଭୂମଧ୍ୟସାଗରର ଉପକୂଳ ପ୍ରଦେଶ ହେଉଛି ସୁନାଖଣି । କୌଣସି ଦୋକାନରୁ କେତେପାନ କାଶଔଷଧ ଆଣିବାକୁ ହେଲେ ହେଁତା ଲକ୍ଷପତି ହେବାଲି ମଧ୍ୟ ଚଳିବ

Digitized by srujanika@gmail.com

ନାହିଁ; କୋଟିପତି ହୋଇଥିବା ଦରକାର । ସେମାନେ ଗୋଟାଏ ଜାମ୍ବୁକୋଳ ପାଇଁ ଗୋଟାଏ ହୀରାର ଦାମ୍ ଦାବି କରନ୍ତି ।

ପାହାଡ଼ କଟାଯାଇ ନାଇସଠାରୁ ମନାକୋ ପର୍ଯ୍ୟନ୍ତ ରେଳପଥ ତିଆରି କରାଯାଇଅଛି । ମନାକୋ ଗୋଟିଏ ଶ୍ରେଷ୍ଠ ସହର ଓ ଏହା ଏକ ପାହାଡ଼ ଉପରେ ଅବସ୍ଥିତ । ଜୁଆଡ଼ୀଙ୍କ ପକ୍ଷରେ ମନାକୋ ହେଉଛି ଇନ୍ଦ୍ରଭୁବନ । ଏଠାରେ ଆନନ୍ଦ ଉପଭୋଗ କରିବାର କୌଣସି ଉପାଦାନ ନାହିଁ । ଜୁଆଡ଼ୀଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ପକ୍ଷରେ ସହରଟି ନିତାନ୍ତ ରୁକ୍ଷ ଓ ନୀରସ ।

ମୁଁ କାନସକୁ ଫେରିବା ପାଇଁ ରାତି ଗାଡ଼ିରେ ବସିଲି । ମୋ ଡବା ଭିତରେ ଦୁଇଜଣ ମହିଳା ଓ ମର୍ସିଲେସର ଜଣେ ପୁରୁଷ ଯାତ୍ରୀ ଥିଲେ । ଭଦ୍ରଲୋକଟି ଭୟାନକ ଗଳ୍ପପ୍ରିୟ । କେଉଁଠି ରେଳ ଦୁର୍ଘଟଣା ହୋଇଥିଲା, କେଉଁଠି ନରହତ୍ୟା ଘଟିଥିଲା, କେଉଁଠି ଡକାୟତି ହୋଇଥିଲା, ଏସବୁ ବିଶଦଭାବରେ ବର୍ଣ୍ଣନା କରିବାରେ ସେ ନିପୁଣ ଥିଲେ । ସେ କହିବାକୁ ଲାଗିଲେ—

"କର୍ସିକାର ଜଣେ ଭଦ୍ରଲୋକଙ୍କ ସଙ୍ଗେ ମୋର ପରିଚୟ ଥିଲା । ସେ ଥରେ ପୁଅକୁ ସଙ୍ଗରେ ନେଇ ପାରିସ୍‌କୁ ଆସିଥିଲେ । ମୁଁ ଅନେକବର୍ଷ ଆଗକାର କଥା କହୁଛି । ସେତେବେଳେ ନୂଆ ହୋଇ ରେଲ୍‌ଲାଇନ ଖୋଲିଥାଏ । ମୋ ସହିତ ବନ୍ଧୁତା ଥିବାରୁ ମୁଁ ସେ ଦୁହିଁଙ୍କ ସହିତ ରେଳରେ ଯାତ୍ରାକଲି ।

ପୁଅଟିର ବୟସ କୋଡ଼ିଏ ବର୍ଷ ହେବ । ଏଥିପୂର୍ବରୁ ସେ ରେଳଗାଡ଼ି ଦେଖିନଥିଲା; ଗାଡ଼ିରେ ବସି ଯିବା ଦୂରର କଥା । ଗାଡ଼ିର ଗତି ଓ ତା ସଙ୍ଗେ ଦୁଇ ପାଖର ଦୃଶ୍ୟ ଦେଖି ସେ ଏକବାରେ ମୁଗ୍ଧ ହୋଇଗଲା । ଗାଡ଼ି କିପରି ଚାଲୁଛି ଦେଖିବା ପାଇଁ ସେ

Digitized by srujanika@gmail.com

ଗୋଟିଏ ଝରକାପାଖରେ ଛିଡ଼ାହୋଇ ନଇଁପଡ଼ିଲା । ବାପା ବାରମ୍ବାର ଡାକୁଥାନ୍ତି, 'ହେ ମାଥିଉ, ଏତେ ନଇଁପଡ଼ ନାହିଁ । ସାବଧାନ ! ବେଶି ନଇଁରହିଲେ ବିପଦ ଘଟିପାରେ ।' କିନ୍ତୁ ଯୁବକଟି ପିତାଙ୍କୁ କିଛି ଉତ୍ତର ନଦେଇ ସେହିପରି ନଇଁ ପଡ଼ିଥାଏ ।

ମୁଁ ବନ୍ଧୁଙ୍କୁ କହିଲି, 'ଟିଲ୍ଲେକ, ନୂଆକଥା ଦେଖିବାକୁ ତାର କୌତୂହଳ ହେବା ସ୍ୱାଭାବିକ । ସେ ସେହିପରି ଦେଖୁଥାଉ !'

ତଥାପି ବନ୍ଧୁ କହିଲେ, 'ହେ ମାଥିଉ, ଏଠିକି ଆସି ବସିଯାଅ । ସେପରି ନଇଁପଡ଼ ନାହିଁ ।'

ମାତ୍ର ମାଥିଉ କୌଣସି ଉତ୍ତର ଦେଲାନାହିଁ କି ପଛକୁ ଚାହିଁଲା ନାହିଁ । ସେହିପରି ନଇଁପଡ଼ି ରହିଲା ।

ମୋର ବନ୍ଧୁ ତାକୁ ଟାଣିଭିତରେ ବସାଇବାପାଇଁ ତାର କୋଟ୍‌ର ଗୋଟାଏ ଅଂଶ ଧରି ଟାଣି ଆଣିଲେ । ପୁଅର ଦେହଟି ଆମ ପାଦ ପାଖରେ ଲଥ୍ କରି ପଡ଼ିଗଲା । ଦେଖିଲୁ, ତାର ଦେହଟି ପାକ ଅକ୍ଷୁଣ୍ଣ ଅଛି; କେବଳ ମୁଣ୍ଡଟି ନାହିଁ । ଗୋଟାଏ ସୁଡ଼ଙ୍ଗ ଭିତରେ ଗାଡ଼ି ଗଲାବେଳେ ତାର ମୁଣ୍ଡଟି ଛିଡ଼ି ପଡ଼ିଥିଲା, ବେକରେ ମଧ୍ୟ ରକ୍ତ ନଥିଲା । ସବୁରକ୍ତ ବାଟରେ ବୋହି ଯାଇଥିଲା ।''

ଏହି ଗଳ୍ପଟି ଶୁଣୁ ଶୁଣୁ ଉଦାର ଜଣେ ମହିଳାଯାତ୍ରୀ ଅଚେତ ହୋଇ ପଡ଼ିଗଲେ ।

[ଜଣେ ଫେଲଯାତ୍ରୀଙ୍କ ଡାଇରୀ]

Digitized by srujanika@gmail.com

ମୋ ବନ୍ଧୁଙ୍କ ପରିବାର

ମୁଁ ମୋର ପୁରୁଣା ବନ୍ଧୁ ସାଇମନ ଉଦେଉଡଙ୍କୁ ଦେଖିବା-ପାଇଁ ତାଙ୍କ ଘରକୁ ଯାଇଥିଲି । ପନ୍ଦରବର୍ଷ ହେଲା ତାଙ୍କ ସହିତ ମୋର ଦେଖାହୋଇ ନ ଥିଲା । ପୂର୍ବେ ସେ ମୋର ନିତାନ୍ତ ଅନ୍ତରଙ୍ଗ ବନ୍ଧୁ ଥିଲେ । ଦୁହେଁଯାକ କେତେ ସନ୍ଧ୍ୟା ଆନନ୍ଦରେ ଏକାଠି କଟାଇଥିଲୁ । ସାଇମନଙ୍କ ଆଗରେ ମୋର ଅନ୍ତରର ଗୋପନ କଥା ପ୍ରକାଶ କରିବାରେ କୌଣସି ଅପତ୍ତି ନଥିଲା । ତାଙ୍କ କଥାବାର୍ତ୍ତାରେ ମୁଁ ମୂଲ୍ୟବାନ୍, ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରାର ପରିଚୟ ପାଉଥିଲି । ଏହାଦ୍ୱାରା ମୋର ମନ ମାର୍ଜିତ ଓ ଉନ୍ନତ ହେଉଥିଲା ।

ଅନେକ ବର୍ଷଯାଏ ଆମେ ବିଚ୍ଛିନ୍ନ ହୋଇ ନଥିଲୁ । ଦୁହେଁ ଏକତ୍ର ରହୁଥିଲୁ, ଭ୍ରମଣ କରୁଥିଲୁ, ଚିନ୍ତା କରୁଥିଲୁ ଓ କଳ୍ପନା ମଧ୍ୟ କରୁଥିଲୁ । ଉଭୟେ ଏକାପଦାର୍ଥକୁ ଆଦର କରୁଥିଲୁ, ଏକାପଦାର୍ଥକୁ ଘୃଣା କରୁଥିଲୁ, ଏକାପୁସ୍ତକର ପ୍ରଶଂସା କରୁଥିଲୁ, ଏପରିକି ଏକାଲୋକଙ୍କୁ ପରିହାସ କରୁଥିଲୁ ।

ଏହାପରେ ସାଇମନ ବିବାହ କଲେ । ତାଙ୍କ ବିବାହ ଅତି ଆକସ୍ମିକ ଭାବରେ ଘଟିଥିଲା । ମଫସଲର ଗୋଟିଏ ବାଳିକା ଉପଯୁକ୍ତ ସ୍ୱାମୀ ଅନୁସନ୍ଧାନରେ ପାରିସକୁ ଆସିଥିଲା । ସେ ଥିଲା କ୍ଷୀଣାଙ୍ଗୀ, ଦୁର୍ବଳ । ହାତ ଦୁଇଟି ସରୁ, ଆଖି ଯୋଡ଼ିକ ଜ୍ୟୋତିହୀନ । ଏହିପରି ଶତ ଶତ ବାଳିକା ବିବାହ ହେବାକୁ ଥିବେ । ସେମାନଙ୍କ ଭିତରୁ ଏହି ବାଳିକାଟି ଯେ କିପରି ଏଭଳି ବୁଦ୍ଧିମାନ୍ ଓ ଚତୁର ସାଇମନଙ୍କୁ ବଶ କରି ପାରିଥିଲା, ତାହା ଆଶ୍ଚର୍ଯ୍ୟର ବିଷୟ । ସାଇମନ ଯେ ଜଣେ କୋମଳପ୍ରାଣା, ଧନ୍ତ ପରିପୂର୍ଣ୍ଣା ଯୁବତୀକୁ

Digitized by srujanika@gmail.com

ବିବାହ କରି ସୁଖ ଶାନ୍ତିରେ ଜୀବନ କଟାଇବାକୁ ଇଚ୍ଛା କରିଥିଲେ ଏଥିରେ ସନ୍ଦେହ ନାହିଁ । ବୋଧହୁଏ ସେ ଏହି ବାଳିକାଠାରେ ପତ୍ନୀସୁଲଭ ସମସ୍ତ ଗୁଣ ଦେଖି ପାରିଥିଲେ ।

ସାଇମନ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଯେ ମନୁଷ୍ୟ ଯେତେ କର୍ମଠ, ପ୍ରାଣବନ୍ତ ହେଲେହେଁ ସାଧାରଣ ଜୀବନର ବାସ୍ତବତା ବୁଝି ପାରିଲେ ସେ ନିତାନ୍ତ ଅବସନ୍ନ ହୋଇପଡ଼େ । ଅବଶ୍ୟ ପଶୁପରି ବାହ୍ୟ ଅବସ୍ଥା ପ୍ରତି ଉଦାସୀନ ହେଲେ ତାହାର ଅବସ୍ଥା ଭିନ୍ନ ।

ମୁଁ ଭାବୁଥିଲି, ଏବେ ସେ କପରି ହୋଇଥିବେ ! ଆଗଭଳି କୌତୂହଳପ୍ରିୟ, ଚପଳ ଓ ତୀକ୍ଷ୍ଣବୁଦ୍ଧି ସମ୍ପନ୍ନ ଥିବେ କି ମଫସଲି ଜୀବନର ଅନୁଭୂତିରେ ତାଙ୍କର ମନ ଅବସାଦଗ୍ରସ୍ତ ହୋଇଥିବ ? ପନ୍ଦରବର୍ଷ ମଧ୍ୟରେ ମନୁଷ୍ୟର ବିରାଟ ପରିବର୍ତ୍ତନ ଘଟିଥିବା ଖୁବ୍ ସମ୍ଭବ ।

ରେଳଗାଡ଼ି ଗୋଟିଏ ଷ୍ଟେଟ ଷ୍ଟେସନରେ ପହଞ୍ଚିଲା । ମୁଁ ରେଲଡବାରୁ ବାହାରିଲି ମାତ୍ରେ ଜଣେ ଖୁବ୍ ବଳିଷ୍ଠ ଲୋକ ମୋ ଆଡ଼କୁ ଦୁଇହାତ ପ୍ରସାରିତ କରି କହିଲେ, "କିଏ ଜର୍ଜ ?"

ମୁଁ ତାଙ୍କୁ ଆଲିଙ୍ଗନ କଲି, କିନ୍ତୁ ଚିହ୍ନି ପାରିନଥିଲି । ମୁଁ ବିସ୍ମୟ ପ୍ରକାଶ କରି କହିଲି, "ତୁମ ଦେହ ଠିକ୍ ପୂର୍ବପରି ଅଛି । ଟିକିଏ ହେଲେ କ୍ଷୀଣ ହୋଇନାହିଁ ।"

ସେ ହସିହସି ଉତ୍ତରକଲେ, "ତୁମେ ଆଉ କିଛି ଆଶା କରିଥିଲ କି ? ସୁନ୍ଦର ଜୀବନ, ସୁନ୍ଦର ଭୋଜନ, ସୁନ୍ଦର ଶୟନ । ଖାଉଛି ଆଉ ଶୋଉଛି । ଏଇ ତ ମୋର ଜୀବନ !"

ତାଙ୍କର ସେ କାଳର ଓସାରିଆ ମୁହଁ ମୋତେ ଅତି ପ୍ରିୟ ଥିଲା । ମୁଁ ତାଙ୍କ ମୁହଁକୁ ନିରେଖି ଚାହିଁଲି । ତାଙ୍କ ଆଖି ଯୋଡ଼ିକରେ

Digitized by srujanika@gmail.com

କିଛି ପରିବର୍ତ୍ତନ ଦେଖିପାରିଲି ନାହିଁ, କିନ୍ତୁ ତାଙ୍କୁ ଦେଖି ମୋ ମନରେ ସେହି ପୂର୍ବଦିନର ଭାବ ଜାଗିଲା ନାହିଁ । ମୁଁ ମନେ ମନେ କହିଲି, "ସବୁ ମନର ଭାବ ଦୃଷ୍ଟିରେ ପ୍ରତିଫଳିତ ହୋଇଥାଏ, ତେବେ ସାଇମନଙ୍କ ଶରୀରାଧାରରେ ନିଶ୍ଚୟ କିଛି ପରିବର୍ତ୍ତନ ଘଟିଛି ।"

ତାଙ୍କର ଚକ୍ଷୁ ଉଜ୍ଜ୍ୱଳ ଦିଶୁଥିଲା, ସେଥିରୁ ଆନନ୍ଦ, ଓ ବନ୍ଧୁତାର ସୂଚନା ମିଳୁଥିଲା । କିନ୍ତୁ ଭାଷାରେ ଯେଉଁ ମନୋଭାବ ବ୍ୟକ୍ତ ହୋଇ ନପାରି ଚକ୍ଷୁରେ ପ୍ରକାଶ ପାଏ, ସେହି ବୁଦ୍ଧିମତ୍ତାର ଅଭିବ୍ୟକ୍ତି ସେ ଚକ୍ଷୁରେ ନଥିଲା । ହଠାତ୍ ସେ ମୋତେ କହିଲେ, "ମୋର ବଡ଼ପିଲା ଦୁଇଟି ମୋ ସାଥିରେ ଆସିଛନ୍ତି ।" ବଡ଼ଟି ଝିଅ; ତାର ବୟସ ଚଉଦ ବର୍ଷ । ତା ତଳଟି ପୁଅ, ବୟସ ତେର ବର୍ଷ । ସେ ତାଙ୍କ ସ୍କୁଲର ପୋଷାକ ପିନ୍ଧିଥିଲା । ସେ ଦୁହେଁ କୁଣ୍ଠିତ ଭାବରେ ମୋ ପାଖକୁ ଆଗେଇ ଆସିଲେ । ମୁଁ ନମ୍ର ସ୍ୱରରେ ପଚାରିଲି, "ଏ ଦୁଇଟି କଅଣ ତୁମର ?"

ସାଇମନ ହସି ହସି ଉତ୍ତରଦେଲେ, "ନିଶ୍ଚୟ ମୋର ।"

ମୁଁ ପୁଣି ପଚାରିଲି, "ତୁମର କେତୋଟି ପିଲା ?"

"ପାଞ୍ଚୋଟି । ଆଉ ତିନୋଟି ଘରେ ଅଛନ୍ତି ।" ସେ ଏହା କହିଲାବେଳେ ତାଙ୍କର ଅଭିମାନ, ଆତ୍ମସନ୍ତୋଷ ଓ ଗର୍ବ ପ୍ରକାଶ ପାଉଥିଲା । ତାଙ୍କପ୍ରତି ମୋର କରୁଣାର ଉଦ୍ରେକ ହେଲା; ତାହା ସଙ୍ଗେ ଥିଲା ଏକ ପ୍ରକାର ଘୃଣାଭାବ । କେବଳ ବଂଶବୃଦ୍ଧି କରି, ଆନନ୍ଦରେ ମଫସଲର ଏକ ଘରେ ଜୀବନ ଯାପନ କରିବାରେ ଗର୍ବ କରୁଥିବାରୁ ତାଙ୍କ ପ୍ରତି ମୋର ଏହି ଘୃଣା ।

ମୁଁ ଘୋଡ଼ାଗାଡ଼ିରେ ବସିଲି । ନିଜେ ସାଇମନ ଗାଡ଼ି ଚଳାଇଲେ । ସହର ରାସ୍ତାରେ ଗାଡ଼ି ଚାଲିଲା । ରାସ୍ତାରେ ଲୋକ

Digitized by srujanika@gmail.com

ଦେଖାନଥିଲେ । କେତେଟା କୁକ୍କୁର ଓ ଦୁଇତିନିଜଣ ଗୃହକର୍ତ୍ତ୍ରୀ ଛଡ଼ା ଆଉ କେହି ଆମ ଆଖିରେ ପଡ଼ୁନଥିଲେ । ରାସ୍ତାକଡ଼ର ଜଣେ ଜଣେ ଦୋକାନୀ ମୁଣ୍ଡରୁ ଟୋପି କାଢ଼ି ସାଇମନଙ୍କୁ ପ୍ରଣାମ ଜଣାଇଲେ ଓ ସାଇମନ ସେମାନଙ୍କୁ ନମସ୍କାର କରୁଥିଲେ । ସଙ୍ଗେ ସଙ୍ଗେ ମୋତେ ସେ ଦୋକାନୀର ନାମ କହି ଦେଉଥିଲେ । ଏହାଦ୍ୱାରା ସେ ମୋତେ ଜଣାଇ ଦେଉଥିଲେ ଯେ ସେ ଅଞ୍ଚଳର ସମସ୍ତେ ତାଙ୍କର ପରିଚିତ । ମୋର ଧାରଣା ହେଲା, ସାଇମନ ଲୋକ ପ୍ରତିନିଧି ସଭାର ସଭ୍ୟପଦ ପାଇ ପ୍ରାର୍ଥୀ ହେବାକୁ ଯାଉଛନ୍ତି । ଯେଉଁମାନେ ମଫସଲ ସହରରେ ରହନ୍ତି, ସେମାନଙ୍କର ଗୋଟାଏ ବଡ଼ ଆଶା ଥାଏ ଯେ ଲୋକ ପ୍ରତିନିଧି ସଭାର ଜଣେ ସଭ୍ୟ ହେବେ ।

ଗାଡ଼ି ସହର ପାର ହୋଇ ଗୋଟାଏ ବଗିଚା ପାଖରେ ମୋହିଁଥିଲା । ବଗିଚାଟି ଗୋଟିଏ ପାର୍କ ଭଳି । ବଗିଚା ଭିତରେ କିଛି ଦୂର ଯିବାପରେ ଗାଡ଼ି ଗୋଟିଏ ଘର ଆଗରେ ଛିଡ଼ା ହେଲା । ଘରଟି ଗୋଟିଏ ଡାକବଙ୍ଗଳା ପରି ତିଆରି ।

ସାଇମନ କହିଲେ, "ଏଇ ହେଉଛି ମୋର କୁଡ଼ିଆ ।" ମୁଁ ତାଙ୍କୁ ଏଥି ସକାଶେ ପ୍ରଶଂସା କରିବି ବୋଲି ସେ ଆଶା କରିଥିଲେ । ମୁଁ ଉତ୍ତରକଲି, "ବେଶ୍ ସୁନ୍ଦର ଘରଟିଏ ।"

ଜଣେ ମହିଳା ଆସି ପାହାଚ ଉପରେ ଛିଡ଼ା ହୋଇଗଲେ । ଅତିଥିଙ୍କୁ ଅଭ୍ୟର୍ଥନା କରିବାକୁ ସେ ପ୍ରସ୍ତୁତ ହୋଇ ଆସିଥିବାର ଜଣାପଡ଼ୁ ଯାଉଥିଲା । ସେ ଭଲ ପୋଷାକ ପିନ୍ଧିଥିଲେ ଓ ମଥାର କେଶକୁ ସଜାଇଥିଲେ । ଅତିଥିଙ୍କୁ କ ଭଷାରେ ସମ୍ବର୍ଦ୍ଧନା କରିବେ ତାହା ମଧ୍ୟ ସ୍ଥିର କରି ଆସିଥିଲେ । ପନ୍ଦର ବର୍ଷତଳେ ଏହି ମହିଳାଙ୍କୁ ଗୀର୍ଜାରେ ଦେଖିଥିଲି । ସେତେବେଳେ ସେ ଥିଲେ କ୍ଷୀଣ-ଦେହା, ନୀରସ ପ୍ରକୃତିର ବାଳିକାଟିଏ । ବର୍ତ୍ତମାନ ସେ ଏକ ସୁସ୍ଥ

Digitized by srujanika@gmail.com

ସରଳ ମହିଳା, ଦେଖିଲେ କେହି ତାଙ୍କର ବୟସ କଳନା କରି ପାରିବେନାହିଁ; ତାଙ୍କଠାରେ ନାରୀସୁଲଭ ବୁଦ୍ଧି ବୃତ୍ତି ଅଛି ବୋଲି ଧାରଣା ହେବ ନାହିଁ । ସଂକ୍ଷେପରେ କୁହାଯାଇପାରେ, ସେ ଥିଲେ ଗୋଟିଏ ସାଧାରଣ ମାଆ ମାତ୍ର; ରକ୍ତ ମାଂସର ଗୋଟିଏ ଯନ୍ତ୍ର, ଯାହାର କାର୍ଯ୍ୟ ହେଉଛି ବଂଶବୃଦ୍ଧି । କେବଳ ସନ୍ତାନମାନଙ୍କ ପାଇଁ ସନ୍ତୁଷ୍ଟ କରିବା ଓ ପରିବାରର ଖର୍ଚ୍ଚ ହିସାବ ରଖିବା ଛଡ଼ା ତାଙ୍କର ଅନ୍ୟ କୌଣସି ଚିନ୍ତା ନଥିଲା ।

ସେହି ମହିଳା ମୋତେ ସ୍ୱାଗତ ଜଣାଇ ଘର ଭିତରକୁ ଡାକି ନେଲେ । ମୁଁ ହଲ୍‌ରେ ପ୍ରବେଶ କଲାବେଳକୁ ଦେଖିଲି ଛଅଟି ପିଲା ଉଚ୍ଚତା ଅନୁସାରେ ଧାଡ଼ିବାନ୍ଧି ଛିଡ଼ା ହୋଇଛନ୍ତି । ବଡ଼ ହାକିମଙ୍କୁ ସମ୍ମାନ ଦେଖାଇବା ପାଇଁ ସୈନିକମାନେ ଯେପରି ଛିଡ଼ା ହୋଇ ରହିଥାନ୍ତି ସେମାନେ ଠିକ୍ ସେହିପରି ଛିଡ଼ା ହୋଇଥିଲେ । ମୁଁ ସେମାନଙ୍କୁ ଦେଖି କହିଲି, "ତେବେ ଏମାନେ ହେଉଛନ୍ତି, ଅନ୍ୟ ଛଅଟି ।" ସାଇମନଙ୍କ ମୁହଁ ଉଜ୍ଜ୍ୱଳ ହୋଇ ଆସିଲା । ସେ ଗୋଟି ଗୋଟି କରି ପିଲାମାନଙ୍କୁ ଦେଖାଇ କହିଲେ, "ଏଇଟି ଜାନ, ମଝିଟି ସୋଫି, ଆଉ ଏକ ଯାନଟି ହେଉଛି ଗିୟାମ ।"

ବୈଠକଖାନାର କବାଟ ଫିଟିଲା । ମୁଁ ଭିତରକୁ ପଶିଯାଇ ଦେଖିଲି ଜଣେ ଅତି ବୃଦ୍ଧ ଲୋକ ଗୋଟିଏ ଆରାମଚଉକି ଉପରେ ପଡ଼ିଛନ୍ତି । ତାଙ୍କ ଦେହହାତ ଥରୁଥିଲା । ବୋଧହୁଏ ସେ ପକ୍ଷାଘାତ ରୋଗୀ । ମିସେସ୍ ରଦେଭନ ମୋ ପାଖକୁ ଲାଗିଆସି କହିଲେ, "ଏ ହେଉଛନ୍ତି ମୋର ଅଜା; ତାଙ୍କୁ ସତାଅଶୀ ବର୍ଷ ହେଲାଣି ।" ତାପରେ ସେ ବୃଦ୍ଧଙ୍କ କାନ ପାଖରେ ମୁହଁ ରଖି ଖୁବ୍ ବଡ଼ ପାଟିରେ କହିଲେ, "ଅଜା, ଏ ହେଉଛନ୍ତି ମୋ ସ୍ୱାମୀଙ୍କର ଜଣେ ବନ୍ଧୁ ।"

Digitized by srujanika@gmail.com

ବୃଦ୍ଧ ମୋତେ ପ୍ରଣାମ ଜଣାଇବାକୁ ଯାହା କହିଲେ ତାହା ନିରର୍ଥକ ଶବ୍ଦ ପରି ମନେ ହେଲା । ତାଙ୍କ ହାତ ଟିକିଏ ହଲିଗଲା । ମୁଁ ତାଙ୍କ ପାଖରେ ଗୋଟାଏ ଆସନରେ ବସିଯାଇ କହିଲି, "ଆପଣ ବଡ଼ ଦୟାଳୁ, ମହାଶୟ !"

ସାଇମନ ଏହି ସମୟରେ ଘରଭିତରେ ପଶିଯାଇ ମୋତେ ବସିଥିବାର ଦେଖି କହିଲେ, "ବାଃ, ଏଥିଭିତରେ ତୁମେ ଅଜାଙ୍କ ସହିତ ପରିଚିତ ହୋଇସାରିଲଣି । ବୃଦ୍ଧ ହେଲେହେଁ ସେ ଆମ ପକ୍ଷରେ ଅମୂଲ୍ୟ । ସେ ହେଉଛନ୍ତି ଆମ ପିଲାଙ୍କ ପକ୍ଷରେ ଆନନ୍ଦର ଏକ ଅସରନ୍ତି ଭଣ୍ଡାର । ସେ ଖାଇବା ବିଷୟରେ ଏତେ ଲୋଭୀ ଯେ ଖାଇଲାବେଳେ ସେ ଗିଳିଗିଳି ମରିଯାନ୍ତେ । ଆମେ ଯଦି ତାଙ୍କୁ ଜଗି ନ ଥାଆନ୍ତୁ ତେବେ ସେ ଯେ କେତେ ଖାଆନ୍ତେ ତୁମେ କଳ୍ପନା କରି ପାରିବ ନାହିଁ । ମିଠେଇ ଦେଖିଲେ ତାଙ୍କ ପାଟିରୁ ଲାଳ ଗଡ଼ିବ । ତାଙ୍କ ଖାଇବା ଲୋଭଠାରୁ ବଳି କୌଣସି ବିଚିତ୍ର କଥା ତୁମେ ଦେଖିନଥିବ । ଏହିକ୍ଷଣି ଦେଖିବ, ସେ ଖାଇବାପାଇଁ କିପରି ହେବେ ।"

ମୋପାଇଁ ନିର୍ଦ୍ଦିଷ୍ଟ କୋଠରୀକୁ ଯାଇ ମୋର ପୋଷାକ ବଦଳାଇଲି ଓ ଖାଇବାକୁ ଯିବାପାଇଁ ପ୍ରସ୍ତୁତ ହେଲି । ମୁଁ ବାହାରିବା ସଙ୍ଗେ ସାଇମନ ଓ ତାଙ୍କ ପିଲାମାନେ ମୋ ପଛେ ପଛେ ଆସିଲେ । ସେମାନେ ଏହାହାରି ଯେ ମୋତେ ସମ୍ମାନ ଦେଖାଉଥିଲେ ଏଥିରେ ସନ୍ଦେହ ନାହିଁ ।

ଝରକାବାଟେ ଚାହିଁଲେ ଗୋଟାଏ ବିରାଟ ସମତଳ ଭୂମି ଦେଖାଯାଉଥିଲା । ସେଥିରେ କେଉଁଠାରେ ଘାସପଡ଼ିଆ, କେଉଁଠାରେ ଗହମ ବା ଯଅର କ୍ଷେତ । କୌଣସିଠାରେ ଗୋଟିଏ ଛୋଟା ବା

Digitized by srujanika@gmail.com

ବୁଢା ଦେଖାଯାଉ ନଥିଲା । ଏଥିରୁ ମୋର ଧାରଣା ହେଲା, ସାଇମନଙ୍କ ପରିବାରଟିର ଜୀବନ ଦୁଃଖମୟ ହୋଇଥିବ ।

ଭୋଜନ ସମସ୍ତ ହେଲା; ଘଣ୍ଟି ବାଜିବାରୁ ସମସ୍ତେ ଖାଇବା ଘରକୁ ଗଲେ । ମୁଁ ମଧ୍ୟ ବାହାରିଲି, ମିସେସ୍ ରଦେଭିନ ମୋର ହାତ ଧରି ବାଟ କଢ଼ାଇ ନେଲେ । ଜଣେ ଗୃହର ବୃଦ୍ଧଙ୍କର ଆରାମଚଉକିକୁ ଗଡ଼ାଇ ଗଡ଼ାଇ ଖାଇବା ଟେବୁଲ ପାଖରେ ରଖିଦେଲା । ବୃଦ୍ଧ ଲୋଲୁପ ଦୃଷ୍ଟିରେ ଅତି କଷ୍ଟରେ ଖାଦ୍ୟସାମଗ୍ରୀ ଉପରେ ଆଖି ପକାଇଲେ ।

ସାଇମନ କହିଲେ, "ଏଇଥର, ମଜା ଦେଖିବ ।" ପିଲାମାନେ ବୁଝି ପାରିଲେ ଯେ ଅଜାଙ୍କର ଖାଇବା ଲୋଭ ଦେଖି ସେମାନଙ୍କ ସହିତ ମୁଁ ମଧ୍ୟ କୌତୁକ ଅନୁଭବ କରିବ । ସେମାନେ ହସି ଉଠିଲେ । ମିସେସ୍ ରଦେଭିନ୍‌ଙ୍କ ମୁହଁରେ କ୍ଷୀଣ ହସ । ସାଇମନ ଖୁବ୍ ଜୋରରେ ବୃଦ୍ଧଙ୍କ ଆଗରେ ଚାଳିମାରି କହିଲେ, "ଆଜ୍ଞା, ଆଜି ଭଲ ମିଠା ପଲଉ ହୋଇଛି ।" ବୃଦ୍ଧଙ୍କର ମୁଖ ପ୍ରସନ୍ନ ହୋଇ ଆସିଲା; ତାଙ୍କ ଦେହଟା ଯାକ ଥରିଗଲା । ଏଥିରୁ ଜଣାଗଲା ଯେ ସେ ଖୁବ୍ ଆନନ୍ଦିତ । ଖାଇବା ଆରମ୍ଭ ହେଲା ।

ସାଇମନ ମୋତେ ଚୁପ୍ କରି କହିଲେ, "ଦେଖିବ, ବର୍ତ୍ତମାନ କେଡ଼େ ମଜା ହେବ ?" ବୃଦ୍ଧଙ୍କ ଆଗରେ ପରିବାଝୋଳ ରଖାଗଲା । ସେ ଏହାକୁ ଆଦୌ ଖାଇବାକୁ ପ୍ରସ୍ତୁତ ନଥିଲେ । ସାଇମନଙ୍କ ଇଙ୍ଗିତରେ ଗୃହରକ୍ଷୀ ଆସି ଜୋରେ ଗୁମଚ ଝୋଳ ତାଙ୍କ ପାଟିରେ ଭର୍ତ୍ତି କରିଦେଲା; କିନ୍ତୁ ବୃଦ୍ଧ ତାକୁ ଥୁ ଥୁ କରି ଫିଙ୍ଗିବାକୁ ଚେଷ୍ଟାକଲେ । ଟେବୁଲ ଉପରେ ଓ ତାଙ୍କ ପାଖ ଲୋକଙ୍କ ଉପରେ ଝୋଳର ଛିଟା ପଡ଼ିଗଲା । ପିଲାମାନେ ଏହି ଦୃଶ୍ୟ ଦେଖି ଆନନ୍ଦରେ ହସିବାକୁ ଲାଗିଲେ । ସାଇମନ କହିଲେ,

Digitized by srujanika@gmail.com

"ଦେଖିଲ, ବୁଢ଼ା ପିଲାଙ୍କୁ କେତେ ଆନନ୍ଦ ଦେଉଛି । କିନ୍ତୁ ତାଙ୍କୁ ସ୍ୱାସ୍ଥ୍ୟ ସକାଶେ କଷ୍ଟ ଖୋଳ ଟୁଆଇବାକୁ ହୁଏ ।"

ଖିଆ ଚାଲିଥିଲା ପର୍ଯ୍ୟନ୍ତ ବୃଦ୍ଧଙ୍କ ସନ୍ତତ ଝଙ୍କା ଗୁଳାଥାଏ । ଟେବୁଲ ଉପରେ ଖାଦ୍ୟଦ୍ରବ୍ୟରେ ପୂର୍ଣ୍ଣ ଥାଳିଆମାନ ଦେଖି ସେ ତାକୁ ଆଣିବାପାଇଁ ଥର୍‌ଥର୍ ହାତଟିକୁ ବଢ଼ାଉଥିଲେ; କିନ୍ତୁ ଆଣିପାରୁ-ନଥିଲେ । ସେତେବେଳେ ତାଙ୍କର ଆଖି ଛଳଛଳ ହୋଇ ଯାଉଥିଲା; ଅଙ୍ଗଭଙ୍ଗୀ ଦ୍ୱାରା ସେ ଆକୁଳ ପ୍ରାର୍ଥନା ଜଣାଉଥିଲେ । ବେଳେବେଳେ ତାଙ୍କ କଣ୍ଠରୁ ଅସ୍ପଷ୍ଟ, ଅବୋଧ ଶବ୍ଦ ବାହାରୁଥିଲା । ମଜା ଦେଖିବାପାଇଁ ଖାଦ୍ୟଦ୍ରବ୍ୟ ତାଙ୍କ ହାତ ପାଇବାଭଳି ସ୍ଥାନରେ ରଖା ଯାଉଥିଲା । ସେ ତାକୁ ଧରିବା ପାଇଁ ଯେମିତି ବିଫଳ ପ୍ରୟାସ କରୁଥିଲେ, ପରିବାରର ଲୋକେ ସେତିକି ଆନନ୍ଦ ଉପଭୋଗ କରୁଥିଲେ ।

ଠିକ୍ ତାଙ୍କ ସାମନାରେ ଥିବା ଥାଳିଆରେ କେଇଖଣ୍ଡ ରୁଟି ପକାଗଲା ମାତ୍ରେ ସେ କମ୍ପିତ ହାତରେ ତାହାକୁ ନେଇ ଗିଳି ଦେଉଥିଲେ ଓ ଆଉ ଖଣ୍ଡେ ଖାଇବାର ଆଶା କରୁଥିଲେ । ପଲଉ ସରିଯାଇଥିବାର ଦେଖି ସେ ଆନନ୍ଦରେ ଅଥୟ ହୋଇଗଲେ । ଏହି ସମୟରେ ଗୋନ୍ତାନ୍ କହିଲା, "ବୁଢ଼ାଅଜା, ତୁମେ ଖୁବ୍ ଖାଇଲଣି । ତୁମକୁ ଆଉ ଦିଆହେବ ନାହିଁ ।" ବୃଦ୍ଧଙ୍କର ଦେହ ଥରିଗଲା, ଆଖିରୁ ଲୁହ ଗଡ଼ିପଡ଼ିଲା । ତାହା ଦେଖି ପିଲାମାନେ ହସି ଉଠିଲେ । ଶେଷରେ ବୃଦ୍ଧଙ୍କୁ ଆଉ ପ୍ଲେଟ ରୁଟି ଖଣ୍ଡିଏ ଦିଆଗଲା । ଓଃ ! ବୃଦ୍ଧଙ୍କର କି ଆନନ୍ଦ ! ସେ ପାଦ କଚାଡ଼ି କଚାଡ଼ି ଆଉ ଖଣ୍ଡିଏ ପାଇବାର ଇଚ୍ଛାପ୍ରକାଶ କଲେ । କିନ୍ତୁ ତାଙ୍କ ସ୍ୱାସ୍ଥ୍ୟର ହିତ ଦୃଷ୍ଟିରୁ ଆଉ ଦିଆଗଲା ନାହିଁ ।

Digitized by srujanika@gmail.com

ମୁଁ ବୃଦ୍ଧଙ୍କର ଏହି ଶୋଚନୀୟ ଅବସ୍ଥା ଦେଖି କହିଲି, "ତାଙ୍କୁ ଆଉ କିଛି ପରିଜ ଦେବନାହିଁ ?"

ସାଇମନ ଉତ୍ତରକଲେ, "ନା, ନା ! ଏ ବୟସରେ ଆଉ ବେଶି ଖାଇବାକୁ ଦେଲେ ଚଳିବ ?"

ମୁଁ ଚୂପ୍ କରି ଭାବିବାକୁ ଲାଗିଲି—ହାୟ ! କି ଯୁକ୍ତି ! କି ମିଥ୍ୟା ଜ୍ଞାନ ! ସ୍ୱାସ୍ଥ୍ୟ ନାମରେ ତାଙ୍କୁ ଏକମାତ୍ର ଖାଇବା ଆନନ୍ଦରୁ ମଧ୍ୟ ବଞ୍ଚିତ କରାଯାଉଅଛି । ସ୍ୱାସ୍ଥ୍ୟ ! ସ୍ୱାସ୍ଥ୍ୟରେ ତାଙ୍କର କି ଦରକାର ! ଚର୍ମ କୋଞ୍ଚିତ, ଅଙ୍ଗପ୍ରତ୍ୟଙ୍ଗ ଅବଶ, ଏଥିରେ ସ୍ୱାସ୍ଥ୍ୟପାଇଁ ଚିନ୍ତା ! ସେମାନେ ତାଙ୍କର ସ୍ୱାସ୍ଥ୍ୟପାଇଁ ବ୍ୟାକୁଳତା ଦେଖାଇ ହେଉଅଛନ୍ତି । ତାଙ୍କର ଜୀବନ ଆଉ କେତେଦିନ ପାଇଁ ? ଦଶ, କି ପନ୍ଦର, କି ପଚିଶ ଦିନ ! ତାଙ୍କୁ ବଞ୍ଚାଇ ରଖିବା ପାଇଁ ଏତେ ଆଗ୍ରହ କାହିଁକି ? କୁଟୁମ୍ବର ଲୋକେ ତାଙ୍କର ଅସହାୟ ଅବସ୍ଥାରେ ଆନନ୍ଦ ପାଇବା ପାଇଁ ?

ଏ ଜୀବନରେ ତାଙ୍କର ଆଉ କଅଣ କରିବାର ଅଛି ? ଯାହା କରିବାର ସେ କରିସାରିଅଛନ୍ତି । ତାଙ୍କର ଏକମାତ୍ର ଅଭିଳାଷ, ଏକମାତ୍ର ଆନନ୍ଦ ଖାଇବା । ତାଙ୍କୁ ସେଥିରୁ ବଞ୍ଚିତ କରିବାରେ ଲାଭ କଅଣ ?

ଆହାର ପରେ ତାସଖେଳ ହେଲା । ମୁଁ ଶୋଇବାକୁ ଗଲି; କିନ୍ତୁ ମୋ ମନରେ ଦୁଃଖ । ନିଦ ହେଲନାହିଁ । ଝରକାବାଟେ ବାହାରକୁ ଚାହିଁଲି । କିଛି ଦୂରରେ ଗୋଟିଏ ପକ୍ଷୀ ଡାକୁଥିଲା । ବୋଧହୁଏ ଏହି ରବଦ୍ୱାରା ସେ ତାର ସଙ୍ଗିନୀକୁ ଶାନ୍ତି ଦେଉଥିଲା । ହୁଏତ ସେତେବେଳକୁ ତାର ସଙ୍ଗିନୀ ଡିମ୍ବଗୁଡ଼ିକୁ ଉଷୁମାଉ ଥିଲା ।

Digitized by srujanika@gmail.com

ବନ୍ଧୁଙ୍କର ପାଞ୍ଚୋଟି ସନ୍ତାନଙ୍କ କଥା ମନରେ ପଡ଼ିଲା । ମୁଁ ବନ୍ଧୁଙ୍କୁ ସୌଭାଗ୍ୟଶାଳୀ ମନେ କରି ପାରିଲିନାହିଁ । ମନେ ମନେ କଳ୍ପନା କଲି—ସାଇମନ ତାଙ୍କର ସ୍ତ୍ରୀଙ୍କ ସହିତ ଶୋଇଛନ୍ତି । ପାଖରେ ପାଞ୍ଚୋଟି ପିଲା ।

ନକଲି ଅଲଙ୍କାର

ମିଷ୍ଟର ଲେଭ୍ରନ୍ ମ୍ୟୁନିସିପାଲିଟିର ଡେପୁଟିମ୍ୟାନଙ୍କ ଘରକୁ ଯାଇଥିଲେ । ସେଠାରେ ସେ ଜଣେ ଯୁବତୀଙ୍କୁ ଦେଖିବାକୁ ପାଇଲେ । ଦେଖିଲାମାତ୍ରେ ସେ ଏହି ଯୁବତୀଙ୍କୁ ଭଲ ପାଇ ବସିଲେ ।

ଏହି ଯୁବତୀ ଜଣେ ଡାକ୍ତରଙ୍କର କନ୍ୟା ଓ ଅଳ୍ପଦିନ ପୂର୍ବରୁ ଡାକ୍ତରଙ୍କର ମୃତ୍ୟୁ ହୋଇଯାଇଥିଲା । ବିଧବା ମାତା କନ୍ୟାସହିତ ଆସି ପ୍ୟାରିସରେ ବାସ କରୁଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା କେଉଁରି କନ୍ୟାଟିକୁ ଗୋଟିଏ ସମ୍ଭ୍ରାନ୍ତ ପରିବାରର ଯୁବକ ସହିତ ବିବାହ ଦେବେ । ସେହି ଉଦ୍ଦେଶ୍ୟରେ ସେ ନିଜର ପରିଚିତ ବନ୍ଧୁବାନ୍ଧବମାନଙ୍କ ଘରକୁ ଯିବାଆସିବା କରୁଥିଲେ । ତାଙ୍କର ବିଶେଷ ଧନସମ୍ପତ୍ତି ନଥିଲା । କିନ୍ତୁ ସେ ଶାନ୍ତ, ଧୀର ଓ ନ୍ୟାୟପରାୟଣ ଥିଲେ ।

ତାଙ୍କର ଝିଅଟି ମଧ୍ୟ ବିଶେଷ ଗୁଣବତୀ ଥିଲା । ତାହାଭଳି ଝିଅକୁ ସ୍ତ୍ରୀରୂପେ ଲାଭ କରିବା ଯେ କୌଣସି ବିବେକୀ ଯୁବକଙ୍କର କାମନାର ବିଷୟ ଥିଲା । ତା'ର ସୌନ୍ଦର୍ଯ୍ୟ, ନମ୍ରତା ଓ ହସ ହସ ମୁଖ ଦେଖିଲେ ତାର ଅନ୍ତରର ପବିତ୍ରତା ଓ ସରଳତା ଜଣାପଡ଼

Digitized by srujanika@gmail.com

ଯାଉଥିଲି । ସବୁଠାରେ ତାର ପ୍ରଶଂସା ଶୁଣାଯାଉଥିଲା । ସେମାନେ କହୁଥିଲେ, "ଏହାଠାରୁ ବଳି ଭଲ ପାତ୍ରୀଟିଏ ମିଳିବା ଅସମ୍ଭବ । ଯିଏ ଏହାକୁ ବିବାହ କରିବ, ତାର ଜୀବନ ସୁଖରେ କଟିଯିବ ।"

ମିଷ୍ଟର ଲେମ୍ବ୍ରନ୍‌ଙ୍କର ମନ୍ଦ ଆୟ ନଥିଲା । ତାଙ୍କର ବାର୍ଷିକ ସାନ୍ଦରାଣ ଡଲାର ବେତନ ଥିଲା; ତେଣୁ ବିବାହ କଲେ ସେ ସ୍ୱଚ୍ଛନ୍ଦରେ ଚଳିପାରିବେ ବୋଲି ଆଶା କରିଥିଲେ । ସେ ଏହି ଯୁବତୀଙ୍କୁ ବିବାହ କରିବାର ପ୍ରସ୍ତାବ ଦେଲେ ଓ ଯଥାସମୟରେ ସେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇପଡ଼ିଲେ ।

ପରିବାରଟି ଅତି ସୁଖରେ ଚଳିଲା । ମିସେସ୍ ଲେମ୍ବ୍ରନ୍ ଅଳ୍ପବ୍ୟୟରେ ଏତେ ସୁନ୍ଦର ଭାବରେ ଘର ଚଳାଉଥିଲେ ଯେକୌଣସି ଲୋକ ମନେ କରିବ, ସେମାନେ ଖୁବ୍ ଆଡ଼ମ୍ବରରେ ଚଳୁଅଛନ୍ତି । ସ୍ୱାମୀଙ୍କର ସକଳ ଅଭାବ ଅସୁବିଧା ଦୂର କରିବାରେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ସେ ସ୍ୱାମୀଙ୍କୁ ଏତେ ଆଦର ଓ ସ୍ନେହ କରୁଥିଲେ ଯେ ମିଃ ଲେମ୍ବ୍ରନ୍ ଦିନକୁଦିନ ତାଙ୍କୁ ଅଧିକ ଭଲ ପାଇବାକୁ ଲାଗିଲେ । ସାଧାରଣତଃ ଦେଖାଯାଏ ଯେ ବିବାହର ପରେ ପରେ ପତିପତ୍ନୀ ମଧ୍ୟରେ ଯେଉଁ ସ୍ନେହ ଥାଏ, ତାହା କେତେଦିନ ପରେ କମିଆସେ; କିନ୍ତୁ ଏ କ୍ଷେତ୍ରରେ ଏହି ସାଧାରଣ ନିୟମର ବ୍ୟତିକ୍ରମ ଘଟିଥିଲା । ବିବାହର ଛଅବର୍ଷ ପରେ ମିଃ ଲେମ୍ବ୍ରନ୍ ଅନୁଭବ କଲେ, ସେ ପତ୍ନୀଙ୍କୁ ପୂର୍ବ ଅପେକ୍ଷା ବହୁଗୁଣରେ ଅଧିକ ଭଲ ପାଉଛନ୍ତି ।

ମିଃ ଲେମ୍ବ୍ରନ୍ ପତ୍ନୀଙ୍କଠାରେ ଦୁଇଗୋଟି ଦୁର୍ବଳତା ଦେଖି ତାଙ୍କୁ ସାବଧାନ କରୁଥିଲେ । ଗୋଟିଏ ଦୁର୍ବଳତା ହେଲା, ଥିଏଟର ଦେଖା ଓ ଅନ୍ୟଟି ନକଲି ଅଳଙ୍କାର ପ୍ରତି ଅତ୍ୟଧିକ ଆସକ୍ତି । କେତେକ ବଡ଼ ଅଫିସରଙ୍କ ସ୍ତ୍ରୀମାନଙ୍କ ସହିତ ତାଙ୍କର ପରିଚୟ

Digitized by srujanika@gmail.com

ଥିଲା । ଅନେକ ସମୟରେ ସେମାନେ ତାଙ୍କ ପାଇଁ ଟିକେଟ କରି ଥିଏଟର ଦେଖିବାକୁ ନିମନ୍ତ୍ରଣ କରୁଥିଲେ । ବିଶେଷତଃ କୌଣସି ନୂଆ ନାଟକର ଅଭିନୟ ହେଲେ, ଏ ପ୍ରକାର ନିମନ୍ତ୍ରଣ ଆସୁଥିଲା । ପ୍ରଥମେ ପ୍ରଥମେ ସେ ଏକୁଟିଆ ହୋଇ ଅନ୍ୟର ବ୍ୟୟରେ ଥିଏଟର ଦେଖି ଯିବାପାଇଁ ଅନିଚ୍ଛୁକ ଥିଲେ । କିନ୍ତୁ ସ୍ୱାମୀଙ୍କର ବାରମ୍ବାର ପ୍ରରୋଚନାରେ ବନ୍ଧୁମାନଙ୍କର ଅନୁରୋଧ ରକ୍ଷା କରୁଥିଲେ । ସ୍ୱାମୀ ମଧ୍ୟ ଏଥିରେ ଆନନ୍ଦିତ ହେଉଥିଲେ ।

ଥିଏଟର ଦେଖିଯିବା ସଙ୍ଗେ ତାଙ୍କର ଅଳଙ୍କାର ସ୍ପୃହା ଦେଖାଗଲା । ଏଥିପୂର୍ବରୁ ତାଙ୍କର ବେଶଭୂଷା ଅତି ସାଧାରଣ ଥିଲା । ଏବେ ସେ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ବିବିଧ ଅଳଙ୍କାରରେ ମଣ୍ଡନ କରିବାକୁ ଲାଗିଲେ । ଅବଶ୍ୟ ସେଗୁଡ଼ିକ କୃତ୍ରିମ ପଥରରେ ତିଆରି ବୋଲି ସେ କହୁଥିଲେ । କୃତ୍ରିମ ହୀରାର ଦୁଲ୍, ଗଳାରେ କୃତ୍ରିମ ମୁକ୍ତାର ହାର, ହାତରେ କୃତ୍ରିମ ସୁନାର ବଳୟ ଶୋଭା ପାଇବାକୁ ଲାଗିଲା । ତାଙ୍କର ସ୍ୱାମୀ ଅନେକ ସମୟରେ ପ୍ରତିବାଦ କରି କହୁଥିଲେ, "ପ୍ରିୟେ, ଅସଲ ହୀରା ମୁକ୍ତା ପ୍ରଭୃତି କିଣିବାକୁ ଆମର ଶକ୍ତି ନାହିଁ । ଏଣୁ ନକଲି ପଥର କିଣିବାରେ କି ଲାଭ ? ବରଂ ଈଶ୍ୱର ତୁମକୁ ଯେଉଁ ରୂପ ଓ ଗୁଣ ଦେଇଅଛନ୍ତି ସେ ହେଉଛି ନାରୀ ଜାତିର ଶ୍ରେଷ୍ଠ ଅଳଙ୍କାର । ସେଇଥିରେ ଭୂଷିତ ହେଲେ ତୁମେ ଶୋଭା ପାଇବ ।"

ପତ୍ନୀ ମୁହଁରେ ସାମାନ୍ୟ ହସ ଫୁଟାଇ ଉତ୍ତର ଦେଉଥିଲେ, "ମୁଁ କଅଣ କରିବି ? ସେ ମୋର ଗୋଟାଏ ଦୁର୍ବଳତା । ମୁଁ ଅଳଙ୍କାରକୁ ଅତିରିକ୍ତ ଭଲ ପାଏ । ମୋର ପ୍ରକୃତିକୁ କଅଣ ବଦଳାଇ ପାରିବ ?" ଏହାପରେ ସେ ମୁକ୍ତାର ହାରଟିଏ ହାତରେ ହଲାଇ ହଲାଇ କହୁଥିଲେ, "ଦେଖିଲ, କେଡ଼େ ସୁନ୍ଦର

Digitized by srujanika@gmail.com

ଦିଶୁଛି ? ଯେ କେହି ଦେଖିଲେ ମନେ କରିବ, ଏଇଟି ଗୋଟିଏ ଅସଲ ମୁକ୍ତାହାର ।"

ମି: ଲେମ୍ବନ୍ ହସି ହସି କହୁଥିଲେ, "ପ୍ରିୟେ, ତୁମର ରୁଚି ଅଦ୍ଭୁତ ।"

ଅନେକଦିନ ସନ୍ଧ୍ୟା ସମୟରେ ଦୁହେଁଯାକ ଗପ୍ପ ଖାଉଥିବା-ବେଳେ ମିସେସ୍ ଲେମ୍ବନ୍ ଏହି ଅଳଙ୍କାର ରହୁଥିବା ଚମଡ଼ା ବାକ୍ସଟି ଆଣି ଟେବୁଲ ଉପରେ ରଖି ସେଥିରୁ ଗୋଟିଏ ଗୋଟିଏ ଅଳଙ୍କାର ବାହାର କରି ନିରେଖି ଦେଖୁଥିଲେ । ବେଳେବେଳେ ହାରଟିଏ ସ୍ୱାମୀଙ୍କ ଗଳାରେ ଲମ୍ବାଇ ଦେବାକୁ ଜିଦ୍ କରୁଥିଲେ । ଏହି ଅଳଙ୍କାରରୁ ସେ ଏକପ୍ରକାର ରହସ୍ୟମୟ ଆନନ୍ଦ ଅନୁଭବ କରୁଥିବାର ଅନୁମିତ ହେଉଥିଲା । ସ୍ୱାମୀଙ୍କ ଗଳାରେ ହାର ଦେଖି ସେ ଚିତ୍କାର କରୁଥିଲେ, "ବାଃ ! କି ଚମତ୍କାର !" ତତ୍ପରେ ଅତି ଆଦରରେ ସେ ସ୍ୱାମୀଙ୍କୁ ଆଲିଙ୍ଗନ କରୁଥିଲେ ।

ଶୀତଦିନ ରାତିରେ ମିସେସ ଲେମ୍ବନ୍ ଗୋଟିଏ ଅପେରା ଦେଖି ଯାଉଥିଲେ । ଫେରିଲାବେଳକୁ ସେ ଜାଡ଼ରେ ଏକବାରେ ଭିଜି ଯାଉଥିଲେ । ପରଦିନ ସକାଳେ ତାଙ୍କର ଭୀଷଣ କାଶ ହେଲା । ଫୁସଫୁସ୍‌ର ପ୍ରଦାହ ରୋଗରେ ଆଠଦିନ ପରେ ତାଙ୍କର ମୃତ୍ୟୁ ଘଟିଲା ।

ଏଭଳି ସ୍ତ୍ରୀର ମୃତ୍ୟୁରେ ମି: ଲେମ୍ବନ୍ ଏକବାରେ ମ୍ରିୟମାଣ ହୋଇପଡ଼ିଲେ । ମାସକ ମଧ୍ୟରେ ତାଙ୍କ ମସ୍ତକର କେଶ ଶୁକ୍ଳବର୍ଣ୍ଣ ଧାରଣ କଲା । ଦୁଃଖରେ ତାଙ୍କର ହୃଦୟ ବିଦୀର୍ଣ୍ଣ ହୋଇଗଲା ଓ ସେ ସର୍ବଦା କ୍ରନ୍ଦନ କରିବାକୁ ଲାଗିଲେ । ମୃତ ପତ୍ନୀଙ୍କର ହାସ୍ୟପୂର୍ଣ୍ଣ ମୁଖ, ମଧୁର କଣ୍ଠସ୍ୱର ଓ ତାଙ୍କର ରୂପକଥା ସ୍ମରଣ କରି ସେ ଦିନକୁଦିନ କ୍ଷୀଣ ହେବାକୁ ଲାଗିଲେ ।

Digitized by srujanika@gmail.com

ସମୟ ଚାଲିଲା; କିନ୍ତୁ ତାଙ୍କର ବିଷାଦ ହ୍ରାସ ପାଇଲା ନାହିଁ । ଅଫିସ ସମୟରେ ତାଙ୍କର ସହକର୍ମୀମାନେ ଦୈନନ୍ଦିନ ଘଟଣା ବିଷୟରେ ଆଲୋଚନା କରୁଥିଲାବେଳେ ସେ ଦୁଃଖରେ କାନ୍ଦି ପକାଉଥିଲେ । ତାଙ୍କ ସ୍ତ୍ରୀଙ୍କ କୋଠରିର ଜିନିଷପତ୍ର ତାଙ୍କ ମୃତ୍ୟୁପୂର୍ବରୁ ଯେପରି ଥିଲା, ଠିକ୍ ସେହିପରି ରହିଥିଲା । ପ୍ରତିଦିନ ସେ ସେହି ଘରେ ବସି କିଛି ସମୟ ପର୍ଯ୍ୟନ୍ତ ପତ୍ନୀଙ୍କର ରୂପଗୁଣ ସ୍ମରଣ କରୁଥିଲେ ।

ଦିନକୁଦିନ ତାଙ୍କର ଜୀବନ କଷ୍ଟକର ହୋଇପଡ଼ିଲା । ଯେଉଁ ଆୟରେ ମିସେସ୍ ଲେନ୍ତିନ୍ ଦୁଇ ଜଣଙ୍କର ଖର୍ଚ୍ଚ ସ୍ୱଚ୍ଛନ୍ଦରେ ଚଳାଉଥିଲେ, ତାହା ଏବେ ତାଙ୍କର ନିଜର ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ ମଧ୍ୟ ଅଣ୍ଟିଲା ନାହିଁ । ତାଙ୍କର ପତ୍ନୀ ଯେ ସେହି ଆୟରେ କିପରି ଏତେ ଉତ୍କୃଷ୍ଟ ମଦ୍ୟ ଓ ସୁନ୍ଦର ସୁନ୍ଦର ଖାଦ୍ୟଦ୍ରବ୍ୟର ବ୍ୟବସ୍ଥା କରିପାରୁଥିଲେ, ତାହା ଭାବି ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା ।

ସେ କିଛି ଋଣ କରିବାକୁ ବାଧ୍ୟ ହେଲେ । ଶେଷରେ ସେ ନିତାନ୍ତ ଦରିଦ୍ର ହୋଇଗଲେ । ଦିନେ ସକାଳେ ସେ ଦେଖିଲେ, ତାଙ୍କ ପାଖରେ କିଛି ହେଲେ ନାହିଁ । କୌଣସି ଜିନିଷ ବିକି କରି ଚଳିବା ପାଇଁ ସେ ସ୍ଥିର କଲେ । ମୃତ ପତ୍ନୀଙ୍କର ନକଲି ଅଳଙ୍କାର କଥା ତାଙ୍କର ମନେ ପଡ଼ିଲା । ଅତୀତରେ ଏଗୁଡ଼ିକ ତାଙ୍କୁ ଅସ୍ଥିର କରୁଥିଲା ଓ ଏଗୁଡ଼ିକ ଦେଖିଲେ ତାଙ୍କର ପୂର୍ବ ସ୍ମୃତି ଜାଗ୍ରତ ହେଉଥିଲା । ସେ ଏସବୁ ବିକିଦେବାକୁ ମନସ୍ଥ କଲେ ।

ଜୀବନର ଶେଷ ଅବସ୍ଥା ପର୍ଯ୍ୟନ୍ତ ତାଙ୍କର ସ୍ତ୍ରୀ ପ୍ରାୟ ପ୍ରତିଦିନ କିଛି ନା କିଛି ନକଲି ଅଳଙ୍କାର କିଣୁଥିଲେ । ଗୋଟିଏ ବଡ଼ ନକଲି ହୀରାର ହାର ତାଙ୍କର ଅତି ପ୍ରିୟ ଥିଲା । ଏହାର କାଚଗଣ୍ଡି

Digitized by srujanika@gmail.com

ଅତି ଉଚ୍ଚ ଧରଣର ଥିଲା । ସେ ଭାବିଲେ, ଏହାକୁ ବିକ୍ରି କଲେ ଛଅ, ସାତ ଫ୍ରାଙ୍କ ମିଳିଯାଇବ ।

ସେ ହାରଟିକୁ ପକେଟରେ ପୂରାଇ ଗୋଟିଏ ଜହ୍ଲରି ଦୋକାନରେ ପହଞ୍ଚିଲେ । ଏପରି ଗୋଟିଏ ମୂଲ୍ୟହୀନ ନକଲି ଜିନିଷ ଦେଖାଇବାକୁ ତାଙ୍କୁ ଲଜ୍ଜା ବୋଧ ହେଉଥିଲା । ଏହାକୁ ବିକ୍ରି କରିବା କଥା ସେ କିପରି ପ୍ରକାଶ କରିବେ ?

କୌଣସିମତେ ସେ ହାରଟିକୁ ଦୋକାନୀକୁ ଦେଖାଇ ପଚାରିଲେ, "ମହାଶୟ, ଏହାର ମୂଲ୍ୟ କେତେ ହେବ କହି-ପାରିବେ କି ?"

ଦୋକାନୀ ହାରଟିକୁ ଧରି ପରୀକ୍ଷା କଲା ଓ ନିଜର ଗୁମାସ୍ତାକୁ ଡାକି ତା ସଙ୍ଗେ ଚୁପ୍‌ଚୁପ୍ ହୋଇ ପରାମର୍ଶ କଲା । ତାପରେ ହାରଟିକୁ ଟେବୁଲ ଉପରେ ଥୋଇ ଦୂରକୁ ଚାହିଁଲା ।

ଦୋକାନୀର ଏ ପ୍ରକାର କାର୍ଯ୍ୟ ଦେଖି ମି: ଲେଭ୍ରନ୍ ମନେ ମନେ ବିରକ୍ତ ହୋଇ କହି ଆସୁଥିଲେ—'ଓଃ, ଏତେ ଦେଖିବାରେ କି ଦରକାର । ମୁଁ ଜାଣେ, ଏହା ନକଲି; ମୂଲ୍ୟ ପ୍ରାପ୍ୟ କିଛି ନୁହେ ।' କିନ୍ତୁ ଏହି ସମୟରେ ଦୋକାନୀ କହିଲା, "ମହାଶୟ, ଏହାର ମୂଲ୍ୟ ବାରହଜାରଠାରୁ ପନ୍ଦରହଜାର ଫ୍ରାଙ୍କ ପର୍ଯ୍ୟନ୍ତ ହେବ । କିନ୍ତୁ ଏହା ଆପଣ କେଉଁଠାରୁ ପାଇଲେ, ତାହା ନ ଜାଣିବା ପର୍ଯ୍ୟନ୍ତ ମୁଁ ଏହାକୁ କିଣି ନପାରେ ।"

ବାସ୍ତବରେ ମି: ଲେଭ୍ରନ୍‌ଙ୍କର ଚକ୍ଷୁ ବିସ୍ଫାରିତ ହୋଇଗଲା । ଦୋକାନୀର କଥାକୁ ସେ ବିଶ୍ୱାସ କରିପାରିଲେ ନାହିଁ । ସତ ନା ପରିହାସ ! ଶେଷରେ ସେ କହିଲେ, "ଆପଣଙ୍କ କଥା ଠିକ୍ ତ ?" ଦୋକାନୀ ଉତ୍ତର କଲା, "ଆପଣ ଅନ୍ୟ ଦୋକାନରେ ବୁଝିପାରନ୍ତି, ଯଦି କେହି ଏଥିରୁ ଅଧିକ ଦିଏ । ମୋ ବିଚାରରେ ଏହାର ମୂଲ୍ୟ

Digitized by srujanika@gmail.com

ଖୁବ ବେଶି ହେଲେ ପନ୍ଦରହଜାର ଫ୍ରାଙ୍କ ହୋଇପାରେ । ଏଥିରୁ ଯଦି କେହି ଅଧିକ ନଦିଏ, ତେବେ ମୋ ପାଖକୁ ନେଇଆସିବେ ।”

ମି: ଲେମ୍ବନ୍ ବିସ୍ମୟରେ ଅଭିଭୂତ ହୋଇଗଲେ । ସେ ହାରଟିକୁ ପୁଣି ପକେଟରେ ପୂରାଇ ଦୋକାନରୁ ବାହାରି ଆସିଲେ । ସେ ବାହାରକୁ ଆସି ଚିନ୍ତାକଲେ —“ଲୋକଟା ନିହାତି ବୋକା । ଏହାତ କଥାରେ ବିଶ୍ୱାସ କରିବାର ନୁହେ । ସେ ଅସଲହୀରା କଏ, ନକଲି ହୀରା କଏ ଚିହ୍ନିପାରୁନାହିଁ !”

କିଛି ସମୟପରେ ସେ ବଜାରର ଆଉ ଗୋଟିଏ ଦୋକାନରେ ପହଞ୍ଚିଲେ । ହାରଟିକୁ ଦେଖିଲାମାତ୍ରେ ଦୋକାନୀ କହିଲା, “ଆରେ, ଦେଖିଲାକ୍ଷଣି ଚିହ୍ନିପାରିଲି । ଏହା ଆମର ଦୋକାନରୁ କିଣା ହୋଇଥିଲା ।”

ମି: ଲେମ୍ବନ୍ ବିଚଳିତ ହୋଇ ପଚାରିଲେ, “ଦାମ୍ କେତେ ?”

ଉତ୍ତର ମିଳିଲା, “ମୁଁ ଏହାକୁ କୋଡ଼ିଏହଜାର ଫ୍ରାଙ୍କରେ ବିକିଥିଲି । ମୁଁ ଏହାକୁ ଅଠରହଜାର ଫ୍ରାଙ୍କ୍ ମୂଲ୍ୟରେ କିଣିନେବାକୁ ପ୍ରସ୍ତୁତ ଅଛି । କିନ୍ତୁ ଆପଣଙ୍କ ହାତକୁ ଏହା କିପରି ଆସିଲା, ତାହାର ପ୍ରମାଣ ଆପଣଙ୍କୁ ଦେବାକୁ ହେବ । ଏଇଟା ହେଉଛି ସାଧାରଣ ନିୟମ ।”

ଏଥର ମି: ଲେମ୍ବନ୍ ଏକବାରେ ସ୍ତମ୍ଭୀଭୂତ ହୋଇଗଲେ । ସେ କହିଲେ, “କିନ୍ତୁ ଆପଣ ଭଲକରି ପରୀକ୍ଷା କରି ଦେଖନ୍ତୁ । ଏ ପର୍ଯ୍ୟନ୍ତ ମୋର ଧାରଣା ଯେ ଏହା ନକଲି ଜିନିଷ ।”

“ଆପଣଙ୍କର ନାମ କଅଣ ?” ଦୋକାନୀ ପଚାରିଲା । ମି: ଲେମ୍ବନ୍ ଉତ୍ତରକଲେ, “ମୋର ନାମ ମି: ଲେମ୍ବନ୍ । ମୁଁ ମନ୍ତ୍ରୀ-

Digitized by srujanika@gmail.com

ମଣ୍ଡଳର ଘରେଇ ବିଭାଗରେ ଚାକିରି କରେ । ମୋର ଠିକଣା ହେଉଛି, ୧୭ ନମ୍ବର, ରଉ ଦେସ୍ ମାର୍ଟାର୍ସ ।”

ଦୋକାନୀ ତାର ହିସାବଖାତା ବାହାର କରି ଦେଖିଲା । କିଛି ସମୟ ପରେ ସେ କହିଲା, “ହଁ, ମିଳିଲା । ଏ ହାରଟି ୧୮୭୬ ମସିହା ଜୁଲାଇ ୨୦ ତାରିଖରେ ମିସେସ୍ ଲେଭ୍ରନଙ୍କର ୧୭ ନମ୍ବର ରଉ ଦେସ୍ ମାର୍ଟାର୍ସ ଠିକଣାକୁ ପଠାଯାଇଥିଲା ।”

ଦୁହେଁ ପରସ୍ପରଙ୍କୁ ଚାହିଁ ରହିଲେ । ବିସ୍ମୟରେ ମି: ଲେଭ୍ରନଙ୍କ ମୁହଁରୁ କଥା ବାହାରିଲା ନାହିଁ । ଦୋକାନୀର ସନ୍ଦେହ, ଏହା ଚୋରି ମାଲ ହୋଇଥିବ । ଶେଷରେ ଦୋକାନୀ କହିଲା, “ଆପଣ ଦିନକ ପାଇଁ ହାରଟି ରଖିଦେଇ ଯାଇପାରିବେ ? ଅବଶ୍ୟ ମୁଁ ସେଥିର ଉପଯୁକ୍ତ ରସିଦ ଦେବି ।”

ମି: ଲେଭ୍ରନ୍ ଉତ୍ତର କଲେ, “ନିଶ୍ଚୟ ! ସେଥିରେ ମୋର ଆପତ୍ତି କରିବାର କିଛି କାରଣ ନାହିଁ ।” ସେ ଦୋକାନୀଠାରୁ ରସିଦ ଖଣ୍ଡିକ ନେଇ ଚାଲିଗଲେ ।

ତାଙ୍କର ମସ୍ତିଷ୍କ ବିଚଳିତ ହୋଇଗଲା । ଅନେକ ବେଳ-ପର୍ଯ୍ୟନ୍ତ ସେ ବଜାରରେ ବୁଲି ଚିନ୍ତା କରିବାକୁ ଲାଗିଲେ—“ମୋର ଯେଉଁ ଆୟ, ସେଥିରେ ଏତେ ମୂଲ୍ୟବାନ୍ ହାର କିଣା ଯାଇଥିବା ଅସମ୍ଭବ । ତେବେ ଏହା କିପରି ଆସିଲା ? ନିଶ୍ଚୟ କେହି ଉପହାର ଦେଇଥିବ । ଯଦି ଉପହାର ହୋଇଥିବ, ତେବେ କିଏ ଦେଲା ? କାହିଁକି ବା ଦେଲା ?”

ବଜାର ମଝିରେ ସେ ଛିଡ଼ା ହୋଇଗଲେ । ତାଙ୍କ ମନରେ ସ୍ୱର୍ଗତ ପତ୍ନୀଙ୍କ ବିଷୟରେ ଗୋଟାଏ ଭୀଷଣ ସନ୍ଦେହ ପ୍ରବେଶ କଲା । ତାହାହେଲେ ଅନ୍ୟ ସବୁ ଅଳଙ୍କାର ମଧ୍ୟ ସେହିପରି ହୋଇଥିବ । କିଏ ଦେଲା ? କାହିଁକି ଦେଲା ? ତାଙ୍କ ପାଦତଳୁ ପୃଥିବୀ କମ୍ପିଗଲା

Digitized by srujanika@gmail.com

ପରି ବୋଧ ହେଲା; ତାଙ୍କର ମନେ ହେଲା, ଆଗରେ ଥିବା ଗଛଟା ତଳେ ପଡ଼ିଯାଉଅଛି । ସେ ଅଚେତ ହୋଇ ତଳେ ପଡ଼ିଗଲେ । ବଜାରର କେତେ ଜଣ ଲୋକ ଦୟା କରି ତାଙ୍କୁ ଗୋଟିଏ ଡାକ୍ତରଙ୍କ ପାଖକୁ ନେଇଗଲେ । ଚେତା ଫେରିଆସିବାରୁ ତାଙ୍କୁ ନିଜ ଘରକୁ ପଠାଇ ଦିଆଗଲା । ରାତିଟିଯାକ ସେ ଘୋର ଅଶାନ୍ତିରେ ବିଛଣାରେ ପଡ଼ି ରହିଲେ ।

ପରଦିନ ସକାଳୁ ଉଠି ସେ ଅଫିସକୁ ଯିବାପାଇଁ ପ୍ରସ୍ତୁତ ହେଲେ । ଏତେ ବଡ଼ ଆଘାତ ପାଇଲାପରେ ଅଫିସରେ କାମ କରିବା ଅସମ୍ଭବ ବୋଧ ହେଲା । ଉର୍ଦ୍ଧ୍ୱତନ କର୍ମଚାରୀଙ୍କ ପାଖକୁ ସେ ଖଣ୍ଡିଏ ଛୁଟି ଦରଖାସ୍ତ ପଠାଇଦେଲେ । ତାଙ୍କର ମନେ ପଡ଼ିଗଲା, ଜହରୀ ଦୋକାନକୁ ଯିବାକୁ ହେବ । ଯିବାପାଇଁ ଇଚ୍ଛା ହେଉ ନଥିଲା; କିନ୍ତୁ ତାହାଠାରୁ ହାରଟି ନେଇ ଆସିବା ଦରକାର । ତେଣୁ ସେ ପୋଷାକ ପିନ୍ଧି ବାହାରି ପଡ଼ିଲେ ।

ପରିଷ୍କାର ଦିନ । ସହରଟି କର୍ମମୁଖର । ତା ଉପରେ ସଫେଦ ଅବା ନୀଳ ଆକାଶ ହସୁଛି । ଯେଉଁମାନଙ୍କର ଅବସର ଅଛି, ସେମାନେ ପକେଟରେ ହାତ ପୂରାଇ ଆନନ୍ଦରେ ରାସ୍ତା ଉପରେ ବୁଲୁଛନ୍ତି ।

ସେମାନଙ୍କୁ ଦେଖି ମି: ଲେଣ୍ଟ୍ରନ୍ ମନେ ମନେ କହିଲେ, "ଧନୀମାନେ ହିଁ ପ୍ରକୃତରେ ସୁଖୀ । ପଇସା ଥିଲେ ଯେଉଁ ଖାଁ ଦୁଃଖ ମଧ୍ୟ ଭୁଲି ହୋଇଯିବ । ଯେକୌଣସି ସ୍ଥାନକୁ ଇଚ୍ଛା କଲେ ଯାଇ ହେବ । ଦୁଃଖର ପ୍ରଧାନ ଔଷଧ ହେଉଛି ଭ୍ରମଣ । ଧନ ଥିଲେ ମନୁଷ୍ୟ ନାନାସ୍ଥାନରେ ଭ୍ରମଣ କରି ମନର ପରିବର୍ତ୍ତନ କରିପାରିବ । ହାୟ ! ମୋର ଧନ ଥାଆନ୍ତା କି ?"

Digitized by srujanika@gmail.com

ତାଙ୍କୁ କ୍ଷୁଧା ହେଉଥିଲା । କିନ୍ତୁ ପକେଟ ଏକବାରେ ଶୂନ୍ୟ । ହାର କଥା ପୁଣି ମନେ ପଡ଼ିଲା । ଅଠର ହଜାର ଫ୍ରାଙ୍କ୍ ! ଉଃ, ସେ କେତେ ଟଙ୍କା !

ସେ ଜହ୍ନରୀ ଦୋକାନ ଆଗ ପାଖରେ ଛିଡ଼ା ହେଲେ । ଦୋକାନ ଭିତରକୁ ପଶିଯିବା ପାଇଁ ତାଙ୍କର ମନ ହେଉଥାଏ; କିନ୍ତୁ ସାହସ ହେଉ ନଥାଏ । ଲଜରେ ସେ ଯାଇ ପାରୁ ନଥାନ୍ତି । ଏଣେ ଭୋକର ଜ୍ୱାଳା; ପକେଟ ଶୂନ୍ୟ । ସେ ଭାବ ଚାବ ହଠାତ୍ ଦୋକାନ ଭିତରକୁ ପଶିଗଲେ ।

ଦୋକାନୀ ଖାତିର ଦେଖାଇ ତାଙ୍କୁ ଗୋଟିଏ ଚଉକିରେ ବସାଇଦେଲା । ଦୋକାନର କିରାଣୀମାନେ ତାଙ୍କୁ ସମ୍ଭ୍ରମସହକାରେ ଚାହିଁ ରହିଲେ । ଦୋକାନୀ କହିଲା, "ମହାଶୟ, ଏଥିମଧ୍ୟରେ ମୁଁ ସନ୍ଧାନ ନେଇ ବୁଝିଛି । ଯଦି ଆପଣ ଏହାକୁ ବିକିବା ସ୍ଥିର କରି-ଥାନ୍ତି, ତେବେ ମୁଁ ସେହି ଦାମ୍‌ରେ କିଣି ନେବାକୁ ପ୍ରସ୍ତୁତ ଅଛି ।"

ମି: ଲେଭ୍ରନ୍ କହିଲେ, "ନିଶ୍ଚୟ, ବିକିଦେବା ମୋର ଅଭିପ୍ରାୟ ।"

ଦୋକାନୀ ସିନ୍ଦୁକରୁ ଅଠରଖଣ୍ଡି ହଜାର ଫ୍ରାଙ୍କ୍‌ର ନୋଟ ବାହାର କରି ମି: ଲେଭ୍ରନ୍‌ଙ୍କ ହାତକୁ ଗଣିଦେଲା । ମି: ଲେଭ୍ରନ୍ ଯଥାବିଧି ରସିଦ୍ ଲେଖିଦେଇ ନୋଟତକ ପକେଟରେ ପୂରାଇଲେ । ସେତେବେଳେ ତାଙ୍କ ହାତ ଥରୁଥିଲା ।

ଦୋକାନରୁ ବାହାରି ଆସିଲାବେଳକୁ ସେ ବୁଲିପଡ଼ି ଦୋକା-ନୀକୁ କହିଲେ, "ମୋ ପାଖରେ ଆହୁରି ଗୁଡ଼ିଏ ଅଳଙ୍କାର ଅଛି । ଏ ହାର ଯେଉଁଠାରୁ ପାଇଥିଲି, ସେଗୁଡ଼ିକ ମଧ୍ୟ ସେହିଠାରୁ ପାଇଛି । ଆପଣ ସେଗୁଡ଼ିକୁ କିଣିବେ କି ?"

ଦୋକାନୀ ବିନମ୍ରଭାବରେ ଉତ୍ତର କଲା, "ନିଶ୍ଚୟ ।"

Digitized by srujanika@gmail.com

"ତାହାହେଲେ ମୁଁ ସେସବୁ ଆଣି ଆସୁଛି" ମି: ଲେଣ୍ଟନ୍ କହିଲେ । ଘଣ୍ଟାକ ପରେ ସେ ପୁଣି ଅଳଙ୍କାର ସହିତ ଦୋକାନରେ ଉପସ୍ଥିତ ହେଲେ ।

ହୀରାର ଦୁଲ୍‌ର ଦାମ୍ କୋଡ଼ିଏ ହଜାର ଫ୍ରାଙ୍କ୍, ବଳୟ ଯୋଡ଼ିକର ଦାମ୍ ପାଇଁ ପଇଁତିରିଶ ହଜାର ଫ୍ରାଙ୍କ୍, ହୀରା ପଦକ ସହିତ ହାରଟିର ଦାମ୍ ଚାଳିଶ ହଜାର ଫ୍ରାଙ୍କ୍ ଇତ୍ୟାଦି । ମୋଟ ମୂଲ୍ୟ ଏକଲକ୍ଷ ତେୟାଳିଶ ହଜାର ଫ୍ରାଙ୍କ୍ ।

ଦୋକାନୀ ବ୍ୟଙ୍ଗ କଲାପରି କହିଲା, "ସ୍ତ୍ରୀଲୋକଟି ତାଙ୍କର ସବୁ ସମ୍ପତ୍ତି କେବଳ ମୂଲ୍ୟବାନ୍ ପଥର ଆକାରରେ ରଖିଥିଲେ ।"

ମି: ଲେଣ୍ଟନ୍ ଗମ୍ଭୀର ଭାବରେ ଉତ୍ତର କଲେ, "ସେ ମଧ୍ୟ ସଞ୍ଚୟ କରିବାର ଅନ୍ୟ ଏକ ପନ୍ଥା ।"

ସେଦିନ ମି: ଲେଣ୍ଟନ୍ ଭେସିନ୍ ହୋଟେଲରେ ଖାଇଲେ । କେବଳ ମଦରେ ବହୁତ ଖରଚ ହୋଇଗଲା; କାରଣ ତାହାର ମୂଲ୍ୟ ବୋତଲ ପ୍ରତି କୋଡ଼ିଏ ଫ୍ରାଙ୍କ୍ ।

ଏହାପରେ ସେ ଗୋଟିଏ ଗାଡ଼ି ଭଡ଼ା କରି ସହରର ପ୍ରଧାନ ରାସ୍ତାମାନଙ୍କରେ ବୁଲିଗଲେ । ସେ ଅନ୍ୟମାନଙ୍କୁ ଅବଜ୍ଞାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ଭାବୁଥିଲେ, "ମୁଁ ମଧ୍ୟ ଧନୀ । ମୋର ମଧ୍ୟ ଦୁଇ ଲକ୍ଷ ଫ୍ରାଙ୍କ୍ ଅଛି ।"

ହଠାତ୍ ଅଫିସ କଥା ମନେ ପଡ଼ିଗଲା । ସେ ଗାଡ଼ିରେ ବସି ଅଫିସକୁ ଗଲେ; ଊର୍ଦ୍ଧ୍ୱତନ ଅଫିସରଙ୍କୁ କହିଲେ, "ମହାଶୟ, ମୁଁ ଚାକିରିରୁ ଇସ୍ତଫା ଦେବାକୁ ଆସିଛି । ମୁଁ ଉତ୍ତରାଧିକାରୀ ସୂତ୍ରେ ତିନି ଲକ୍ଷ ଫ୍ରାଙ୍କ୍ ପାଇଛି ।"

ସେ ନିଜର ପୂର୍ବତନ ସହକର୍ମୀମାନଙ୍କଠାରୁ ବିଦାୟ ନେଲେ ଓ ନିଜର ଭବିଷ୍ୟତ କଳ୍ପନା ବିଷୟ ସେମାନଙ୍କୁ ବିଶ୍ୱାସରେ

Digitized by srujanika@gmail.com

କହିଲେ । ଅଫିସରୁ ବିଦାୟ ନେଇ ସେ ସହରର ପ୍ରଧାନ ହୋଟେଲରେ ଯାଇ ଭୋଜନ କଲେ । ଖାଇବାବେଳେ ସେ ଜଣେ ସମ୍ଭ୍ରାନ୍ତ ଲୋକଙ୍କ ପାଖରେ ବସିଥିଲେ । ଖାଉ ଖାଉ ସେ ତାଙ୍କୁ ବିଶ୍ୱାସରେ କହିଲେ, "ମୁଁ ଆଜ ଉତ୍ତରାଧିକାରୀ ସୂତ୍ରେ ଦୁଇଲକ୍ଷ ପାଉଣ୍ଡ ପାଇଅଛି ।"

ଜୀବନରେ ସେ ପ୍ରଥମ ଥର ପାଇଁ ଥିଏଟର ଦେଖିବାକୁ ଆଗ୍ରହ ପ୍ରକାଶ କଲେ । ସନ୍ଧ୍ୟାରେ ଥିଏଟର ଦେଖି ସେ ରାତିର ଅବଶିଷ୍ଟ ଅଂଶ ମଉଜ ମଜଲିସ୍‌ରେ କଟାଇଦେଲେ ।

ଏହି ଘଟନାର ଛଅମାସ ପରେ ସେ ପୁଣି ବିବାହ କଲେ । ତାଙ୍କର ଏହି ଦ୍ୱିତୀୟ ପତ୍ନୀ ଧର୍ମପରାୟଣା ଥିଲେ କିନ୍ତୁ ତାଙ୍କର ସ୍ୱଭାବ ନିତାନ୍ତ ରୁକ୍ଷ ଥିଲା । ସେ ସ୍ୱାମୀଙ୍କୁ ଜୀବନରେ ନାନା ଦୁଃଖ ଦେଇଥିଲେ ।

ମୃତ ବ୍ୟକ୍ତିର ଶଯ୍ୟାପାର୍ଶ୍ୱରେ

ଲୋକଟି ଯକ୍ଷ୍ମାରୋଗଗ୍ରସ୍ତ । ତେଣୁ ସେ ଧୀରେ ଧୀରେ ମୃତ୍ୟୁର ନିକଟବର୍ତ୍ତୀ ହେଉଥିଲା । ମୁଁ ଦେଖୁଥିଲି, ସେ ପ୍ରତିଦିନ ଠିକ୍ ଦୁଇଟାବେଳେ ଝରକାପାଖକୁ ଆସି ନୀଳତରଙ୍ଗ ସମୁଦ୍ରକୁ ମୁହଁ କରି ବେଞ୍ଚ ଉପରେ ବସୁଥିଲେ । କିଛି ସମୟପାଏ ସେ ସ୍ଥିର ହୋଇ ସୂର୍ଯ୍ୟକିରଣରେ ବସି ରହୁଥିଲେ ଓ ବିଷଣ୍ଣଭାବରେ ଭୂମଧ୍ୟସାଗରକୁ ଚାହିଁଥିଲେ । ସମୟ ସମୟରେ ସମୁଦ୍ରକୂଳର ଧୂମମୟ ପର୍ବତଶିଖର ଉପରେ ତାଙ୍କର ଦୃଷ୍ଟି ପଡ଼ୁଥିଲା । ଏହାପରେ ସେ ଧୀରେ କ୍ଷୀଣ ଗୋଡ଼ ଦୁଇଟି ଛନ୍ଦିଦେଇ ଖଣ୍ଡିଏ ବହି ଖୋଲୁଥିଲେ । ସବୁଦିନ

Digitized by srujanika@gmail.com

ସେଇ ଏକା ବହି । ବହି ପଢ଼ିବାରେ ସେ ଏକବାରେ ମଜ୍ଜି ଯାଉଥିଲେ । ସନ୍ଧ୍ୟାବେଳକୁ ଥଣ୍ଡା ପବନ ବହିଲେ ତାଙ୍କର କାଶ ହେଉଥିଲା । ସେ ବହି ବନ୍ଦ କରି ହୋଟେଲ ଭିତରକୁ ଚାଲି-ଯାଉଥିଲେ ।

ଲୋକଟି ଜଣେ ଜର୍ମାନ । ଦେଖିବାକୁ ବେଶ୍ ଡେଙ୍ଗା; ମୁହଁରେ ଦାଢ଼ି । ସେ ନିଜ କୋଠରିରେ ଖିଆପିଆ କରୁଥିଲେ । କାହାରି ସହିତ ତାଙ୍କର କଥାବାର୍ତ୍ତା ନଥିଲା ।

ଏହି ଭଦ୍ରଲୋକଙ୍କ ବିଷୟରେ ମୋର କୌତୂହଳ ଜାତ ହେଲା । ଦିନେ ମୁଁ ଯାଇ ତାଙ୍କ ପାଖରେ ବସିଲି । କେବଳ ଦେଖାଇ ହେବାପାଇଁ ମୁଁ ମଧ୍ୟ ହାତରେ ଖଣ୍ଡିଏ ବହି ଧରିଥିଲି । ବହିଟି ହେଉଛି ମୁସେତଙ୍କର ଖଣ୍ଡିଏ କବିତା ବହି ।

ହଠାତ୍ ସେହି ଭଦ୍ରଲୋକ ମୋତେ ଫରାସି ଭାଷାରେ ପଚାରିଲେ, "ମହାଶୟ, ଆପଣ ଜର୍ମାନ ଭାଷା ଜାଣନ୍ତି ?"

ମୁଁ ଉତ୍ତର କଲି, "ଆଜ୍ଞା, ମୁଁ ସେ ଭାଷା ଆଦୌ ଜାଣେ ନାହିଁ ।"

ସେ ପୁଣି କହିଲେ, "ଦୁଃଖର କଥା । ଦୈବାତ୍ ଯେତେ-ବେଳେ ଆମ ଦୁହିଁଙ୍କର ଭେଟ ହୋଇଛି, ମୁଁ ବହିଖଣ୍ଡି ଆପଣଙ୍କୁ ପଢ଼ିବାପାଇଁ ଦେଇଥାନ୍ତି । ଏ ବହିଖଣ୍ଡି ଯେ କେଡ଼େ ମୂଲ୍ୟବାନ୍ ତାହା ବୁଝାଇ ପାରିଥାନ୍ତି ।"

"ଦୟାକରି କହନ୍ତୁ, ଏଇଟି କି ବହି ।" ମୁଁ କହିଲି ।

ଭଦ୍ରବ୍ୟକ୍ତି ଉତ୍ତର କଲେ, "ଏ ହେଉଛି ମୋର ଗୁରୁ ଶୋପେନହରଙ୍କର ଖଣ୍ଡିଏ ବହି; ଏଥିରେ ସେ ନିଜ ହାତରେ କେତେକ ଟୀକା ଲେଖିଅଛନ୍ତି । ଦେଖିବ, ପ୍ରତି ପୃଷ୍ଠାର ଧାରରେ ତାଙ୍କର ଲେଖା ରହିଛି ।"

Digitized by srujanika@gmail.com

ମୁଁ ଭକ୍ତିସହକାରେ ବହି ଖଣ୍ଡିକ ତାଙ୍କ ହାତରୁ ନେଲି । ଲେଖାଗୁଡ଼ିକୁ ଦେଖିଲି, କିନ୍ତୁ ସେଗୁଡ଼ିକ ମୋର ସମ୍ପୂର୍ଣ୍ଣ ଅବୋଧ୍ୟ ଥିଲା । ମୁଁ ଭାବିଲି, ଏଇଥିରେ ଜଣେ ମହାପୁରୁଷଙ୍କର ଅମର ଚିନ୍ତା ଲିପିବଦ୍ଧ ହୋଇଅଛି; ଯେଉଁ ଚିନ୍ତାଧାରା ମାନବସମାଜର ସ୍ୱପ୍ନକୁ ଏକବାରେ ଧ୍ୱଂସ କରି ଦେଇଅଛି ।

ମୁସେତଙ୍କର ଗୋଟିଏ କବିତାର ମର୍ମ ମୋର ମନେ ପଡ଼ିଗଲା ।

"ହେ ଭଲ୍‌ଟେୟାର ! ମରଣର ମହାନନ୍ଦ ଖୋଜି ପାଇଛ କି ? ଅଥବା ତୁମର ଶୁଷ୍କ ଅସ୍ଥି ଉପରେ ତୁମେ ବିକଟ ହସ ହସୁଛ କି ?"

ଅଜ୍ଞାତସାରରେ ମୁଁ ଭଲ୍‌ଟେୟାରଙ୍କ ଶିଶୁସୁଲଭ ଧର୍ମଗତ ବିଦ୍ରୂପ ସହିତ ବିଶିଷ୍ଟ ଜର୍ମାନ ଦାର୍ଶନିକ ଶୋପେନହାଉରଙ୍କ ଚିର ପ୍ରଭାବଶାଳୀ ବ୍ୟଙ୍ଗର ତୁଳନା କଲି ।

ଆମେ ପ୍ରତିବାଦ କରିପାରୁ, କ୍ରୋଧ ପ୍ରକାଶ କରିପାରୁ, ବିରକ୍ତ ହୋଇପାରୁ । କିନ୍ତୁ ଶୋପେନହାଉର୍ ମାନବଜାତିର ଗର୍ବ ଓ ଭ୍ରାନ୍ତି ଦୂର କରି ତା ଉପରେ ଏକ ମୋହର ମାରି ଯାଇଅଛନ୍ତି । ଜଣେ ସୁଖାନ୍ୱେଷୀ ଭାବରେ ସେ ପୂର୍ବ ବିଶ୍ୱାସ, ଆଶା, କାବ୍ୟିକ ଆଦର୍ଶ ଓ ଅଳୀକ କଳ୍ପନା ଉପରେ ପଦାଘାତ କରିଅଛନ୍ତି; ଆମ୍ଭର ଉଚ୍ଚ ଅଭିଳାଷକୁ ଧ୍ୱଂସ କରିଅଛନ୍ତି; ଆମ୍ଭର ବିଶ୍ୱାସକୁ ଧୂଳିସାତ୍ କରିଅଛନ୍ତି; ପ୍ରେମକୁ ହତ୍ୟା କରିଅଛନ୍ତି; ଅନ୍ତରର ମାୟାକୁ ଚୂର୍ଣ୍ଣୀଭୂତ କରିଅଛନ୍ତି । ସେ ଯେଉଁ ବିରାଟ କାର୍ଯ୍ୟ କରିଯାଇଅଛନ୍ତି, କୌଣସି ପରିହାସପ୍ରିୟ ତାହା କରି ନଥିଲେ ବା କରିବେ ନାହିଁ । ସବୁ ସେ ହସରେ ଉଡ଼େଇ ଦେଇ ଯାଇଅଛନ୍ତି; ରଖିଯାଇଛନ୍ତି ଶୂନ୍ୟତା । ଆଜି ଯେଉଁମାନେ ଶୋପେନହାଉରଙ୍କୁ ସବୁଠାରୁ ବେଶି

Digitized by srujanika@gmail.com

ନିନ୍ଦା କରନ୍ତି, ସେମାନେ ନିଜର ଅନିଚ୍ଛାସତ୍ତ୍ୱେ ମଧ୍ୟ, ତାଙ୍କର କେତେକ ଚିନ୍ତାକୁ ଅନ୍ତର ମଧ୍ୟରେ ପୋଷଣ କରିଥାନ୍ତି ।

ମୁଁ ଉକ୍ତ ଜର୍ମାନ ଭଦ୍ରବ୍ୟକ୍ତିଙ୍କୁ କହିଲି, "ତାହାହେଲେ ଆପଣ ଶୋପେନହରଙ୍କୁ ଅନ୍ତରଙ୍ଗ ଭାବରେ ଜାଣିଥିଲେ ?"

ସେ ଈଷତ୍ ହସି ଉତ୍ତର କଲେ, "ମହାଶୟ, ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ମୁଁ ତାଙ୍କ ପାଖେ ପାଖେ ଥିଲି ।"

ସେ ଏହି ଦାର୍ଶନିକଙ୍କର ଜୀବନ କଥା ଓ ଯେଉଁମାନେ ତାଙ୍କ ସଂସର୍ଗରେ ଆସିଥିଲେ, ସେମାନଙ୍କ ଉପରେ ତାଙ୍କର କିପରି ଅଲୌକିକ ପ୍ରଭାବ ଥିଲା, ତାହା ବର୍ଣ୍ଣନା କଲେ ।

ସେ କହିବାକୁ ଲାଗିଲେ—"ଥରେ ଜଣେ ଫରାସୀ ରାଜନୀତିଜ୍ଞ ତାଙ୍କୁ ସାକ୍ଷାତ କରିବାକୁ ଆସିଥିଲେ । ସେ ଥିଲେ ସାଧାରଣତନ୍ତ୍ରର ପକ୍ଷପାତୀ । ସେତେବେଳକୁ ଶୋପେନହର ତାଙ୍କ ଶିଷ୍ୟମାନଙ୍କ ସହିତ ଏକ ମଦ୍ୟଶାଳାରେ ଥିଲେ । ଖାଇବା ପିଇବା ସହିତ ହସ ଲାଗି ରହିଥିଲା । ପଦେ ପଦେ କଥାରେ ସେ କେତେ ଧାରଣାକୁ କାଟି ଦେଉଥିଲେ । ଏହି ଫରାସୀ ଭଦ୍ରବ୍ୟକ୍ତି ଖୁବ ଓ ଚକିତ ହୋଇ କହିଥିଲେ, "ଏ ଘଣ୍ଟାକ କାଳ ମୁଁ ଏକ ସଇତାନ ସଙ୍ଗରେ କଟାଇଦେଲି ।"

"ବାସ୍ତବରେ ତାଙ୍କର ହସ ଭୟଙ୍କର ଥିଲା । ସେ ହସ ମନେ ପଡ଼ିଲେ, ଏବେ ତାଙ୍କ ମୃତ୍ୟୁପରେ ମଧ୍ୟ ଆମକୁ ଭୟ ଲାଗେ । ଏ ବିଷୟରେ ଗୋଟିଏ ଘଟଣା ମୁଁ ଜାଣେ । ଏ ଘଟଣାଟି ସାଧାରଣ ଲୋକେ ଜାଣନ୍ତି ନାହିଁ । ଆପଣଙ୍କର ଆଗ୍ରହ ଥିଲେ କହିବି ।"

ମୁଁ ସ୍ୱୀକୃତି ଜଣାଇବାରୁ ସେ କହିବାକୁ ଲାଗିଲେ—"ଏ ହେଉଛି, ଶୋପେନହରଙ୍କ ମୃତ୍ୟୁର ଠିକ୍ ପରବର୍ତ୍ତୀ ଘଟଣା ।

Digitized by srujanika@gmail.com

ଆମ୍ଭେମାନେ ସ୍ଥିର କଲୁ ଯେ ଦୁଇଜଣ ଲେଖାଏଁ ସକାଳ ପର୍ଯ୍ୟନ୍ତ ତାଙ୍କ ଶବ ପାଖରେ ଜଗି ବସିବୁ ।

ଗୋଟିଏ ସଦାସିଧା ବଡ଼ ଅନ୍ଧାରୁଆ ଘର ଭିତରେ ତାଙ୍କ ଶବ ରହିଥିଲା । ବିଛଣା ପାଖରେ ଗୋଟିଏ ଟେବୁଲ ଉପରେ ଦୁଇଟି ମହମବତି ଜଳୁଥିଲା । ଅଧରାତି ବେଳକୁ ଜଣେ ସାଥି ସହିତ ମୋର ଜଗିବାର ପାଳି ପଡ଼ିଲା । ଆମର ପୂର୍ବବର୍ତ୍ତୀ ଜଗୁଆଳି ଦୁଇଜଣ ଘରୁ ବାହାରିଗଲେ ଓ ଆମେ ଦୁହେଁ ଖଟ ପାଖରେ ବସିଲୁ ।

"ଶୋପେନହରଙ୍କ ମୁହଁର କଛି ବିକୃତ ହୋଇନଥିଲା; ଓଠରେ ହସ ରହିଥିଲା । ଦୁଇ ଓଠର ପ୍ରାନ୍ତ ଭାଗ ପୂର୍ବପରି ସଙ୍କୁଚିତ ଥିଲା । ମନେ ହେଉଥିଲା, ସେ ଆଖି ଖୋଲି ଆମକୁ କଛି କହିବାକୁ ଯାଉଛନ୍ତି । ଆମେ ତାଙ୍କ ଚିନ୍ତାଧାରାରେ ବୁଡି ରହିଥିଲୁ । ତାଙ୍କର ବିରାଟ ବ୍ୟକ୍ତିତ୍ୱ ଆମକୁ ଆଚ୍ଛନ୍ନ କରି ରଖିଥିଲା । ମୃତ୍ୟୁରେ ତାଙ୍କର ଆମ ଉପରେ ଆଧିପତ୍ୟ ଆହୁରି ବୃଦ୍ଧି ପାଇ ଯାଇଥିଲା । ଏହି ଅତୁଳନୀୟ ଆତ୍ମା ସହିତ ଗୋଟାଏ ରହସ୍ୟବୋଧ ଜଡ଼ିତ ହୋଇ ରହିଥିଲା ।

"ମହାଶୟ, ଏଭଳି ମହାପୁରୁଷମାନଙ୍କର ଶରୀର ଧ୍ୱଂସ ପାଇଯାଏ; କିନ୍ତୁ ସେମାନେ ରହିଯାଆନ୍ତି । ସେମାନଙ୍କ ହୃତ୍‌ପିଣ୍ଡର କ୍ରିୟା ବନ୍ଦ ହେବାର ପର ରାତିରେ ସେମାନେ ଶାଶ୍ୱତ ହୋଇ ଉଠନ୍ତି ।

"ଆମେ ଦୁହେଁ ଚୁପ୍ ଚୁପ୍ ହୋଇ ଶୋପେନହରଙ୍କ ବିଷୟରେ କଥାବାର୍ତ୍ତା ହେଲୁ; ତାଙ୍କର କେତେକ ଉପଦେଶ ବାଣୀ, କେତେକ ସୂକ୍ତ ଓ କେତେକ ମୌଳିକ ସୂତ୍ର ମନେ ପକାଇଲୁ । ସେଗୁଡ଼ିକ ଅଳ୍ପ କେତୋଟି ଶବ୍ଦରେ ଆବଦ୍ଧ ହେଲେହେଁ ଅଜ୍ଞାତ ପରକାଳର ଅନ୍ଧକାର ମଧ୍ୟରେ ଅଗ୍ନିଶିଖା ପରି ପ୍ରବେଶ କରୁଥିଲା ।

Digitized by srujanika@gmail.com

"ମୋର ସଙ୍ଗୀ କହିଲେ, 'ମୋର ମନେ ହେଉଛି ଶୋପେନହାର କିଛି କହିବାକୁ ଯାଉଛନ୍ତି ।' ଦୁହିଁଙ୍କ ଅଗ୍ନିର ଆଲୋକରେ ତାଙ୍କ ବିକୃତ ମୁହଁକୁ ଭୟ ସହକାରେ ଚାହିଁଲୁ । ଆସ୍ତେ ଆସ୍ତେ ଆମକୁ ଅସ୍ୱସ୍ତି ବୋଧହେଲା, ଚେତା ବୁଡ଼ିଯିବାର ଉପକ୍ରମ ହେଲା । ମୁଁ କହିଲି, 'ମୋର କଅଣ ହେଉଛି, ବୁଝିପାରୁ ନାହିଁ; କିନ୍ତୁ ମୋତେ ବଡ଼ ଖରାପ ଲାଗୁଛି, ଏଥିରେ ସନ୍ଦେହ ନାହିଁ ।' ଏହି ସମୟରେ ଗଳିତ ଶବ ଦେହରୁ ଗୋଟାଏ ଭୀଷଣ ଦୁର୍ଗନ୍ଧ ଆସିଲା । ତହୁଁ ମୋର ସଙ୍ଗୀ ପ୍ରସ୍ତାବ କଲେ ଯେ ଦୁହେଁଯାକ ପାଖ କୋଠରୀକୁ ଯିବୁ; କିନ୍ତୁ କବାଟ ଖୋଲାଥିବ । ମୁଁ ଏହି ପ୍ରସ୍ତାବରେ ସ୍ୱୀକୃତ ହେଲି । ମୁଁ ଟେବୁଲ୍ ଉପରୁ ଗୋଟିଏ ମହମବତି ଧରିଲି । ଦୁହିଁଯାକ ପାଖ କୋଠରୀର ଏପରି ଏକ ସ୍ଥାନରେ ବସିଲୁ, ଯେପରିକି ଦ୍ୱାରବାଟେ ଶବକୁ ଚାହିଁ ହେବ ।

"କିନ୍ତୁ ଶୋପେନହାର ଆମକୁ ଅଧିକାର କରି ବସିଥିଲେ । କୁହାପାଇପାରେ, ତାଙ୍କର ଅପାର୍ଥିବ ସତ୍ତା—ସ୍ୱତନ୍ତ୍ର, ସର୍ବଶକ୍ତିମାନ୍, ପ୍ରଭାବଶାଳୀ ସତ୍ତା ଶରୀରରୁ ମୁକ୍ତିଲାଭ କରି ଆମ ଚାରିପାଖେ ବୁଲୁଥିଲା । ମଝିରେ ମଝିରେ ପଚା ଶବର ଦୁର୍ଗନ୍ଧ ଆମ ଘରେ ପଶି ବମନର ଉଦ୍ରେକ କରୁଥିଲା ।

ହଠାତ୍ ଆମର ମଜ୍ଜା ପର୍ଯ୍ୟନ୍ତ କମ୍ପି ଆସିଲା । ଶବ ରହିଥିବା ଘରୁ ଗୋଟାଏ କ୍ଷୀଣ ଶବ୍ଦ ଶୁଣାଗଲା । ଆମେ ସେ ଆଡ଼କୁ ଚାହିଁଲୁ । ଆପଣଙ୍କୁ କଅଣ କହିବି ? ଆମେ ଦୁହେଁଯାକ ସ୍ପଷ୍ଟ ଦେଖିପାରିଲୁ, ଗୋଟାଏ କୌଣସି ଧଳାପଦାର୍ଥ ହଠାତ୍ ଡେଇଁପଡ଼ି ଜଳୁଥିବା ଖଟ ଉପରେ ପଡ଼ି ତଳକୁ ଖସିଗଲା ।

Digitized by srujanika@gmail.com

"ଆମେ କେତେ ହୋଇ ଛୁଆ ହୋଇଗଲୁ ; ପଳାଇବାକୁ ମନ କରି ଦୁହେଁ ପରସ୍ପରକୁ ଚାହିଁଲୁ । ଆମ ମୁହଁ କଳା ପଡ଼ିଗଲା; ଗୁପ୍ତ କମ୍ପି ଉଠିଲା । ମୁଁ କହିଲି, 'ତୁମେ ଦେଖିଛ ?'

'ହଁ, ମୁଁ ଦେଖିଛି ।'

'ତେବେ କଅଣ ତାଙ୍କର ମୃତ୍ୟୁ ହୋଇନାହିଁ ?'

'ମରିନାହାନ୍ତି କପରି ? ଶବ ପଚିଗଲାଣି ।'

'ଏବେ ଆମେ କଅଣ କରିବା ?'

'ଚାଲ, ଦୁହେଁଯାକ ପାଖକୁ ଯାଇ ଦେଖିବା ।'

"ମୁଁ ମହମବତିଟି ଧରି ଆଗେ ଆଗେ ଗଲି । ଅନ୍ଧାରୁଆ ଘରର ଚାରିଆଡ଼କୁ ଉପରେ ଦୃଷ୍ଟି ପକାଉଥାଏଁ । ଶବ ଆଦୌ ହଲଚଲ୍ ହେଉନଥିଲା । ମୁଁ ଖଟ ପାଖକୁ ଗଲି । କିନ୍ତୁ ଯାହା ଦେଖିଲି, ସେଥିରେ ଭୟରେ ସ୍ତମ୍ଭୀଭୂତ ହୋଇଗଲି । ଶୋପେନ-ହରଙ୍କ ମୁହଁରେ ଆଗର ହସ ନଥିଲା । ତାଙ୍କ ମୁହଁ ଭୟଙ୍କର ଦିଶୁଥିଲା । ଓଠ ଦୁଇଟି ଚିପିହୋଇ ଲାଗିଯାଇଥିଲା । ଗାଲ ଏକବାରେ ଭିତରକୁ ପଶି ଯାଇଥିଲା । ମୁଁ କହି ପକାଇଲି—'ସେ ମରିନାହାନ୍ତି ।'

"କିନ୍ତୁ ଖଟଉପରୁ ଭୀଷଣ ଦୁର୍ଗନ୍ଧ ଆସି ମୋ ନାକରେ ପଶିଯାଉଥିଲା । ମୁଁ ନିଃଶ୍ୱାସ ନେଇ ପାରୁ ନଥିଲି । ଗୋଟାଏ ଭୂତ ଦେଖିଲାପରି ମୁଁ ଭୟରେ ଶବକୁ ଚାହିଁ ରହିଲି । ଏହି ସମୟରେ ମୋର ସଙ୍ଗୀ ଟେବୁଲ୍ ଉପରୁ ଆଉ ମହମବତିଟି ଧରି ଖଟ ଉପରକୁ ନଇଁପଡ଼ି ଦେଖିଲେ । ସେ କିଛି ନ କହି ମୋ ଦେହରେ ହାତ ମାରିଲେ । ତାଙ୍କ ଇଙ୍ଗିତରେ ମୁଁ ଗାଲଚି ଉପର ଓ ତଳକାଡକୁ ଚାହିଁଲି । ଦେଖିଲି, ସେହି ଧଳା ପଦାର୍ଥଟି ଆଉ କିଛି ନୁହେଁ, ଶୋପେନହରଙ୍କ କୃତ୍ରିମ ଦାନ୍ତ ।

Digitized by srujanika@gmail.com

"ଶରୀର ପଚିପିବାରୁ ମାଡ଼ି ଶିଥିଳ ହୋଇଯାଇଥିଲା, ତେଣୁ କୃତ୍ରିମ ଦାନ୍ତଗୁଡ଼ିକ ମୁହଁରୁ ବାହାରି ଆସିଥିଲା । ବାସ୍ତବରେ ମୁଁ ସେଦିନ ନିତାନ୍ତ ଭୟତ୍ରସ୍ତ ହୋଇ ପଡ଼ିଥିଲି ।"

ସୂର୍ଯ୍ୟ ରକ୍ତିମ ବର୍ଣ୍ଣ ଧାରଣ କରି ସମୁଦ୍ରରେ ବୁଡ଼ି ଆସୁ-ଥିଲେ । ଜର୍ମାନ ଭଦ୍ରଲୋକ ଉଠି ମୋଠାରୁ ବିଦାୟ ନେଇ ହୋଟେଲ ଭିତରକୁ ଚାଲିଗଲେ ।

ପାଗଳୀ

ରବେଟର ଜମିଦାରଙ୍କ ବଙ୍ଗଳା ଘରେ କେତେ ଜଣ ବନ୍ଧୁ ବସି ଗଳ୍ପ କରୁଥିଲେ । ମିଃ ଏଣ୍ଡୋଲିନ କହିଲେ, "ଫ୍ରାନ୍ସ ଓ ପ୍ରୁସିଆ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳର ଗୋଟିଏ ଭୟାନକ ଘଟଣା ମୁଁ କହୁଛି । କମେଲିଲରେ ମୋର ଘର ଅନେକେ ଦେଖିଥିବେ, ନ ହେଲେ ଜାଣିଥିବେ । ପ୍ରୁସିଆନମାନେ ଆସି ପହଞ୍ଚିବାବେଳକୁ ମୁଁ ସେଇ ଘରେ ରହୁଥିଲି । ମୋର ପଡ଼ିଶା ଘରେ ଜଣେ ପାଗଳୀ ଥିଲା । ଅନେକଗୁଡ଼ିଏ ବିପଦ ଭୋଗି ଭୋଗି ସେ ପାଗଳୀ ହୋଇ ଯାଇଥିଲା । ପଚିଶ ବର୍ଷ ବେଳକୁ ମାସକ ଭିତରେ ତାର ବାପା, ସ୍ୱାମୀ ଓ କଅଁଳା ପିଲା ସମସ୍ତେ ମରି-ଯାଇଥିଲେ ।

"ମୃତ୍ୟୁ କୌଣସି ଘରେ ଥରେ ପଶିଲେ, ସେ ବାରମ୍ବାର ସେଇ ଘରକୁ ଆସେ; ପରେ ଅବା ସେ ଘରକୁ ବାଟ ତାର ଚିହ୍ନା ହୋଇଯାଏ । ସ୍ତ୍ରୀଲୋକଟି ଗୋଟିକପରେ ଗୋଟିଏ ହରାଇ ବିଛଣାରେ

Digitized by srujanika@gmail.com

ପଡ଼ିରହିଲା; ଦେଢ଼ମାସଯାଏ ଖାଲି ପ୍ରଳାପ କଲା । ଏହାପରେ ଏକ ଶାନ୍ତ ଅବସ୍ଥା ଆସିଲା । ସେ ଅଚଳ ହୋଇ ପଡ଼ିରହିଲା, ପ୍ରାୟ କିଛି ଖାଇଲା ନାହିଁ । କେବଳ ଆଖି ଦିଓଟି ବୁଲୁଥାଏ । ତାକୁ ଉଠାଇବାକୁ ଚେଷ୍ଟାକଲେ ସେ ଭୀଷଣ ଚିତ୍କାର କରୁଥିଲା । ସେ ଚିତ୍କାର ଶୁଣିଲେ ମନେହେବ ଯେପରିକି କେହି ତାକୁ ପ୍ରାଣରେ ମାରି ଦେଉଛି । ତେଣୁ କେବଳ ଗାଧୋଇ ଦେବା ଓ ଲୁଗା ବଦଳାଇବାବେଳେ ତାକୁ ବିଛଣାରୁ ତଳକୁ ନିଆଯାଉଥିଲା । ଅନ୍ୟ ସବୁ ସମୟରେ ସେ ବିଛଣାରେ ପଡ଼ି ରହୁଥିଲା ।

"ତା ପାଖରେ ଗୋଟିଏ ପୁରୁଣା ଗୃହଦାସୀ ଥିଲା । ବେଳେବେଳେ ସେ ପାଗଳୀକୁ କିଛି ମାଂସ ଖୁଆଇ ଦେଉଥିଲା ବା କିଛି ପିଆଇ ଦେଉଥିଲା । ସେ କାହାରିକୁ କିଛି କହୁନଥିଲା । ତେଣୁ ତା ମନଭିତରେ କି ଦୁଃଖ ଥିଲା, ତାହା କେହି ଜାଣିପାରୁନଥିଲେ । ମୃତ ସ୍ୱାମୀ ଓ ସନ୍ତାନଙ୍କ ନିମନ୍ତେ ତାର ଦୁଃଖ ଥିଲା କି ଗତକଥା ସମ୍ପୂର୍ଣ୍ଣ ଭୁଲିଯାଇ ସେ ଗୋଟାଏ କିଛି ଦୁଃସ୍ୱପ୍ନ ଦେଖୁଥିଲା, କେହି କହିପାରିବେ ନାହିଁ । ଅଥବା ତାର ସ୍ମୃତି ଗୋଟିଏ ବନ୍ଧ ଜଳାଶୟପରି ଥିଲା; ସେଥିରେ ତରଙ୍ଗ ନଥିଲା । ସେ ଯାହାହେଉ ପନ୍ଦର ବର୍ଷ ପର୍ଯ୍ୟନ୍ତ ସେ ଏହିପରି ଅକ୍ଷମ ଓ ଅଚଳ ଅବସ୍ଥାରେ ପଡ଼ି ରହିଲା ।

"ଏହି ସମୟରେ ଡିସେମ୍ବର ମାସ ଆରମ୍ଭବେଳକୁ ଯୁଦ୍ଧ ଲାଗିଲା । ଜର୍ମାନମାନେ କର୍ମେଇଲରେ ପ୍ରବେଶ କଲେ । କାଲିକା ଘଟନା ପରି ମୋର ସବୁ ମନେ ପଡ଼ୁଯାଉଛି । ଶୀତରେ ପାଣି ବରଫ ହୋଇଯାଉଥାଏ; ପଥର ଫାଟି ଯାଉଥାଏ । ମୁଁ ଗୋଟିଏ ଆରାମ ଚଉକିରେ ଆଉଜି ବସିଥିଲି । ବାତରୋଗର ପ୍ରକୋପରୁ ଚଳପ୍ରଚଳ ହୋଇପାରୁନଥିଲି । ଏହି ସମୟରେ ମୁଁ ଜର୍ମାନ

Digitized by srujanika@gmail.com

ସୈନ୍ୟମାନଙ୍କର ନିୟମିତ ଓ ଗମ୍ଭୀର ପଦକ୍ଷେପ ଶୁଣି ପାରିଲି। ସେମାନେ ମୋ ଝରକାତଳେ ଯାଉଥିବାର ଦେଖିପାରିଲି। ତାର ଉପରେ ଖେଳନା ଗୁଳିଲି ପରି ସେମାନେ ଅନବରତ ଗୁଳିଥିଲେ। ସତେ ଅବା ଯନ୍ତ୍ର ମଣିଷ। ଏହାପରେ ଅଫିସରମାନେ ସେମାନଙ୍କ ଅଧୀନସ୍ଥ ସୈନିକମାନଙ୍କୁ ରହିବାପାଇଁ ଆମମାନଙ୍କ ଘର ସବୁ ବାଣ୍ଟି-ଦେଲେ। ମୋ ଘରେ ସତରଜଣ ରହିବାର କଥା ହେଲା। ପାଗଳୀ ଘରେ ବାରଜଣ ରହିବେ ବୋଲି ଆଦେଶ ହୋଇଗଲା। ସେମାନଙ୍କ ଭିତରେ ଜଣେ ଥିଲେ କମାଣ୍ଡାଣ୍ଟ। ଲୋକଟି ବଡ଼ ଉଗ୍ର ପ୍ରକୃତିର।

ପ୍ରଥମେ କେତେଦିନ ସୁରୁଖୁରୁରେ କଟିଗଲା। ଆମ ଘର ପାଖରେ ରହୁଥିବା ଅଫିସରମାନେ ଶୁଣିଥିଲେ ଯେ ସ୍ତ୍ରୀଲୋକଟି ବେମାର ପଡ଼ିଛି; ତେଣୁ ସେମାନେ ତା ଉପରେ ଆଦୌ ଧ୍ୟାନ ଦେଇନଥିଲେ। କିନ୍ତୁ ସେମାନେ ସ୍ତ୍ରୀଲୋକଟିକୁ ଆଦୌ ନଦେଖିବାରୁ କ୍ରମେ ରାଗି ଉଠିଲେ। ସେମାନେ ପଚାରିଲେ, "ତାର କି ରୋଗ ହୋଇଛି?" ସ୍ତ୍ରୀଲୋକଟି ଘୋର ଦୁଃଖ ଭୋଗି ପନ୍ଦର ବର୍ଷ ହେଲା କେବଳ ବିଛଣାରେ ପଡ଼ି ରହିଛି ବୋଲି ଶୁଣି ସେମାନେ ବିଶ୍ୱାସ କଲେନାହିଁ। ସେମାନଙ୍କର ଧାରଣା ହେଲା ଯେ ତାର ବେଶି ଗର୍ବ; ପ୍ରୁସିଆନମାନଙ୍କ ପାଖକୁ ଆସିବ ନାହିଁ, ସେମାନଙ୍କୁ ଦେଖାଦେବ ନାହିଁ ଓ କିଛି କହିବ ନାହିଁ ବୋଲି ମିଛରେ ବାହାନା କରି ବିଛଣାରେ ଶୋଇଛି।

କମାଣ୍ଡାଣ୍ଟ ହୁକୁମ ଦେଲେ ଯେ ସେ ନିଜେ ଆସି ତାଙ୍କୁ ସମ୍ବର୍ଦ୍ଧନା ଜଣାଇବ। ସେ ଘରଭିତରକୁ ପଶିପାଇ ରୁକ୍ଷଭାବରେ କହିଲେ, "ତୋତେ ବିଛଣାରୁ ଉଠି ତଳକୁ ଆସିବାକୁ ହେବ; ଆମେମାନେ ତୋତେ ଦେଖିବୁ।" କିନ୍ତୁ ସ୍ତ୍ରୀଲୋକଟି କୌଣସି ଉତ୍ତର ନ ଦେଇ କେବଳ ଏପାଖକୁ ସେପାଖକୁ ଚାହିଁଲା। ଏଥର

Digitized by srujanika@gmail.com

କମାଣ୍ଡାଣ୍ଟ ଆହୁରି କ୍ଷୁବ୍ଧ ହୋଇ କହିଲେ, "ମୁଁ କୌଣସି ପ୍ରକାର ଔଦ୍ଧତ୍ୟ ସହ୍ୟ କରି ପାରିବି ନାହିଁ । ଯଦି ନିଜେ ନିଜେ ଚୁପ୍ କରି ରହି ନ ଆସୁ; ତେବେ କିପରି ତୁ କାହାରି ସାହାଯ୍ୟ ନ ନେଇ ଆସି ପାରିବୁ, ସେ ଉପାୟ ମୋତେ ଜଣାଅଛି ।"

ସେ କମାଣ୍ଡାଣ୍ଟଙ୍କ କଥା ଶୁଣିଥିବାର କୌଣସି ଲକ୍ଷଣ ଦେଖାଗଲା ନାହିଁ । ସେ ଚୁପ୍ କରି ପୂର୍ବଭଳି ବିଛଣାରେ ପଡ଼ି ରହିଲା । ତାର ଏହି ନୀରବତାର କାରଣ ନ ବୁଝି କମାଣ୍ଡାଣ୍ଟ ମନେକଲେ ଯେ ଏହା ହେଉଛି ସ୍ତ୍ରୀ ଲୋକଟାର ଚରମ ଔଦ୍ଧତ୍ୟ ଓ ପ୍ରୁସିଆନମାନଙ୍କ ପ୍ରତି ବିଦ୍ୱେଷ । ତେଣୁ ସେ ଅଧୀର ହୋଇ କହିଲେ, "ଆଚ୍ଛା, କାଲି ଯେବେ ତୁ ତଳକୁ ନ ଆସୁ ତେବେ ତୋର କଥା ସାରିଦେବି ।"

କମାଣ୍ଡାଣ୍ଟ ଏହିପରି ଧମକ ଦେଇ ଚାଲିଗଲେ ।

ତହିଁ ପରଦିନ ଚାକରାଣୀ ଉପରେ ପାଗଳୀକୁ ପୋଷାକ ପିନ୍ଧାଇବାକୁ ଗଲା । କିନ୍ତୁ ପାଗଳୀ ଭୀଷଣ ଚିତ୍କାର କଲା ଓ କୌଣସିମତେ ପୋଷାକ ପିନ୍ଧିଲା ନାହିଁ । ଅଫିସର ଚିତ୍କାର ଶୁଣି ଉପରକୁ ଉଠିଗଲେ । ଚାକରାଣୀ ତାଙ୍କ ପାଦ ଧରି କହିଲା, "ହଜୁର, ସେ ତଳକୁ ଯାଇ ପାରିବେ ନାହିଁ । ତାଙ୍କୁ କ୍ଷମା ଦିଅନ୍ତୁ । ସେ ଜୀବନରେ ବହୁତ ଦୁଃଖ ଭୋଗିଲେଣି ।"

ଅଫିସର ବଡ଼ ଅଡ଼ୁଆରେ ପଡ଼ିଲେ । ନିତାନ୍ତ ବିରକ୍ତ ହେଲେହେଁ ଗୋଟାଏ ସ୍ତ୍ରୀଲୋକକୁ ଟାଣି ଆଣିବାକୁ ସେ ସୈନ୍ୟ-ମାନଙ୍କୁ ଆଦେଶ ଦେଇ ପାରିଲେ ନାହିଁ । କିନ୍ତୁ ହଠାତ୍ ତାଙ୍କ ମନରେ ପରିବର୍ତ୍ତନ ଆସିଲା । ଠୋ ଠୋ ହସି ସେ କିଛି ଆଦେଶ

Digitized by srujanika@gmail.com

ଦେଲେ । କେତେଜଣ ସୈନ୍ୟ ବିଛଣା ସହିତ ସ୍ତ୍ରୀଲୋକଟିକୁ ନେଇ ଆସିଲେ । ପଛେ ଅବା ଜଣେ ଆହତ ସୈନ୍ୟଙ୍କୁ ନିଆଯାଉଅଛି । ବିଛଣା ଉପରେ ସ୍ତ୍ରୀଲୋକଟି ଚୁପ୍ କରି ଶୋଇଥିଲା । ଯେତେବେଳ-ଯାଏ ତାର ଶୋଇରହିବାରେ ବାଧା ନ ପଡ଼ୁଛି, ସେତେବେଳଯାଏ କିଏ କଅଣ କରୁଛି ସେଥିପ୍ରତି ତାର ଖିଆଲ ନଥିଲା । ଏମାନଙ୍କ ପଛେ ପଛେ ଆଉ ଜଣେ ସୈନ୍ୟ ତାର ପୋଷାକ ପୁଡ଼ିଆଟି ଧରି ଚାଲିଥିଲା । ଅଫିସର ପାଗଳୀକୁ କହିଲେ, "ଏବେ ତୁ ନିଜ ହାତରେ ପୋଷାକ ବଦଳାଇ ଚାଲିପାରୁ କି ନା ଦେଖାଯିବ ।"

ଏହିପରି ଅବସ୍ଥାରେ ସ୍ତ୍ରୀଟିକୁ ନେଇ ସୈନ୍ୟମାନେ ଜଙ୍ଗଲ ଆଡ଼କୁ ଚାଲିଲେ । ପ୍ରାୟ ଦୁଇଘଣ୍ଟା ପରେ ସୈନ୍ୟମାନେ ଫେରି ଆସିଲେ । ସ୍ତ୍ରୀଟି ଦେଖାଗଲା ନାହିଁ । ପାଗଳୀକୁ ନେଇ ସେମାନେ କଅଣ କଲେ ? ତାକୁ କେଉଁଠାରେ ଛାଡ଼ି ଆସିଲେ ? ଏସବୁ କେହି ଜାଣି ପାରିଲେ ନାହିଁ ।

ଦିନ ରାତି ବରଫ ବର୍ଷୁଛି । ପଡ଼ିଆ, କ୍ଷେତ, ବଣ ସବୁ ବରଫରେ ବୁଡ଼ିଯାଇଛି । ଲୋକେ ବାହାରକୁ ଯିବା କଠିନ । ରାତିରେ ହେଣ୍ଟାବାଘମାନେ ସହର ଭିତରେ ବୁଲୁଛନ୍ତି ।

ଏହି ହୀନକପାଳୀ ପାଗଳୀ କଥା ମୋତେ ବିବ୍ରତ କରିଦେଲା । ପ୍ରୁସିଆନ କର୍ତ୍ତାମାନଙ୍କ ପାଖରେ ପାଗଳୀର ସମ୍ବାଦ ଯୋଗାଇବାକୁ ଅନୁରୋଧ କଲି । ଏହି ଅପରାଧ ପାଇଁ ମୋତେ ଗୁଳି କରିଯିବାର ସ୍ଥିର ହୋଇଥିଲା; କିନ୍ତୁ ମୁଁ ରକ୍ଷା ପାଇଗଲି ।

ବସନ୍ତ ଋତୁ ଆସିଲା; ସୈନ୍ୟମାନେ ଫେରିଗଲେ । ପାଗଳୀର ଘର ବନ୍ଦ ହୋଇ ରହିଥିଲା । ଶୀତଦିନରେ ପାଗଳୀର

Digitized by srujanika@gmail.com

ଗୃହଗଣିକିଟି ମରିଯାଇଥିଲା । ପାଗଳୀର ଘର ଗୃହପାଖେ ଘାସ ମାଡ଼ି ଯାଇଥିଲା । ଏହି ଘଟଣାରେ କେହି ବିଚଳିତ ହେଲେନାହିଁ । କେବଳ ମୁଁ ବାରମ୍ବାର ପାଗଳୀ ବିଷୟ ମନେ ପକାଉଥିଲି । ସୈନ୍ୟମାନେ ପାଗଳୀକୁ ନେଇ କଅଣ କଲେ ? ସେ କଅଣ ବଣରୁ ପଳାଇ ଆସିଥିଲା ? କେହି ତାକୁ ଦେଖି ଡାକ୍ତରଖାନାକୁ ନେଇଥିଲେ କି ? କୌଣସି ପ୍ରକାରେ ମୋର ସନ୍ଦେହ ଦୂର ହେଲାନାହିଁ । କିନ୍ତୁ ସମୟ-କ୍ରମେ ମୋର ଆଶଙ୍କା କମି ଆସିଲା ।

ସେଥର ଶରତ ଋତୁରେ ବହୁତ ପକ୍ଷୀ ଆସିଥିଲେ । ମୋର ବାତବେଗ ଭଲ ହୋଇଯାଇଥିବାରୁ ମୁଁ ବନ୍ଧୁକ ଧରି ଶିକାର କରିବାପାଇଁ ବଣ ପର୍ଯ୍ୟନ୍ତ ଗଲି । ଗୁରି ପାଞ୍ଚଟା ପକ୍ଷୀ ମଲେ । ଏହି ସମୟରେ ଗୋଟାଏ ପକ୍ଷୀ ମୋ ଗୁଳି ମାଡ଼ରେ ଗୋଟାଏ ଖାତରେ ପଡ଼ିଗଲା । ଖାତ ଉପରେ କେତେକ ଡାଳ ପଡ଼ିଥିଲା । ପକ୍ଷୀଟାକୁ ଆଣିବାପାଇଁ ମୁଁ ସେହି ଖାତ ଭିତରକୁ ଯିବାପାଇଁ ବାଧ୍ୟ ହେଲି । ଦେଖିଲି ପକ୍ଷୀଟି ଯେଉଁଠାରେ ପଡ଼ିଛି, ଠିକ୍ ତାରି ପାଖରେ ଗୋଟିଏ ମନୁଷ୍ୟର କଙ୍କାଳ । ତତ୍‌କ୍ଷଣାତ୍ ପାଗଳୀ କଥା ମୋର ମନକୁ ଆସିଲା । ହୁଏତ ସେହି ଦାରୁଣ ବର୍ଷାରେ କେତେ ଲୋକ ସେହି ଜଙ୍ଗଲରେ ପଡ଼ି ମରିଥିବେ; କିନ୍ତୁ କେଜାଣି କାହିଁକି ମୋର ଦୃଢ଼ ବିଶ୍ୱାସ ଥିଲା ଯେ ହତଭାଗିନୀ ପାଗଳୀର ଶବ ମୁଁ ଦେଖିବି ।

ହଠାତ୍ ମୁଁ ସବୁ ଘଟନା ଅନୁମାନବଳରେ ସ୍ଥିର କରିନେଲି । ସୈନିକମାନେ ପାଗଳୀକୁ ତାର ବିଛଣା ସହିତ ଏଠାରେ ପକାଇ-ଦେଇ ଚାଲିଯାଇଥିଲେ । ତାର ଶୀତରେ ଦୃଢ଼ ହେବି ସେ ବରଫରେ ପୋତି ହୋଇ ମଲା; କିନ୍ତୁ ଉଠିପାଇ ପ୍ରାଣ ରକ୍ଷା କରିବାକୁ ଚେଷ୍ଟା କରି ନଥିଲା ।

Digitized by srujanika@gmail.com

ଏହାପରେ ହେଣ୍ଟାବାଘମାନେ ତାକୁ ଖାଇ ଯାଇଥିଲେ । ପକ୍ଷୀମାନେ ତାର ବିଛଣାର କନା ଓ ତୂଳା ନେଇ ନିଜର ବସା କରିଥିଲେ ।

ମୁଁ ତାର ଅସ୍ଥିଗୁଡ଼ିକ ନେଇ ଆସିଲି । ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା, ଆମ ପିଲାମାନଙ୍କ ଅମଳରେ ଏପରି ଯୁଦ୍ଧ ନ ହେଉ ।

ଅନ୍ଧ

ସୂର୍ଯ୍ୟକିରଣ ଆମକୁ କେତେ ଆନନ୍ଦ ନ ଦିଏ ? ଆଲୋକ-ରେଖା ପୃଥିବୀ ଉପରେ ପଡ଼ିଲେ ଆମେ ଜୀବନରେ ଏତେ ଆନନ୍ଦ ଅନୁଭବ କରୁ କାହିଁକି ? ଆକାଶ ନୀଳ, କ୍ଷେତର ଶସ୍ୟଗୁଡ଼ିକ ସବୁଜ; ଘରଗୁଡ଼ିକ ଧଳା । ଆମର ଆଖି ଏହିସବୁ ରଙ୍ଗକୁ ନେଇ ଆମ ଅନ୍ତରରେ ଆନନ୍ଦ ସୃଷ୍ଟି କରେ । ଆମର ଇଚ୍ଛା ହୁଏ, ନାଚିବା, ଦୌଡ଼ିବା, ଗାଇବା ପାଇଁ । ଆମର ଚିନ୍ତା ଲଘୁ ହୋଇଯାଏ, ମନରେ କୋମଳ ଭାବ ଜାଗିଉଠେ; ମନେହୁଏ, ଏ ସୂର୍ଯ୍ୟକୁ ଆଲିଙ୍ଗନ କରିବାକୁ ।

ଅନ୍ଧ ଦ୍ୱାରମୁହଁରେ ଏହି ଆଲୋକ ମଧ୍ୟରେ ବସିଥାଏ; ତାର ଭିତର ଅନ୍ଧକାର ମଧ୍ୟରେ ସେ ଶାନ୍ତ, ନିର୍ବେଦ । ତାର ଚାରିପାଖେ କଅଣ ହେଉଛି ସେ ବୁଝିପାରେ ନାହିଁ । ତାକୁ ବ୍ୟତିବ୍ୟସ୍ତ କରୁଥିବା କୁକୁରକୁ ତଡ଼ିବାରେ ସେ ଲାଗିଥାଏ ।

Digitized by srujanika@gmail.com

ସନ୍ଧ୍ୟାବେଳକୁ ସାନ ଭାଇ ବା ଭଉଣୀର ହାତ ଧରି ଘରକୁ ଫେରିବାବେଳେ ପିଲାଟି କହେ, "ଆଃ, ଆଜି ଦିନଟି ଖୁବ୍ ଘଞ୍ଚା ।"

ଅନ୍ଧ ଉତ୍ତର କରେ, "ହଁ, ହଁ, ମୋତେ ଖୁବ୍ ଭଲ ଲାଗୁଥିଲା ।" ଏଇ ହେଉଛି ସାଧାରଣ ଅନ୍ଧର ଜୀବନ ।

ମୁଁ ଜଣେ ଅନ୍ଧ ବିଷୟ ଜାଣେ । ତାକୁ ଜଣେ ଶହୀଦ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସେ ଥିଲା ଜଣେ ଚାଷୀର ପୁଅ । ତାର ବାପମାଆ ଯେତେ ଦିନ ବଞ୍ଚିଥିଲେ ସେତେ ଦିନ ସେମାନେ ତାର କିଛି କିଛି ଯତ୍ନ ନେଉଥିଲେ । କେବଳ ଦୃଷ୍ଟିଶକ୍ତିର ଅଭାବ ଛଡ଼ା ଅନ୍ୟ କୌଣସି ଅଭାବ ସେ ଅନୁଭବ କରୁ ନଥିଲା । କିନ୍ତୁ ବୁଢ଼ାବୁଢ଼ୀ ଚାଲିଯିବା ପରେ ତାର ଦୁଃଖର ଜୀବନ ଆରମ୍ଭ ହେଲା । ତାକୁ ଜଣେ ଭଉଣୀ ଉପରେ ନିର୍ଭର କରିବାକୁ ପଡ଼ିଲା । ସମସ୍ତେ ତାକୁ ଜଣେ ଭିକ୍ଷୁକ ଭଳି ବ୍ୟବହାର କଲେ । ଖାଇଲାବେଳେ ତାକୁ ପ୍ରତ୍ୟହ ଗାଳି ଶୁଣିବାକୁ ହେଉଥିଲା । ତାର ଯାହା ପୈତୃକ ସମ୍ପତ୍ତି ଥିଲା, ତାକୁ ତାର ଭଣେଇ ନେଇଯାଇଥିଲେ । କିନ୍ତୁ ତାକୁ ଖାଇବାକୁ ଦେବା-ବେଳକୁ ଭଣେଇ କୁଣ୍ଠା ପ୍ରକାଶ କରୁଥିଲେ । ଅତି କଷ୍ଟରେ ଯାହା ତାକୁ ସାମାନ୍ୟ ଖାଇବାକୁ ଦିଆଯାଉଥିଲା, ସେଥିରେ ତାର ପେଟ ପୂରୁ ନଥିଲା; କୌଣସିମତେ କେବଳ ଜୀବନ ରହିଥିଲା ମାତ୍ର ।

ତା ମୁହଁଟି ଶୁଖିଲା; ସେଥିରେ ଦୁଇଟା ଧଳା ଡିମା ଡିମା ଆଖି । ଯେତେ ଅପମାନ ପାଉଥିଲେ ହେଁ ସେ ବିଚଳିତ ହେଉ ନଥିଲା । ସେ ନିଜ ଛଡ଼ା ଆଉ କିଛି ଚିନ୍ତା କରୁ ନଥିଲା । ମାନ ଅପମାନ ଅନୁଭବ କରିବାର ଶକ୍ତି ତାର ଥିଲା ବୋଲି କେହି ମନେ କରୁ ନଥିଲେ ।

Digitized by srujanika@gmail.com

ସ୍ନେହ ଆଦର କଅଣ ସେ କେବେ ଶୁଣି ନଥିଲା । ମାଆ ତାକୁ କେବେ ସ୍ନେହ ଦେଖାଉ ନଥିଲା, ତାର କୌଣସି ଯତ୍ନ ନେଉ ନଥିଲା । ମଫସଲରେ ସେ ଅକର୍ମଣ୍ୟ, ତାକୁ ସମସ୍ତେ ଘୃଣା କରନ୍ତି । ଦୁର୍ବଳ କୁକ୍କୁଡ଼ା ଛୁଆକୁ ତାର ମାଆ ମାରିଦେଲା ପରି ଚାଷୀମାନେ ଏହି ଅନ୍ଧର ମୃତ୍ୟୁ କାମନା କରୁଥିଲେ ।

ଖରାଦିନେ ସେ ଟିକିଏ ଜାଉ ଖାଇଦେଇ ଦୁଆର ମୁହଁରେ ବସୁଥିଲା । ଶୀତଦିନେ ସେ ଯାଇ ଚୁଲିମୁଣ୍ଡେ ବସୁଥିଲା । ରାତି ନ ହେବାଯାଏ ସେଠାରୁ ଆଉ ଉଠୁ ନଥିଲା । ସେ ହଲଚଲ ହେଉ ନଥିଲା କି କାହାକୁ କିଛି କହୁ ନଥିଲା । କେବଳ ବେଳେବେଳେ ଆଖିପତା ଦୁଇଟା ଶକ୍ତିହୀନ ଆଖି ଉପରେ ପଡ଼ିପଡ଼ୁଥିଲା । ତାର କିଛି ବୁଦ୍ଧି ଅଛି, ଚିନ୍ତାଶକ୍ତି ଅଛି କିମ୍ବା ନିଜର ଅସ୍ତିତ୍ୱ ବିଷୟରେ କିଛି ଜ୍ଞାନ ଅଛି ବୋଲି କେହି ମନେ କରୁ ନଥିଲେ । ସେ ବିଷୟରେ କେହି ଚିନ୍ତା କରିବା ଆବଶ୍ୟକ ବୋଲି ଭାବୁ ନଥିଲେ ।

କେତେ ବର୍ଷ ପର୍ଯ୍ୟନ୍ତ ତାର ଜୀବନ ଏହିପରି ଚାଲିଲା । କିନ୍ତୁ ଶେଷରେ ତାର କାର୍ଯ୍ୟ କରିବାର ଅକ୍ଷମତା ଓ ଔଦାସୀନ୍ୟ ଦେଖି ତାର କୁଟୁମ୍ବର ଲୋକେ ଅଧୀର ହୋଇ ପଡ଼ିଲେ । ସେ ସମସ୍ତଙ୍କର ଉପହାସର ପାତ୍ର ହେଲା । ସେ ହେଲା ପ୍ରକୃତିଗତ ନିଷ୍ଠୁରତାର ଶିକାର; ତାକୁ ଯେଉଁମାନେ ବେଢ଼ି ରହିଥିଲେ ସେମାନଙ୍କ ପାଶବିକ ଆନନ୍ଦର ଏକ ଆଧାର ।

ତାର ଅନ୍ଧତ୍ୱ ହେତୁରୁ ତାହାପ୍ରତି ଯେଉଁ ନିର୍ଦ୍ଦୟ ଉପହାସ କରାଗଲା, ତାହା ଅକଳନୀୟ । ତାକୁ ଯାହା ଖାଇବାକୁ ଦିଆଯାଉ-ଥିଲା, ତାହା ପରିବର୍ତ୍ତେ ତାଠାରୁ କିଛି କୌତୁକ ଆଦାୟ କରିବା

Digitized by srujanika@gmail.com

ଉଦ୍ଦେଶ୍ୟରେ ତାର ଖାଇବା ସମୟକୁ ପ୍ରତିବେଶୀମାନଙ୍କର ଆନନ୍ଦର ସମୟରେ ଓ ତା ପ୍ରତି ଦଣ୍ଡବିଧାନ ସମୟରେ ପରିଣତ କରାଇଲା ।

ପ୍ରତିବେଶୀ କୃଷକମାନେ ଏହି କୌତୁକ ଦେଖିବାକୁ ଆସୁଥିଲେ; ଘରେ ଘରେ ଏହାର ଚର୍ଚ୍ଚା ହେଉଥିଲା ଓ ପ୍ରତିଦିନ ତାର ଖାଇବାବେଳେ ବହୁତ ଲୋକ ରୁଣ୍ଡ ହେଉଥିଲେ । ଉଦାହରଣ ସ୍ୱରୂପ, ତା ଆଗରେ ଜାଉଗିନା ରଖି ପାଖରେ ଗୋଟାଏ ବିରାଡ଼ି ବା କୁକ୍କୁର ଛାଡ଼ି ଦିଆଯାଉଥିଲା । ବିରାଡ଼ି ବା କୁକ୍କୁର ନିଜ ପ୍ରବୃତ୍ତିବଳରେ ଲୋକଟିର ଅକ୍ଷମତା ବୁଝିପାରି ଚୁପ୍ କରି ଗିନାରୁ ଜାଉ ଖାଇଦେଉଥିଲେ । ଦୈବାତ୍ ଋକୁଋକୁ ଘେ ଶୁଣି ଅନ୍ଧ ତାକୁ ହାତରେ ମାରିବାକୁ ଗଲେ ସେ ଚୁପ୍ କରି ଖସି ପଳାଉଥିଲା । ଅନେକ ସମୟରେ ତାର ହାତ ପିଟିବା ହିଁ ସାର ହେଉଥିଲା ।

ଅନ୍ଧର ଏପ୍ରକାର ବିଫଳ ପ୍ରୟାସ ଦେଖି ଲୋକମାନେ ଆନନ୍ଦରେ ହସୁଥିଲେ । ସେ ବାଁହାତ ଇତସ୍ତତଃ ହଲାଇ ବିରାଡ଼ି ବା କୁକ୍କୁରକୁ ତଡ଼ିବାର ଚେଷ୍ଟା କରିବା ସଙ୍ଗେ ଡାହାଣ ହାତରେ ଖାଉଥିଲା । ଏହି ଦୃଶ୍ୟ ସେମାନଙ୍କର ଉପଭୋଗର ବସ୍ତୁ ଥିଲା ।

ସମୟ ସମୟରେ ତା ଆଗରେ ଖାଇବାପାଇଁ ବୋତଲ ଠିପି, ଗଛର ପତ୍ର, ମାଟି ବା ଗୋବର ରଖି ଦିଆଯାଉଥିଲା । ସେ ଏହା ଜାଣି ନପାରି ପାଟିରେ ପୂରାଇ ଫିଙ୍ଗି ଦେଉଥିଲା ।

କିଛିଦିନ ପରେ ଏପ୍ରକାର କୌତୁକ ସେମାନଙ୍କୁ ଆଉ ସୁଖକର ଲାଗିଲା ନାହିଁ । ଲୋକଟା କିଛି କାମ ନ କରି ବସି ଖାଇବ, ଏହା ଭାଉଣାଇର ସହ୍ୟ ନ ହେବାର କଥା । ସେ ତାକୁ ମାଡ଼ ଦେବାକୁ ଲାଗିଲେ । ଅନ୍ଧ ବିଚରା କେଉଁ ଆଡ଼କୁ ହାତ ବଢ଼ାଇ ସେଥିରୁ ରକ୍ଷା ପାଇବ ସ୍ଥିର କରିପାରୁ ନଥିଲା । ସେ ଏଣେତେଣେ ହାତ ବୁଲାଉ-

Digitized by srujanika@gmail.com

ଥିଲା । ତା ଧନ୍ଦାକୁ କୌତୁକ କରିବାର ଗୋଟାଏ ନୂଆ ଉପାୟ ବାହାରିଲା । ଚାଷୀ, ଚାଷକରଣୀ, ଚାଲିଯାଉଥିବା ଲୋକ ଯେ କେହି ତା ମୁହଁରେ ବାଧା ମାରୁଥିଲେ । ବାଧା ଖାଇଲାବେଳେ ତାର ଆଖିପତା ଦୁଇଟା ନାଚିଯାଉଥିଲା । ସେ ଲୁଚିବାର ସ୍ଥାନ ପାଉ ନଥିଲା । ସେ କେବଳ ହାତ ଯୋଡ଼ିକ ଚାରିପାଖେ ବୁଲାଇ ଆତ୍ମରକ୍ଷାର କ୍ଷୀଣ ଚେଷ୍ଟା କରୁଥିଲା ।

ଶେଷରେ ସେ ଭିକ ମାଗିବାକୁ ବାଧ୍ୟ ହେଲା ।

ହାଟପାଳି ଦିନ ତାକୁ ରାସ୍ତା ଉପରେ କୌଣସି ସ୍ଥାନରେ ଠିଆ କରାଯାଉଥିଲା । କାହାରି ପାଦଶବ୍ଦ ବା ଗାଡ଼ିଚକିବାର ଶବ୍ଦ ଶୁଣିଲା-କ୍ଷଣି ସେ ନିଜର ଟୋପିଟି ବଢ଼ାଇ ଦେଇ କହୁଥିଲା—'ଦୟା କରି ଅନ୍ଧକୁ କିଛି ଦିଅ ।'

କିନ୍ତୁ ଚାଷୀମାନେ ଦାନ ଦେବାରେ ବଡ଼ କୃପଣ । ସେ ଶୂନ୍ୟ ହାତରେ ଫେରି ଆସୁଥିଲା ।

ଏହାଫଳରେ ସେ ଭୀଷଣ ନିର୍ଦ୍ଦୟ ଘୃଣାର ପାତ୍ର ହେଲା । ତାହାର ମୃତ୍ୟୁ ମଧ୍ୟ ଅତି କରୁଣ ।

ଶୀତଋତୁ । ଚାରିଆଡ଼ ବରଫରେ ପୂର୍ଣ୍ଣ । ଦିନେ ତାର ଭିଣୋଇ ତାକୁ ସାଥିରେ ନେଇ ଭିକ ମାଗିବା ସକାଶେ ଖୁବ୍ ଦୂରରେ ରାସ୍ତା ଉପରେ ଛାଡ଼ି ଆସିଲେ । ସେ ଦିନଯାକ ସେହିଠାରେ ରହିଲା । ଏଣେ ଭିଣୋଇ ପ୍ରଚାର କରିଦେଲେ ଯେ ଅନ୍ଧର କୌଣସି ପତ୍ତା ମିଳୁନାହିଁ । ସେଥିପାଇଁ ଚିନ୍ତାର କାରଣ ନାହିଁ । ତାକୁ କେହି ସାଥିରେ ନେଇଥିବ । ସେ କଅଣ ହଜିଯିବ ? କାଲି ସେ ଖାଇବା-ବେଳକୁ ଫେରି ଆସିବ ।

Digitized by srujanika@gmail.com

ପରଦିନ ସେ ଫେରିଲା ନାହିଁ ।

ଅନ୍ଧ ଅନେକ ବେଳଯାଏ ରାସ୍ତା କଡ଼ରେ ରହି, ବରଫମାଡ଼ ସହି ମଳାପରି ହୋଇଯିବାରୁ ଚାଲିବାକୁ ଆରମ୍ଭ କଲା । କିନ୍ତୁ ରାସ୍ତା ବାରି ନପାରି ସେ ଯେଣେ ଇଚ୍ଛା ତେଣେ ଚାଲିଲା । କେତେ ଥର ଖାଲରେ ପଡ଼ିଲା, କେତେ ଥର ଝୁଣ୍ଟିଲା । କାହାକୁ ସେ କିଛି ନ କହି ଉଠିପଡ଼ି ଚାଲିଲା । ତାର ଲକ୍ଷ୍ୟ, କେଉଁଠି ଆଶ୍ରୟ ନେବ ।

କିନ୍ତୁ କ୍ରମେ ବରଫ ତାର ଶରୀରକୁ ଜଡ଼ କରିଦେଲା । ତାର ଦୁର୍ବଳ ପାଦ ଆଉ ଚାଲିପାରିଲା ନାହିଁ । ସେ ଗୋଟାଏ ପଡ଼ିଆରେ ବସିପଡ଼ିଲା; ଆଉ ଉଠିଲା ନାହିଁ ।

ବରଫବର୍ଷା ହୋଇ ତାକୁ ପୋତିଦେଲା । ବରଫର ସ୍ତୂପ ଭିତରେ ତାର ଜଡ଼ ଶରୀର ଲୁଚିଗଲା । ତାର ମୃତ ଦେହ କେଉଁଠି ରହିଲା, ତାର ଚିହ୍ନ ସୁଦ୍ଧା ରହିଲା ନାହିଁ ।

ତାର କୁଟୁମ୍ବର ଲୋକେ ତାର ସନ୍ଧାନ ନେଉଥିବାର ଛଳନା କଲେ । ଏହିପରି ସପ୍ତାହ ଖଣ୍ଡେ ଗଲା । ଏପରିକି ସେମାନେ ମିଛରେ ତାପାଇଁ କାନ୍ଦୁଥିବାର ଜଣାଇଦେଲେ ।

ସେବର୍ଷ ପ୍ରଚୁର ବରଫବର୍ଷା ହୋଇଥିଲା । ବରଫ ତରଳିବାରେ ଡେରି ହେଲା । ଦିନେ ରବିବାର ହୋଇଥାଏ, କେତେ ଜଣ ଚାଷୀ ଗୀର୍ଜାକୁ ଯାଉଥିଲେ । ବାଟରେ ଦେଖିଲେ, ଗୁଡ଼ାଏ କାଉ ପଡ଼ିଆରେ ଏକା ଜାଗାରେ ରୁଣ୍ଡ ହେଉଛନ୍ତି, କେତେ ଆସୁଛନ୍ତି, କେତେ ଯାଉଛନ୍ତି ।

ପରବର୍ତ୍ତୀ ରବିବାର ଦିନ ମଧ୍ୟ ସେହିପରି ସେହି ସ୍ଥାନରେ କୁଆମାନେ ରୁଣ୍ଡ ହୋଇଥିବାର ଦେଖାଗଲା । ଗୁଡ଼ାଏ ଆକାଶରେ

Digitized by srujanika@gmail.com

ମଧ୍ୟ ଉଡ଼ୁଥିଲେ । ଘରଆଡ଼୍ ସେମାନେ ଉଡ଼ି ଆସୁଥିଲେ; ସେମାନଙ୍କ ରାବରେ କାନ ଅତଡ଼ା ପଡ଼ୁଥିଲା । ଜଣେ ଚାଷୀ ସେଠାରେ କଅଣ ଅଛି ଦେଖିବାକୁ ଗଲା । ଗୋଟାଏ ଅନ୍ଧର ମୃତ ଦେହ ପଡ଼ିଥିବାର ସେ ଦେଖିଲା । ସେଥିରୁ ଅଧେ ହେବ କୁଆମାନେ ଖୁମ୍ପି ଖାଇ ସାରିଥିଲେ ।

ସୂର୍ଯ୍ୟକରଣରେ ଉଜ୍ଜ୍ୱଳ ଦିନ ଦେଖିଲେ, ମୋର ମନେ ପଡ଼ିଯାଏ ସେହି ହତଭାଗ୍ୟ ଅନ୍ଧ, ଯିଏ ଦିନେ ହେଲେ ଜୀବନର ସ୍ୱାଦ ଅନୁଭବ କରି ନଥିଲା ଓ ଯାହାର ମୃତ୍ୟୁରେ ତାର ପରିଚିତ ଲୋକେ ଏତେ ଶାନ୍ତି ପାଇଥିଲେ ।

● ● ●

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

୧ । ଅଲିଭର ଟ୍ୱିଷ୍ଟ
୨ । ଗଲିଭରର ଭ୍ରମଣ କାହାଣୀ
୩ । ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ
୪ । ସମୁଦ୍ରର ନାବିକ
୫ । ରାଜା ସଲୋମନଙ୍କ ସ୍ୱରଖଣି
୬ । ବିପ୍ଳବୀ
୭ । ଛଦ୍ମ ସିପାହୀ
୮ । ପମ୍ପେଇନଗରୀର ଶେଷଦିନ
୯ । ରାଜପୁତ୍ର ଓ ଭିକାରି
୧୦ । ଦୁଇଟି ନଗରୀର କାହାଣୀ
୧୧ । ଡନ୍‌କ୍ୱିକ୍ସୋଟ
୧୨ । ସାଇଲସ୍ ମାରନାର୍
୧୩ । ଲୌହମୁଖାଧାରୀ ମଣିଷ
୧୪ । ରବିନ୍‌ସନ୍ କ୍ରୁଶୋ
୧୫ । ଅଶୀ ଦିନରେ ପୃଥିବୀ ପରିକ୍ରମଣ
୧୬ । ଦୁଃଖିନୀ
୧୭ । ବଉଦ ଚାବକ
୧୮ । ଶେକ୍‌ସପିଅର କାହାଣୀ (୧ମ)
୧୯ । ” ” (୨ୟ)
୨୦ । ” ” (୩ୟ)
୨୧ । ଗ୍ରୀସଦେଶର ଉପକଥା
୨୨ । ଅନେକ ଆଶା
୨୩ । ସମୁଦ୍ର ଗର୍ଭରେ କୋଡ଼ିଏହଜାର ଲିଗ୍ ଭ୍ରମଣ
୨୪ । ଟମ୍‌ସୟର୍
୨୫ । ଟଲଷ୍ଟୟ କାହାଣୀ (୧ମ)
୨୬ । ” ” (୨ୟ)
୨୭ । ଚେକଭ୍ କାହାଣୀ
୨୮ । ଆଇଭାନ୍‌ହୋ
୨୯ । ଚନ୍ଦ୍ରକାନ୍ତ ମଣି
୩୦ । ରତ୍ନଦ୍ୱୀପ
୩୧ । ପ୍ରବାଳ ଦ୍ୱୀପ
୩୨ । କଳାଶର
୩୩ । ରବିନ୍ ହୁଡ୍
୩୪ । ଫ୍ରୋଜୋ
୩୫ । ନିକୋଲାସ ନିକଲ୍‌ବି
୩୬ । ହେଂଜୁର ରୁପର୍ଟ
୩୭ । ବଢଘର
୩୮ । ଡେଭିଡ୍ କପରଫିଲ୍‌ଡ୍
୩୯ । ହରଣ୍ଟେଲ
୪୦ । କଳାଫୁଲ
୪୧ । ଟମକକାଙ୍କ କେବିନ୍
୪୨ । ଲୋରନାଡ଼ୋନ୍
୪୩ । ଓମର କାହାଣୀ
୪୪ । ଗର୍କି କାହାଣୀ

Digitized by srujanika@gmail.com